# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର, ଫେବୃୟାରୀ ୩/୨୦୧୯ (୨୦ ପୃଷ୍ଠା) | Balasore, Sunday, February 3/ 2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



DSPL-381

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

## ଚାଷୀ ମହାସମାବେଶ

## କେନ୍ଦୁଝର

ପଣ୍ଡାପଡ଼ା, ୩ ଫେବୃଆରୀ ୨୦୧୯



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ
ବଂଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

39001/13/0016/1819

www.kalia.co.in

କାଳିଆ ହେଲପ୍‌ଲାଇନ୍ ୨୪X୭ ୧୮୦୦ ୫୭୨ ୧୧୨୨

ଓଡ଼ିଶା ସରକାର

# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ରାଇରଙ୍ଗପୁର ଗସ୍ତ

୩ ଫେବୃଆରୀ ୨୦୧୯ । ରବିବାର
ପୂର୍ବାହ୍ନ ୧୧.୦୦



ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ରାଇରଙ୍ଗପୁର ଏବଂ କରଞ୍ଜିଆ ଉପଖଣ୍ଡରେ **୪୫ କୋଟି** ଟଙ୍କା ବ୍ୟୟରେ ନିର୍ମିତ ୨୧ଟି ଜନହିତକାରୀ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ **୯୬୦.୩୪ କୋଟି** ଟଙ୍କା ମୂଲ୍ୟରେ ୧୫ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

## ଉଦ୍‌ଘାଟନ

- ବାଙ୍ଗିରୀପୋଷୀ ବ୍ଲକର ବାରିପଦା-ବାମନଘାଟୀ ରାସ୍ତାର ଜଉମରା ନାଳ ଉପରେ ଏବଂ ସରସକଣା ବ୍ଲକ୍‌ର ବାଲିଜୋଡ ନାଳ ଉପରେ ୨ଟି ହାଇଲେଭ୍‌ଲ ସେତୁ
- କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ୫୦ ଶଯ୍ୟା ବିଶିଷ୍ଟ ଏବଂ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩୦ ଶଯ୍ୟା ବିଶିଷ୍ଟ ୨ଟି ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର
- ରାଇରଙ୍ଗପୁର ବ୍ଲକ୍‌ର ଛମଡ଼ାଡିହି ନାଳ ଏବଂ ଗୁରିଆ ନାଳ ଉପରେ ୨ଟି ହାଇଲେଭ୍‌ଲ ସେତୁ
- ରାଇରଙ୍ଗପୁର ବ୍ଲକ୍‌ର ପୁରୁଣାପାଣି, ଟୋଲୋକୋ, କୁଲେଇଶିଳା, କାଳିମାଟି ଓ ତିଲେଇଝରି ଏବଂ ବଡମଉଦାଠାରେ ୬ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ରରୁଆଁ ବ୍ଲକ୍‌ର ନୂଆବେଡା, ମରିଚା, ଶୁକ୍ରୁଳି ବ୍ଲକ୍‌ର ନୂଆବେଡା, ବହଳଦା ବ୍ଲକ୍‌ର ତେନ୍ତଳା ଇନ୍ଦ୍‌କୋଲି, ଜାମଡା ବ୍ଲକ୍‌ର କୁଚେଇପାଳ, ଠାକୁରମୁଣ୍ଡା ବ୍ଲକ୍‌ର ଖଣ୍ଡବନ୍ଧ, ଖୁଣ୍ଟାପୋଷୀ, କୁସୁମୀ ବ୍ଲକ୍‌ର ହାତୀଶିକୁଳୀ ଏବଂ ତିରିଂ ବ୍ଲକ୍‌ର ଜଟାଠାରେ ୯ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

## ଭିତ୍ତିପ୍ରସ୍ତର ସ୍ଥାପନ

- ବିଶୋଇ ବ୍ଲକ୍‌ର ରାଜ୍ୟରାଜପଥ-୫୦ ଅନ୍ତର୍ଗତ ବିଶୋଇ-ରାଇରଙ୍ଗପୁର ରାସ୍ତା ଏବଂ ବାଙ୍ଗିରୀପୋଷୀ ବ୍ଲକ୍‌ର କଳାବାଡିଆ-ବାଙ୍ଗିରୀପୋଷୀ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟ
- ରାଇରଙ୍ଗପୁର ବ୍ଲକ୍‌ର ଶିମିଳିନାଳ ଉପରେ ହାଇଲେଭ୍‌ଲ ସେତୁ
- ଠାକୁର ମୁଣ୍ଡା ବ୍ଲକ୍‌ର ଠାକୁର ମୁଣ୍ଡା-ଡଙ୍ଗାଡିହ-ଉଦଳା-ମାଣିତ୍ରୀ-ବଇଶିଙ୍ଗା-ରୁପ୍ସା ରାସ୍ତା ଉନ୍ନତିକରଣ କାର୍ଯ୍ୟ
- ଶୁକ୍ରୁଳି ବ୍ଲକର ମହାଦେବ ଦେଉଳି-ଖୃଚିଂ ରାସ୍ତାରେ କଣ୍ଟାଖଇରି ନଦୀ ଉପରେ ହାଇଲେଭଲ ସେତୁ
- ରାଇରଙ୍ଗପୁର ବ୍ଲକ୍‌ର ଆନନ୍ଦପୁର-ଗୁଣ୍ଡୁରିଆ ରାସ୍ତାରେ ଗୁରିଆ ନାଳ ଏବଂ ଛତ୍ରମଣ୍ଡଳ-ଭୀମଖଣ୍ଡ ରାସ୍ତାରେ କତରା ନଦୀ ଉପରେ ୨ଟି ହାଇଲେଭ୍‌ଲ ସେତୁ
- ରାଇରଙ୍ଗପୁର, କୁସୁମୀ ଏବଂ ଯଶିପୁର ବ୍ଲକ୍‌ରେ ୩ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ
- ଯଶିପୁର ବ୍ଲକ୍‌ର ଭଣ୍ଡନ ନଦୀ, ଠାକୁରମୁଣ୍ଡା ବ୍ଲକ୍‌ର ଗୋବରଯୋଡ ନାଳ ଏବଂ ବାଙ୍ଗିରୀପୋଷୀ ବ୍ଲକ୍‌ର ବୁଢାବଳଙ୍ଗ ନଦୀଉପରେ ୩ଟି ହାଇଲେଭ୍‌ଲ ସେତୁ
- ସରସକଣା ବ୍ଲକ୍‌ରେ ଶଙ୍ଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ
- ଶୁକ୍ରୁଳି ବ୍ଲକ୍‌ର ପାର୍ବତୀପୁର-କାଳନ୍ଦା ରାସ୍ତାରେ ଖଇରି ଭଣ୍ଡନ ନଦୀ ଉପରେ ହାଇଲେଭ୍‌ଲ ସେତୁ

DADLS-266





## ମିଶନ ଶକ୍ତି

### ରାଇରଙ୍ଗପୁର ମହାସମାବେଶ

- ୭୪୫୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା
- ୧୨ ବ୍ଲକ୍‌ସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- ଡିଜିଟାଲ ସଶକ୍ତିକରଣ ନିମନ୍ତେ ୭୪୬୭ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା
- ମୟୂରଭଞ୍ଜ ଜିଲ୍ଲାର ୧୨ ଟି ବ୍ଲକ୍‌ର ସ୍ୱୟଂସହାୟକ ଗୋଷ୍ଠୀ ଓ ମହାସଂଘ ଗୁଡିକୁ ସମୁଦାୟ ୧୬କୋଟି ଟଙ୍କାର ସହାୟତା

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ମହାସମାବେଶରେ ଯୋଗଦାନ, ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ଏବଂ ଉଦ୍‌ବୋଧନ**



15001/13/0570/1819

ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ଫେବୃୟାରୀ ୩/୨୦୧୯ | Balasore, Sunday, February 3/ 2019 | ପୃଷ୍ଠା-୧



### ଅନୁରାଗ ବସୁଙ୍କ ଫିଲ୍ମରେ ଅଭିନୟ କରିବେ ସାନ୍ୟା

ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି।

୦୩

୧୭

### ମନ୍ଧାନା ନମ୍ବର ୱାନ୍

ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟ୍ସୱମ୍ୟାନ ତାଲିକାରେ ଭାରତର ସ୍ମୃତି ମନ୍ଧାନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



## ଭାଜପା ଅନୁସୂଚିତ ଜନଜାତି ରାଷ୍ଟ୍ରୀୟ ମହା ଅଧିବେଶନ

# 'ଦୟନୀୟ ସ୍ଥିତିରେ ଓଡ଼ିଶା ଜନଜାତି'

**ପୁରୀ ଅଫିସ,୨।୨**

କୌଣସି ରାଜ୍ୟରେ ଗୋଟିଏ ସରକାରକୁ ପରିବର୍ତ୍ତନ କରିବାରେ ଅନୁସୂଚିତ ଜନଜାତିଙ୍କ ପାଖରେ ଯଥେଷ୍ଟ ସାମର୍ଥ୍ୟ ରହିଛି। ତ୍ରିପୁରାରେ ଆଦିବାସୀ ଜନଜାତି ରହୁଥିବା ମାତ୍ର ୪ ପ୍ରତିଶତ ଗାଁକୁ ପାନୀୟ ଜଳର ବ୍ୟବସ୍ଥା ଥିଲା। ସବୁକ୍ଷେତ୍ରରେ ସେମାନଙ୍କୁ ଅବହେଳା କରାଯାଉଥିଲା। ୨୦୧୮ରେ 'ପାହାଡ଼ ଯାହାର, ସରକାର ତାହାର' ଆହ୍ୱାନ ଜନଜାତିଙ୍କ ମନରେ ବିଶ୍ୱାସ ଆଣିଲା। ଫଳରେ ୨୫ ବର୍ଷର ବାମପନ୍ଥୀ ସରକାରର ପତନ ହେଲା। ଏବେ ପ୍ରତ୍ୟେକ ଗାଁକୁ ସଡ଼କ, ବିଜୁଳି, ପାନୀୟ ଜଳ ଆଦିର ସୁବିଧା କରାଯାଇଛି। ଓଡ଼ିଶାରେ ଦୀର୍ଘ ୧୯ ବର୍ଷ ଧରି ବିଜେଡି ସରକାରରେ ରହିଛି। କିନ୍ତୁ ଏଠାକାର ଜନଜାତିଙ୍କର କୌଣସି ବିକାଶ ହୋଇନାହିଁ। ତେଣୁ ୧୯ ବର୍ଷର ବିଜେଡି ସରକାରକୁ ବଦଳାଇବାକୁ ପଡିବ। ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ରାଷ୍ଟ୍ରୀୟ ମହାଅଧିବେଶନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତ୍ରିପୁରାର ଉପମୁଖ୍ୟମନ୍ତ୍ରୀ ଜିଷ୍ଣୁଦେବ ବର୍ମନ ଉପରୋକ୍ତ କଥା କହିଛନ୍ତି। ଉଦ୍‌ଘାଟନୀ ସଭାରେ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ରାମବିଚାର ନେତାମ ମଧ୍ୟ ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ସ୍ଥିତି ଦେଶରେ ସବୁଠୁ ଦୟନୀୟ। ଏମାନଙ୍କ ସାମାଜିକ, ଆର୍ଥିକ ସ୍ଥିତିରେ ସୁଧାର ଆସୁ ଏଠାକାର ସରକାର ଚାହୁଁନାହାନ୍ତି। ଏଥିପାଇଁ ବିଜେଡି ସରକାରକୁ ପରିବର୍ତ୍ତନ କରିବାକୁ ପଡିବ। ଦେଶରେ ବିକାଶର ଯେଉଁ ଗଙ୍ଗା ବହୁଛି ସେଥିରେ ସହଭାଗିତା ହେବାକୁ ନେତାମ ଉପସ୍ଥିତ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଓଡ଼ିଶାକୁ ୯୨ଟି ଏକଲବ୍ୟ ସ୍କୁଲ ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ମିଳୁନାହିଁ।



ଉଦ୍‌ଘାଟନୀ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ରାମବିଚାର ନେତାମ ଓ ଭାଜପା ନେତୃବୃନ୍ଦ।

କାର୍ଯ୍ୟକ୍ରମରେ ଅନ୍ୟତମ ପ୍ରମୁଖ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଥିଲେ ଯେ, ଉତ୍ତରପୂର୍ବର ପ୍ରତ୍ୟେକ ରାଜ୍ୟରେ ଅନୁସୂଚିତ ଜନଜାତି ବସବାସ କରୁଛନ୍ତି। ହେଲେ ଏହି ଅଞ୍ଚଳକୁ କେହି କେବେ ଗୁରୁତ୍ୱ ଦେଉ ନ ଥିଲେ। କିନ୍ତୁ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ଥିବା ସମ୍ଭାବନା, ଶକ୍ତି ଓ ଭାବନାକୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ହିଁ ଆବିଷ୍କାର କରିଛନ୍ତି। ମୋଦି ହିଁ ଉତ୍ତରପୂର୍ବ ରାଜ୍ୟକୁ ଠିକ୍ ଭାବେ ଚିହ୍ନି ପାରିଛନ୍ତି, ଯେଉଁଥିପାଇଁ ସେ ଉତ୍ତରପୂର୍ବ ରାଜ୍ୟକୁ ଅଷ୍ଟଲକ୍ଷ୍ମୀ ବୋଲି କହିଛନ୍ତି। ସୋନୱାଲ ଆହୁରି କହିଥିଲେ ଯେ, ଶିକ୍ଷା ବିନା କୌଣସି ବ୍ୟକ୍ତି ଶକ୍ତିଶାଳୀ ହୋଇପାରିବ ନାହିଁ। ତେଣୁ ଜନଜାତିଙ୍କ ବିକାଶ ପାଇଁ ଆମକୁ ଶିକ୍ଷା ଉପରେ ଅଧିକ ଫୋକସ ଦେବାକୁ ହେବ। କେନ୍ଦ୍ର ସରକାର ଜନଜାତିଙ୍କ ବିକାଶ ପାଇଁ ରାସ୍ତା, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବିକାଶର ଧାରାକୁ ଆହୁରି ଆଗେଇ ନେବାକୁ ହେଲେ ଆମକୁ ପୁଣିଥରେ ଭାଜପାକୁ କ୍ଷମତାସୀନ କରିବାକୁ ପଡିବ ବୋଲି ସୋନୱାଲ ଆହ୍ୱାନ ଦେଇଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଥିଲେ ଯେ, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଜଗନ୍ନାଥଙ୍କ ଧାମକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ନିର୍ବାଚନ ଆରମ୍ଭ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ଜନଜାତିଙ୍କ ଦେବତା ବୋଲି ସମସ୍ତେ ମାନନ୍ତି। ତେଣୁ ଏହି ପବିତ୍ର ପୀଠରୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ, ମୋର୍ଚ୍ଚାର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଫଗନ ସିଂ କୁଲସ୍ତେ, ମୋର୍ଚ୍ଚାର ଓଡ଼ିଶା ସଭାପତି ରବି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ରାଜସ୍ଥାନର ଅର୍ଜୁନଲାଲ ମିନା, ମଧ୍ୟପ୍ରଦେଶର ସୁବାସ ପଟେଲ, ଝାଡ଼ଖଣ୍ଡର ଲକ୍ଷ୍ମଣ ଟୁଡୁଙ୍କ ସମେତ ଭାରତର ବିଭିନ୍ନ ☞ପୃଷ୍ଠା-୨

- ଉତ୍ତରପୂର୍ବ ରାଜ୍ୟ ହେଉଛି ଅଷ୍ଟଲକ୍ଷ୍ମୀ
- ତ୍ରିପୁରାର ୨୫ ବର୍ଷର ସରକାରର ପତନ ଘଟିଛି
- ୧୯ ବର୍ଷର ବିଜେଡି ସରକାରକୁ ବଦଳାଇବାକୁ ହେବ
- ଆଜି ଆଦିବାସୀ ଅଧିକାର ରାଲି

# ଋଷି କୁମାର ଶୁକ୍ଲା ସିବିଆଇ ମୁଖ୍ୟ

**ନୂଆଦିଲ୍ଲୀ,୨।୨(ପି.ଟି.)**

ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଋଷି କୁମାର ଶୁକ୍ଲାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୨ ବର୍ଷ ରହିବେ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୧୯୮୩ ବ୍ୟାଚର ମଧ୍ୟପ୍ରଦେଶ କ୍ୟାଡର ଆଇପିଏସ୍ ଅଫିସର ଶୁକ୍ଲା ଏବେ ରାଜ୍ୟ ପୋଲିସ ଗୃହନିର୍ମାଣ ନିଗମ ଅଧ୍ୟକ୍ଷ ଅଛନ୍ତି। ସିବିଆଇ ନିର୍ଦ୍ଦେଶକ ପଦବୀ ଲାଗି ପ୍ରସ୍ତୁତ ବୃତ୍ତାନ୍ତ ତାଲିକାରେ ୩୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ ନାମ ରହିଥିବାବେଳେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଶେଷରେ ଶୁକ୍ଲାଙ୍କ ନାମ ଉପରେ ମୋହର ମାରିଛି। ଫଳରେ ତଦନ୍ତକାରୀ ସଂସ୍ଥାରେ କିଛି ମାସ ଧରି ଦେଖାଦେଇଥିବା ଅଚଳାବସ୍ଥାର ଅବସାନ ☞ପୃଷ୍ଠା-୨

## ଆଜି ମୁଖ୍ୟମନ୍ତ୍ରୀଙ୍କ ରାଇରଙ୍ଗପୁର, କେନ୍ଦୁଝର ଗସ୍ତ

**ବାରିପଦା ଅଫିସ/କେନ୍ଦୁଝର(ସ୍ୱ.ପ୍ର.), ୨।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ରାଇରଙ୍ଗପୁର ଓ କେନ୍ଦୁଝର ଗସ୍ତ କରିବେ। ପୂର୍ବାହ୍ନ ୧୦ଟା ୪୦ରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ରାଇସୁଆଁ ଏୟାରଷ୍ଟ୍ରିପରେ ପହଞ୍ଚି ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଯିବେ। ୧୧ଟା ୧୫ରେ ମହୁଲଡିହା ପଡିଆରେ ରାଇରଙ୍ଗପୁର ମିଶନଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ସେ ଯୋଗଦେବେ। ସେଠାରୁ ୧୨ଟାରେ ବାହାରି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପିଣ୍ଡପଡାରେ ସାଢେ ୧୨ଟାରେ ପହଞ୍ଚିବେ। ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ କୃଷକ ସମାବେଶ 'କାଳିଆ' କାର୍ଯ୍ୟକ୍ରମରେ ଯୋଗଦେବା ପରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ୧ଟା ୧୫ରେ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପରୁ ଭୁବନେଶ୍ୱର ଫେରିଯିବେ।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ସର୍ବନିମ୍ନ ଆୟ ପ୍ରସ୍ତାବ**

**ଆଜିର ମନ୍ତବ୍ୟ**

" ପରସ୍ପରର ମୁହଁ ଚାହୁଁ ନ ଥିବା ଲୋକେ ଏବେ କୋଳାକୋଳି ହେଉଛନ୍ତି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୫୭ ରାଷ୍ଟ୍ରାୟତ୍ତ ସଂସ୍ଥା ବର୍ତ୍ତମାନ ଷ୍ଟକ ବଜାରରେ ସୂଚୀଭୁକ୍ତ ଥିବା ବେଳେ ସେମାନଙ୍କର ମୋଟ ବଜାର କ୍ୟାପିଟାଲାଇଜେଶନ ୧୩ ଲକ୍ଷ କୋଟି ଟଙ୍କା ରହିଛି। –ଅର୍ଥ ମନ୍ତ୍ରଣାଳୟ

# ନିଲାମ ହେବ ୧୦୦ ଖଣି

**ଭୁବନେଶ୍ୱର,୨।୨**

ଚଳିତବର୍ଷ ଦେଶରେ ୧୦୦ ନୂଆ ଖଣି ନିଲାମ ହେବ। ଏଥିଲାଗି କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ୫୩ ଖଣିଜ ବ୍ଲକ ନିଲାମ କରିବାକୁ ସରକାର ସକ୍ଷମ ହୋଇଛନ୍ତି। ନିଲାମରୁ ୧.୪୩ ଲକ୍ଷ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ମିଳିଛି। ଉକ୍ତ ରାଜସ୍ୱ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବ ବୋଲି କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

ଏଠାରେ ତିନିଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ଆଲୁମିନିୟମ କନଫରେନ୍ସ (ଇନ୍‌କାଲ୍)ର ଉଦ୍‌ଯାପନୀ ଦିବସରେ ଶନିବାର ଯୋଗଦେଇ ତୋମାର କହିଛନ୍ତି, ଚଳିତ ବର୍ଷ ଅବଧି ଶେଷ ହେଉଥିବା ଖଣିଗୁଡ଼ିକର ଉଚିତ୍ ସମୟରେ ମଧ୍ୟ ନିଲାମ ସାରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଛନ୍ତି। ସେହିଭଳି ଶକ୍ତି କମ୍ପାନୀଗୁଡ଼ିକୁ କୋଇଲା ନିଅଣ୍ଟ ଉପରେ ଏକ ପ୍ରଶ୍ନର ଉତ୍ତରରେ ତୋମାର କହିଛନ୍ତି ଯେ, କମ୍ପାନୀଗୁଡ଼ିକର ଇନ୍ଧନ ଆବଶ୍ୟକତା ଉପରେ ନଜର ରଖାଯାଇଛି। ଯଦି କୌଣସି କ୍ଷେତ୍ରରେ ଅସୁବିଧା ହେଉଛି, ତା'ର ସମାଧାନ କରାଯାଉଛି।

ଚାହିଦାକୁ ଧ୍ୟାନରେ ରଖି ଦେଶରେ ଆଲୁମିନିୟମ ଉତ୍ପାଦନ ୨୦୩୦ ସୁଦ୍ଧା ୩ ଗୁଣ ବଢାଇ ବାର୍ଷିକ ୧୦ ନିୟୁତ ଟନ କରିବାକୁ ଯୋଜନା ରହିଥିବା ତୋମାର ସ୍ପଷ୍ଟ କରିଛନ୍ତି। ଦେଶରେ ବର୍ତ୍ତମାନ ବାର୍ଷିକ ୩.୪ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ ହେଉଛି। ପ୍ରତିରକ୍ଷା, ରେଲୱେ ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏହାର ଉପଯୋଗିତା ବଢିବାରେ ଲାଗିଛି। ☞ପୃଷ୍ଠା-୨

- ଦେଶରେ ୫୩ ଖଣି ନିଲାମ ହୋଇଛି
- ଅବଧି ଶେଷ ଖଣିର ଅକ୍ସନ ଲାଗି ସରକାର ପ୍ରସ୍ତୁତ
- କମ୍ପାନୀଗୁଡ଼ିକର ଇନ୍ଧନ ଆବଶ୍ୟକତା ପୂରଣ ଉପରେ ନଜର
- ଆଲୁମିନିୟମ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ





ନରେନ୍ଦ୍ର ସିଂ ତୋମାର

# ୩ ଜୁଆଙ୍ଗ ଶିଶୁଙ୍କୁ ଚେଙ୍କ

**ତେଲକୋଇ,୨।୨(ଡି.ଏନ.ଏ.)**

ଆଦିବାସୀ ବହୁଳ କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଅନ୍ଧବିଶ୍ୱାସ ଯୋଗୁ ୩ ନିରୀହ ଶିଶୁଙ୍କୁ ଚେଙ୍କ ଦିଆଯାଇଛି। ଏହି ଘଟଣାରେ ଜଣେ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ୨ ଶିଶୁ ଘରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରୀ ପତ୍ରଫଡି ଜୁଆଙ୍ଗ ବସ୍ତିରେ ଏକ ୨୮ ଦିନର ଶିଶୁ ସମେତ ୨ମାସର ଅରୁଣ ଜୁଆଙ୍ଗ ଓ ୧ବର୍ଷ ୫ ମାସର ଶିଶୁ ଭାରତୀ ଜୁଆଙ୍ଗଙ୍କୁ ଚେଙ୍କ ଦିଆଯାଇଛି। ଜୁଆଙ୍ଗ ଜନଜାତିର ଲୋକମାନେ ଜ୍ୱର କିମ୍ବା କୌଣସି ରୋଗ ହେଲେ ଚେଙ୍କର ଆଶ୍ରୟ ନେଇଥାନ୍ତି। ଗତ କିଛିଦିନ ତଳେ ଉପରୋକ୍ତ ୨୮ଦିନର ଶିଶୁକୁ ସାମାନ୍ୟ ଜ୍ୱର ହୋଇଥିଲା। ଘରୋଇ ଉପଚାର କରାଯାଇଥିଲେ ମଧ୍ୟ ଶିଶୁଟି ଆରୋଗ୍ୟ ହୋଇ ନ ଥିଲା। ଶେଷରେ ପରିବାର ଲୋକେ ଚେଙ୍କର ସହାୟତା ନେଇଥିଲେ। ଚେଙ୍କ ନେବା ପରେ ଉକ୍ତ ଶିଶୁ ଗୁରୁତର ହୋଇପଡିଥିଲା। ଏହି ଖବର ଜଣାପଡିବା ପରେ ଆଶା ଦିଦି ଶିଶୁଟିକୁ ତୁରନ୍ତ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିପରି ଅନ୍ୟ ୨ଶିଶୁ ଅସୁସ୍ଥ ହେବାପରେ ତାଙ୍କ ପରିବାର ଲୋକେ ଚେଙ୍କ ଦେବାର ବ୍ୟବସ୍ଥା କରିଥିଲେ। ଫଳରେ ସେହି ଶିଶୁଦ୍ୱୟ ମଧ୍ୟଅସୁସ୍ଥଅଛନ୍ତି।ସେମାନଙ୍କୁଘରେଚିକିତ୍ସାକରାଯାଉଛି।

ଜୁଆଙ୍ଗ ବସ୍ତିର ମୁଖିଆ ଗୁରୁବାରିଆ ଜୁଆଙ୍ଗଙ୍କ କହିବାନୁଯାୟୀ ପିଲାଙ୍କୁ ବାରମ୍ବାର ଜ୍ୱର କି ପେଟ ବ୍ୟଥା ହେଲେ ଏହି ଚେଙ୍କ ଦିଆଯାଏ। ଏପରି କି ଭବିଷ୍ୟତରେ ଚଡ଼କ କବଳରୁ ବର୍ତ୍ତିବା ପାଇଁ ମଧ୍ୟ ଆମେ ପିଲାଙ୍କୁ ଏଭଳି ଚେଙ୍କ ଦେଇଥାଉ। ଗ୍ରାମର ଆଶା ଦିଦି ହେମଲତା ମହାନ୍ତ କୁହନ୍ତି, ଆମେ ଆଦିବାସୀ ବହୁଳ ଅଞ୍ଚଳରେ ରହି ଲୋକମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସଚେତନ କରାଉଛୁ। ହେଲେ ଜୁଆଙ୍ଗ ଜନଜାତି ଲୋକମାନେ ସେମାନଙ୍କ ପାରମ୍ପରିକ ଚେଙ୍କ ଚିକିତ୍ସାକୁ ଆପଣାଇ ଥିବାରୁ ଏପରି ସମସ୍ୟା ଘଟୁଛି। ସଚେତନତା ଅଭାବରୁ ଏଭଳି ଘଟଣା ଘଟିଛି।

**ପୁଣି ଅନ୍ଧବିଶ୍ୱାସ**

- ଜଣେ ଗୁରୁତର



SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE
02.02.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 83 | 136 | 146 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 86 | 140 | 150 |
| BLS | 86 | 140 | 150 |
| ANG | 85 | 139 | 149 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମୁଁନା
ପରିବାରବର୍ଗ


ବିଘ୍ନେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## AFFIDAVIT

My actual name is Dhananjay Swain but wrongly mention in my HSC Certificate as Dhananjaya Swain vide this affidavit declare that Dhananjay Swain & Dhananjaya Swain is one & same person. D-10924

By virtue of affidavit before Notary Public, BBSR, N.Preeti Choudhury, W/o- Srikant Patra after my marriage changed my name from N.Preeti Choudhury to Preeti Patra. D-10925

# ଦିଲ୍ଲୀରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୨।୨:** ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତ ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଶନିବାର ସଂଧ୍ୟାରେ ଭୂକମ୍ପ ସୃଷ୍ଟିହେବା ଫଳରେ ଦିଲ୍ଲୀ-ଏନ୍‌ସିଆର (ନ୍ୟାଶନାଲ କ୍ୟାପିଟାଲ୍ ରିଜିୟନ୍) ଏବଂ ଜମ୍ମୁ-କଶ୍ମୀରର କିଛି ଅଂଶରେ ମୃଦୁକମ୍ପନ ସୃଷ୍ଟି ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୬.୧। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୃଥିବୀ ପୃଷ୍ଠଠାରୁ ୨୧୨ କିଲୋମିଟର ଗଭୀରତାରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଅପରାହ୍ଣ ୫ଟା ୩୪ରେ ଭୂକମ୍ପ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୪୦-୫୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା।

■ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼

# ରିଟର୍ନ ଦାଖଲରୁ ମୁକ୍ତି ମିଳିବନି

**ନୂଆଦିଲ୍ଲୀ,୨।୨**




ଅନ୍ତରୀଣ ବଜେଟରେ ବାର୍ଷିକ ଟିକସ ଛାଡ଼ ସୀମା ୫ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ଏଥିଯୋଗୁ ଆୟକର ବିଭାଗର ଅଧିକାରୀଙ୍କଠାରୁ ମୁକ୍ତି ମିଳିଗଲା ବୋଲି ଯଦି କିଏ ଭାବୁଥାଆନ୍ତି, ତେବେ ସେ ଭୁଲ୍ କରୁଛନ୍ତି ମନେ କରିବାକୁ ହେବ। ଟିକସଦାତା ଶୂନ ଟିକସର ଫାଇଦା ନେଇପାରିବେ ସତ, କିନ୍ତୁ ତାଙ୍କୁ ନିଜର ଆୟ ଦର୍ଶାଇ ରିଟର୍ନ ଦାଖଲ କରିବାକୁ ହେବ। ଏଥିରୁ ନିସ୍ତାର ମିଳିବ ନାହିଁ। ୬୦ ବର୍ଷରୁ କମ୍ ଆୟକାରୀଙ୍କ ଲାଗି ମୂଳ ଟିକସ ଛାଡ଼ ସୀମା ୨.୫ ଲକ୍ଷ ଟଙ୍କା ପୂର୍ବରୁ ଧାର୍ଯ୍ୟ ହୋଇଛି। ବରିଷ୍ଠ ନାଗରିକଙ୍କ ଲାଗି ଏହି ସୀମା ୩ ଲକ୍ଷ ଟଙ୍କା ରହିଛି। ଏଣୁ ଏହି ସୀମା ବାହାରେ ଆୟ କରୁଥିଲେ ଆୟକର ରିଟର୍ନ ଦାଖଲ କରିବାକୁ ପଡ଼ିବ। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡ଼ିବ ନାହିଁ ଭାବି ଚୁପ୍ ହୋଇ ବସିଗଲେ ଅସୁବିଧାରେ ପଡ଼ିବା ନିଶ୍ଚିତ। କାରଣ ରିଟର୍ନ ଦାଖଲ କରି ନ ଥିବା ଦର୍ଶାଇ ଆୟକର ବିଭାଗ ପକ୍ଷରୁ ନିଶ୍ଚିତ ଭାବେ ନୋଟିସ ପଠାଯିବ। ଏହାର ଉତ୍ତର ଦେବାକୁ ଆୟକାରୀ ବାଧ୍ୟ ରହିବେ। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଅନ୍ତରୀଣ ବଜେଟ ଉପସ୍ଥାପନ ହୋଇଛି। ଏହା ଆସନ୍ତା ଏପ୍ରିଲରୁ ଲାଗୁ ହେବ। ଅର୍ଥାତ୍ ନୂଆ ଆର୍ଥିକ ବର୍ଷରେ ଟିକସଦାତାଙ୍କୁ ନିଜ ଆୟ ସମ୍ପର୍କରେ ଜଣାଇବା ଲାଗି ରିଟର୍ନ ଦାଖଲ କରିବାକୁ ହେବ। ଉଦାହରଣ ସ୍ୱରୂପ, ଜଣେ ଟିକସଦାତା ନିଜର ମୋଟ ଆୟରେ ବାର୍ଷିକ ଦରମା, ସଞ୍ଚୟ ଉପରେ ମିଳୁଥିବା ସୁଧ, ସ୍ଥାୟୀ ଜମା ଉପରେ ମିଳୁଥିବା ସୁଧ ଆଦିକୁ ସାମିଲ କରି ରିଟର୍ନରେ ଦର୍ଶାଇବେ। ଏହାପରେ ଆୟକର ଧାରା ୮୦ସି ଏବଂ ୮୦ଡି ଅଧୀନରେ ଘର ଭଡ଼ା(ଏଚ୍‌ଆରଏ) ସମେତ ସମସ୍ତ ପ୍ରକାର ରିହାତିକୁ ଦର୍ଶାଇବେ। ସମସ୍ତ ପ୍ରକାର ରିହାତି ଦର୍ଶାଇବା ପରେ ଯଦି ଆୟ ୫ ଲକ୍ଷ ଟଙ୍କା ହୁଏ, ତେବେ ଆୟକର ଆଇନର ଧାରା ୮୭ଏ ଅଧୀନରେ ଟିକସ ଛାଡ଼ ସୁବିଧା ପାଇବା ଲାଗି ରିଟର୍ନରେ ଦର୍ଶାଇପାରିବେ।

# ସାହାବୁଦ୍ଦିନଙ୍କ ପୁତୁରାଙ୍କୁ ଗୁଳି କରି ହତ୍ୟା



**ପାଟନା,୨।୨(ପି.ଟି.)**

ଡବଲ୍ ମର୍ଡର ଘଟଣାରେ ଜେଲ୍‌ରେ ଥିବା ମାଫିଆ ଡନ୍ ତଥା ବାହୁବଳୀ ନେତା ମହମ୍ମଦ ସାହାବୁଦ୍ଦିନଙ୍କ ପୁତୁରା ମହମ୍ମଦ ୟୁସୁଫ୍ (୪୦)ଙ୍କୁ ଶୁକ୍ରବାର ରାତିରେ ଗୁଳି କରି ହତ୍ୟା କରାଯାଇଛି। ଥାନାଠାରୁ ଅଧ କିଲୋମିଟର ଦୂରରେ ଏହି ଗୁଳିକାଣ୍ଡ ଘଟିଥିବା ସିୱାନ ଏସ୍‌ପି ନବୀନ ଚନ୍ଦ୍ର ଝା କହିଛନ୍ତି। ୟୁସୁଫ୍‌ଙ୍କ ଛାତିରେ ଗୁଳି ମାଡ଼ ହୋଇଛି। ଘଟଣାସ୍ଥଳରୁ ଅଫୁଟା ଗୁଳି ଜବତ ହୋଇଛି। ଏହି ଘଟଣା ପରେ ସିୱାନ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ସହରରେ ମୁତୟନ କରାଯାଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ ହୋଇଛି।

ଆଇନ୍ ହାତକୁ ନେଲେ 'କାଳିଆ' ଆଶାୟୀ

# ନୋଡାଲ ଅଫିସରଙ୍କୁ ନିସ୍ଥୁକ ପିଟିଲେ

**ଢେଙ୍କାନାଳ ଅଫିସ, ୨।୨**

■ ତାଲିକାଭୁକ୍ତ ନ ଥିବାରୁ ଆକ୍ରମଣ ଅଭିଯୋଗ

■ ସୁରକ୍ଷା ନ ମିଳିଲେ ଆଜିଠୁ କାମ ବନ୍ଦ: ସଂଘ


ମାଡ ଖାଇଥିବା କର୍ମଚାରୀ

'କାଳିଆ' ଯୋଜନାରେ ନାମ ତାଲିକାଭୁକ୍ତ ନ ଥିବାରୁ ଜଣେ ଆଶାୟୀ ନୋଡ଼ାଲ ଅଫିସରଙ୍କୁ ନିସ୍ଥୁକ ମାଡ଼ ମାରିବା ଘଟଣା ଢେଙ୍କାନାଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି କୃଷି ବିଭାଗ କର୍ମଚାରୀ ଚିନ୍ତାମଣି ଦେହୁରୀ। ତାଙ୍କ କାନ, ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସରକାରୀ କାର୍ଯ୍ୟରେ ନିୟୋଜିତ ଜଣେ କର୍ମଚାରୀଙ୍କୁ ସ୍ପଷ୍ଟ ଦିବାଲୋକରେ ମାଡ଼ ମରାଯିବାକୁ ତୀବ୍ର ନିନ୍ଦା କରିଛି ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଶାଖା। ଆବଶ୍ୟକ ସୁରକ୍ଷା ଯୋଗାଇ ନ ଦେଲେ ରବିବାରଠାରୁ ଜିଲାରେ 'କାଳିଆ' ଯୋଜନା କାମ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ମନ୍ଦାର ପଞ୍ଚାୟତ ଅଫିସରେ ଚିନ୍ତାମଣି କାର୍ଯ୍ୟରତ ଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ରେ ମନ୍ଦାର ଗ୍ରାମର ଦୁଷ୍ମନ୍ତ କୁମାର ମଲ୍ଲିକ ଆସି ତାଙ୍କ ନାମ କାଳିଆ ତାଲିକାଭୁକ୍ତ ହୋଇ ନ ଥିବା କହି ଧମକ ଚମକ ଦେଇଥିଲେ। ତେବେ ତଥ୍ୟ ଅସମ୍ପୂର୍ଣ୍ଣ ଥିବାରୁ ଏପରି ସମସ୍ୟା ହୋଇଥିବା ଚିନ୍ତାମଣି କହିଥିଲେ। ଏଥିରେ ଉତ୍ତେଜିତ ହୋଇ ଦୁଷ୍ମନ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ନିସ୍ଥୁକ ପିଟିଥିଲେ। ଏ ସଂକ୍ରାନ୍ତରେ ସଂଘ ଏବଂ ଉପରିସ୍ଥ କର୍ମଚାରୀଙ୍କୁ ତୁରନ୍ତ ଅବଗତ କରାଯିବା ସହ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅପରାହ୍ଣ ସାଢ଼େ ୫ଟାରେ ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଭେଟି ସମସ୍ତ ଘଟଣାବଳୀ ଜଣାଇଥିଲେ।

ଏ ନେଇ ଅତିରିକ୍ତ ଜିଲାପାଳ କୁହନ୍ତି, ଅଭିଯୋଗ ପରେ ତୁରନ୍ତ ମାମଲା ରୁଜୁ କରିବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାଡ଼ ଖାଇଥିବା କର୍ମଚାରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା ଜାରିରହିଛି। ଏ ନେଇ ଜିଲା କୃଷି ଉପ ନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, କୃଷି ବିଭାଗ କର୍ମଚାରୀଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏସ୍‌ଡିପିଓ ଶେଖ ଅବଦୁଲ କରିମ୍ କୁହନ୍ତି, ଏ ନେଇ ନଂ. ୧୯/୧୯ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ କରୁଛି।

■ କନ୍ଧମାଳରେ ଆଉ ଏକ ଲଜ୍ଜା

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨।୨(ଡି.ଏନ.ଏ)**

କନ୍ଧମାଳ ଜିଲାରେ ନାବାଳିକା ଯୌନ ନିର୍ଯାତନା ଦିନକୁ ଦିନ ବଢିବାରେ ଲାଗିଛି। କିଛିଦିନ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଏକାଧିକ ନାବାଳିକା ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଛି। ଏହା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିବାବେଳେ ପୁଣି ଏଭଳି ଏକ ଘଟଣା ଘଟିଛି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ। ଜଣେ ନବମ ଶ୍ରେଣୀ ଛାତ୍ରୀ (୧୫ବର୍ଷ) ଗର୍ଭବତୀ ହୋଇଥିବା ଜଣାପଡିଛି। ଏନେଇ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ଶନିବାର ଗଜପତି ଜିଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣକ ୬ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ଡାକ୍ତର ମୋହନା ଥାନାକୁ ଲିଖିତ ଭାବେ ଅବଗତ କରାଇଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ଘଟଣାଟି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ହୋଇଥିବାରୁ ମୋହନା ପୋଲିସ ବ୍ରାହ୍ମଣୀଗାଁ ଥାନାକୁ ଚିଠି କରି ମାମଲା ପଞ୍ଜୀକୃତ କରିବାକୁ ଜଣାଇଥିଲେ। ପରେ ନାବାଳିକା ଏବଂ ତାଙ୍କ ପରିବାର ଲୋକେ ବ୍ରାହ୍ମଣୀଗାଁ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ.୮/୧୯)ରେ ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି।

# ୫ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

କଟକ ଅଫିସ,୨।୨- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବ ଆସନ୍ତା ୫ ତାରିଖରେ ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍‌ଠାରେ ନିର୍ମିତ ନୂତନ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏହା ଏକ ସଭା ନୁହେଁ, ବରଂ ରେଭେନ୍‌ଶା ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଉତ୍ସବ ବୋଲି କହିଛନ୍ତି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର। ଶନିବାର କୁଳପତିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ଉତ୍ସବରେ ୧୩୮୩ଜଣଙ୍କୁ ସ୍ନାତକ, ୯୯୬ଜଣଙ୍କୁ ସ୍ନାତକୋତ୍ତର, ୨୭୪ଜଣଙ୍କୁ ଏମ୍‌ଫିଲ, ୭୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯିବ। ସ୍ନାତକ କ୍ଷେତ୍ରରେ ୨୯ଜଣ ସ୍ୱର୍ଣ୍ଣପଦକ ପାଇବାକୁଥିବାବେଳେ ଏମାନଙ୍କ ମଧ୍ୟରେ ୧୩ଜଣ ଛାତ୍ର ଓ ୧୬ଜଣ ଛାତ୍ରୀ ରହିଛନ୍ତି। ସେହିପରି ସ୍ନାତକୋତ୍ତର କ୍ଷେତ୍ରରେ ୭ଜଣ ଛାତ୍ର, ୨୩ଜଣ ଛାତ୍ରୀ ସ୍ୱର୍ଣ୍ଣପଦକ ପାଇବେ। ରେଗୁଲାର ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ଶୌର୍ଯ୍ୟା ନାୟକ ଓ ପ୍ରଫେଶନାଲ ପାଠ୍ୟକ୍ରମ କ୍ଷେତ୍ରରେ ଶ୍ରେଷ୍ଠ ସ୍ନାତକ ହୋଇଥିବା ବିଟନ ଭଟ୍ଟାଚାର୍ଯ୍ୟଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ଏହି ଅବସରରେ ୩ଜଣ ବ୍ୟକ୍ତିବିଶେଷଙ୍କୁ ଡକ୍ଟରେଟ ଉପାଧି ମିଳିବ। ସେମାନେ ହେଲେ ପଦ୍ମବିଭୂଷଣ ପ୍ରଫେସର ପ୍ରକାଶ ନାରାୟଣ ଟଣ୍ଡନ, ଅନନ୍ତ ମହାପାତ୍ର ଓ ଡ. ନିବେଦିତା ମହାନ୍ତି। ପ୍ରଫେସର ଟଣ୍ଡନ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ)ର ନ୍ୟୁରୋସର୍ଜନ ବିଭାଗର ପ୍ରତିଷ୍ଠାତା ଅଟନ୍ତି। ବିଦେଶରେ ଓଡ଼ିଶା ସଂସ୍କୃତିକୁ ଥିଏଟର ମାଧ୍ୟମରେ ପରିଚୟ ଦେଇଥିବା ବ୍ୟକ୍ତି ହେଲେ ଅନନ୍ତ ମହାପାତ୍ର। ଡ. ନିବେଦିତା ମହାନ୍ତି ହେଉଛନ୍ତି ଓଡ଼ିଶାର ଜଣେ ପ୍ରତିଷ୍ଠିତ ଐତିହାସିକ। ତାଙ୍କ ଦ୍ୱାରା ରଚିତ 'ଓଡ଼ିଆ ନ୍ୟାଶନାଲିଜିମ', 'ଇମାଜିଂ ଓଡ଼ିଶା' ପୁସ୍ତକ ଅନେକ ମାତ୍ରାରେ ଲୋକାଦୃତ ହୋଇଛି। ରେଭେନ୍‌ଶାର ଇତିହାସକୁ ନେଇ ମଧ୍ୟ ଡ. ମହାନ୍ତି ପୁସ୍ତକ ରଚନା କରିଛନ୍ତି।

## ନିଲାମ ହେବ...

ଏହାକୁ ନଜରରେ ରଖି ଆଲୁମିନିୟମ ଉତ୍ପାଦନ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଣ୍ଡପିଛା ଆଲୁମିନିୟମ ବ୍ୟବହାରକୁ ଦୁଇଗୁଣ କରିବା, କମ୍ ଖର୍ଚ୍ଚରେ ଆଲୁମିନିୟମ ଉତ୍ପାଦନ, ଜିଡିପିରେ ଖଣି କ୍ଷେତ୍ରର ଅବଦାନ ବୃଦ୍ଧି ଏବଂ ଅଧିକ ଉତ୍ତୋଳନ ନେଇ ପଦକ୍ଷେପ ଜାରି ରହିଛି ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଇନକାଲ ଭଳି କାର୍ଯ୍ୟକ୍ରମ ଦୀର୍ଘମିଆଦୀ ଭିତ୍ତିରେ ଭଲ ପ୍ରଭାବ ପକାଇବ। ଓଡିଶା ସାରା ବିଶ୍ୱର ନଜରକୁ ଆସି ପାରିଛି। ନାଲ୍‌କୋଠାରେ ସ୍ଥାପନ ହେଉଥିବା ଆଲୁମିନିୟମ ପାର୍କ ଉପରେ ସୂଚନା ଦେଇ ପ୍ରଧାନ କହିଛନ୍ତି , ପାର୍କର ସମସ୍ତ ପ୍ଲଟ ଆନୁଷଙ୍ଗିକ ଶିଳ୍ପଗୁଡ଼ିକ ଲାଗି ବୁକ୍ ହୋଇ ସାରିଛି। ଏହି ପାର୍କ ପାଇଁ ଉନ୍ନତ ରାଜପଥ ନିର୍ମାଣ ନେଇ ଯୋଜନା ହେଉଛି ବୋଲି ସେ ସୂଚନା ଦେଇଛନ୍ତି। ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ କରାଯିବା ସହ ବେଆଇନ ଖଣି ଆବଣ୍ଟନକୁ ରୋକାଯାଇଛି। ବର୍ତ୍ତମାନ ଖଣିର ମାଲିକାନା ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ନିଲାମର ଉପଲବ୍ଧ ଟଙ୍କା ରାଜ୍ୟର ବିକାଶରେ ଲାଗିବ।

ଡିଏମ୍‌ଏଫ୍ ପାଣ୍ଠି ଗଠନ ଦ୍ୱାରା ପଛୁଆ ଏବଂ ଆଦିବାସୀ ଅଞ୍ଚଳର ବିକାଶ ଦିଗରେ ପୁଞ୍ଜି ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଏହି ପାଣ୍ଠି ବାବଦକୁ ପ୍ରାୟ ୫,୦୦୦ କୋଟି ଟଙ୍କା ଆଦାୟ ହୋଇଛି। ମାତ୍ର ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏହା ଠିକ୍ ଭାବେ ଖର୍ଚ୍ଚ ହେଉ ନ ଥିବା ଧର୍ମେନ୍ଦ୍ର କହିଛନ୍ତି। ସେହିଭଳି ରାଜ୍ୟ ସରକାରଙ୍କ ସହଯୋଗ ରହିଲେ କୋଇଲା ଉତ୍ପାଦନ ବୃଦ୍ଧି ପାଇବ। ଏହା ହେଲେ ରାଜ୍ୟକୁ ରାଜସ୍ୱ ତଥା ଶିଳ୍ପଗୁଡ଼ିକ ଲାଗି ସହାୟକ ହେବ। ରାଜ୍ୟରେ ମଞ୍ଜୁରୀ ପ୍ରଦାନ ଧାରା ବିଳମ୍ବ ହେଉଥିବାରୁ ଉକ୍ତ କ୍ଷେତ୍ରରେ ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି। ବୃହତ୍ ଶିଳ୍ପସଂସ୍ଥାଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ ଏବଂ ଡାଉନଷ୍ଟ୍ରିମ ୟୁନିଟଗୁଡ଼ିକର ବିକାଶକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଏହି ଅବସରରେ କହିଛନ୍ତି। ଖଣି ମନ୍ତ୍ରଣାଳୟ ପକ୍ଷରୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୨୦ ଦେଶର ୩୦୦ ବିଦେଶୀ ପ୍ରତିନିଧିଙ୍କ ସମେତ ମୋଟ ୮୦୦ ପ୍ରତିନିଧି ଯୋଗଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଋଷି କୁମାର...

ଘଟିଥିବା କୁହାଯାଉଛି।

ଦୁର୍ନୀତି ଅଭିଯୋଗକୁ ନେଇ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ତଥା ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିବାରୁ ଗତ ଅକ୍ଟୋବର ମାସରେ କେନ୍ଦ୍ର ସରକାର ଉଭୟଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇ ଏମ୍. ନାଗେଶ୍ୱର ରାଓଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତ କରିଥିଲେ। ତେବେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବର୍ମା ନିଜ ପଦବୀକୁ ଫେରିଥିଲେ ହେଁ ଜାନୁୟାରୀ ୧୦ରେ ସରକାର ତାଙ୍କୁ ଅଗ୍ନିଶମ ଏବଂ ହୋମଗାର୍ଡ ଡିଜି ପଦକୁ ବଦଳି କରିବାରୁ ଏଥିରେ କ୍ଷୁବ୍ଧ ହୋଇ ସେ ଇସ୍ତଫା ଦେଇଥିଲେ। ଫଳରେ ସିବିଆଇ ନିର୍ଦ୍ଦେଶକ ପଦବୀ ଖାଲିପଡ଼ିଥିଲା। ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ତୁରନ୍ତ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତ କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ନିର୍ଦ୍ଦେଶକ ଅତି ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବାରୁ ଏଥିରେ ଅଧିକ ଦିନ ଅନ୍ତରୀଣ ନିର୍ଦ୍ଦେଶକଙ୍କୁ ରଖିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ସରକାର ତତ୍ପରତା ଦେଖାଇ ଶୁକ୍ଲାଙ୍କୁ ସ୍ଥାୟୀ ଭାବେ ତଦନ୍ତକାରୀ ସଂସ୍ଥାର ମୁଖିଆ ରୂପେ ଅବସ୍ଥାପିତ କରିଛନ୍ତି। ଅଗୁସ୍ତା ୱେଷ୍ଟଲାଣ୍ଡ ଦୁର୍ନୀତି, ୨ଜି ସ୍କାମ, କୋଇଲା ଦୁର୍ନୀତି, ଏୟାର ଇଣ୍ଡିଆ ସ୍କାଣ୍ଡାଲ ଭଳି ବଡ ମାମଲାର ତଦନ୍ତ ସମ୍ପୂର୍ଣ୍ଣ କରିବା ଭାର ଏବେ ଶୁକ୍ଲାଙ୍କ କାନ୍ଧରେ ରହିଛି।

## ଓଡ଼ିଶା ଜନଜାତି...

ରାଜ୍ୟରୁ ମୋର୍ଚ୍ଚାର ଜନପ୍ରତିନିଧି ଉପସ୍ଥିତ ଥିଲେ। ମହାଅଧିବେଶନ ସଭା ଆରମ୍ଭ ହେବା ପୂର୍ବରୁ ଭାଜପା ପତାକା ଉତ୍ତୋଳନ କରାଯାଇଥିଲା। ରବିବାର ଅପରାହ୍ଣରେ ଆଦିବାସୀ ଅଧିକାର ରାଲି ଅନୁଷ୍ଠିତ ହେବ। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଯୋଗଦେଇ ଉଦ୍‌ବୋଧନ ଦେବେ।

■ ଅଭିନେତ୍ରୀ ସିମ୍‌ରନ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି

# ଅନଶନରେ ବସିଲେ ମା'ବାପା



ଅନଶନରେ ବସିଛନ୍ତି ସିମ୍‌ରନଙ୍କ ମା'ବାପା।

**ଝାରସୁଗୁଡ଼ା ଅଫିସ,୨।୨**

ସମ୍ବଲପୁରୀ ଆଲ୍‌ବମ ଅଭିନେତ୍ରୀ ତଥା ସେଲ୍‌ଫି ବେବୋ ଗୀତର ନାୟିକା ସିମ୍‌ରନ ସିଂ ଓରଫ ସିମ୍‌ରନ ମୌର୍ଯ୍ୟା ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ତାଙ୍କ ପରିବାର ଲୋକେ। ଏହି ଦାବିରେ ସିମ୍‌ରନଙ୍କ ମା' ରାନୀ ଦେବୀ ଓ ବାପା ବିଜୟେନ୍ଦ୍ର କୁମାର ସିଂ ଶନିବାର ଝାରସୁଗୁଡ଼ା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପୋଲିସ ତଦନ୍ତ ଉପରେ ବିଶ୍ୱାସ ନ ଥିବା ଦର୍ଶାଇଛନ୍ତି ସିମ୍‌ରନଙ୍କ ପରିବାର ଲୋକେ। ସୂଚନାଯୋଗ୍ୟ, ଜାନୁୟାରୀ ୩ ତାରିଖ ସକାଳେ ବୁର୍ଲା ବ୍ରିଜ୍ ତଳୁ ସିମ୍‌ରନଙ୍କ ମୃତଦେହ ଠାବ କରାଯାଇଥିଲା। ସିମ୍‌ରନଙ୍କ ପ୍ରେମିକ କୁହାଯାଉଥିବା ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅଞ୍ଚଳର ଧ୍ରୁବରାଜ ସୁନାଙ୍କଠାରୁ ସମ୍ପର୍କ ତୁଟାଇବା ପରେ ତାଙ୍କୁ ହତ୍ୟା କରାଯାଇଥିଲା ଓ ଏଥିରେ ଧ୍ରୁବରାଜଙ୍କ ହାତ ଥିବା ସିମ୍‌ରନଙ୍କ ବାପା ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଧ୍ରୁବରାଜଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଆହୁରି ଅସାମାଜିକ ଏବଂ ପ୍ରଭାବଶାଳୀ ବ୍ୟକ୍ତି ଜଡ଼ିତ ଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ ଆଜିପର୍ଯ୍ୟନ୍ତ ଅସଫଳ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶନି ଯୁକ୍ତ ଚନ୍ଦ୍ର ହେତୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଟେନସନ ଲାଗି ରହିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବାର ସୂଚନା ରହିଛି। ଅପରାହ୍ଣରେ ନୂତନ ଗୃହୋପକରଣ କ୍ରୟ କରିପାରନ୍ତୁ।

**ବୃଷ** ଯୋଗକାରକ ଗ୍ରହ ସହ ତୃତୀୟାଧିପତି ହେତୁ ବହୁ ପ୍ରତୀକ୍ଷିତ ଖବରଟି ପାଇ ଖୁସି ହେବେ। ବନ୍ଧୁମିଳନ ସାଙ୍ଗକୁ ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ି ମୋଟରରୁ ଭଲ ଲାଭବାନ୍ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲହେବ।

**ମିଥୁନ** ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ପର୍କ ଆପଣଙ୍କୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ସୃଷ୍ଟି କରିବ। ଆନୁଷ୍ଠାନିକ କ୍ଷେତ୍ରରେ କିଛି ନୂତନ ପଦେକ୍ଷପ ନେବା ସକାଶେ ଚିନ୍ତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଆଜି ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** ଆଜିର ଗ୍ରହଯୋଗ ଆପଣଙ୍କୁ ଦୂରଯାତ୍ରା, ନୂତନ ମୈତ୍ରୀ ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସାହାଯ୍ୟ କରିବ। ଦୀର୍ଘଦିନର ଆଶା ଫଳବତୀ ହେବାର ସମ୍ଭାବନା ରହିଛି। ଅଫିସ୍ କାମରେ ବ୍ୟସ୍ତ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** ରବି ଓ ଶୁକ୍ରଙ୍କ ସମ୍ବନ୍ଧ ଅଭାବ ଜନିତ ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ ଏବଂ ଲକ୍ଷ୍ୟପୂରଣରେ ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଅର୍ଥ ସଂକଟ ଲାଗି ରହିପାରେ। ସ୍ୱାସ୍ଥ୍ୟ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା ସାଙ୍ଗକୁ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତିକୁ ବଦଳାଇ ପାରନ୍ତି।

**କନ୍ୟା** ଆଜିର ଦିନଟି ଆପଣଙ୍କ ପାଇଁ ସ୍ମରଣୀୟ ଦିବସ ପରି ମନେ ହେବ। ଯେମିତି ଯାହା ଆଶା କରୁଥିଲେ ତାହାଠାରୁ ଅଧିକ କିଛି ପାଇପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ସାମୟିକ ମନକୁ ବିଚଳିତ କରିବ। ବିବାଦୀୟ ଘଟଣା,ଜମିଜମା କଳହରେ ତଥା ମାଲିମକଦ୍ଦମା ସମାଧାନ ହୋଇଯିବ।

**ତୁଳା** ଆଜିର ଜୀବନଚର୍ଯ୍ୟା ଅନୁକୂଳ ବାତାବରଣରେ ପ୍ରୀତିପ୍ରଦ ରହିବ। ସାମାଜିକ ଚଳଣିରେ ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ସହ ବନ୍ଧୁମିଳନରେ ଆପ୍ୟାୟିତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା** ବୃହସ୍ପତି ଓ ଶନିଙ୍କ ସ୍ଥିତି ଆପଣଙ୍କୁ ନୂତନ ଯୋଜନା ପ୍ରଣୟନ କରିବା ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ଆନୁଷ୍ଠାନିକ କାମ, ସାଂଗଠନିକ ପ୍ରବୃତ୍ତି ଓ ବାଣିଜ୍ୟ, ପରିବହନର ଅଭିବୃଦ୍ଧିରୁ ଖୁସି ରହିବେ। କିନ୍ତୁ ପାରିବାରିକ ଅବ୍ୟବସ୍ଥା, ଅଫିସ୍ କାମରେ ଅନ୍ୟମନସ୍କତା ଓ ଈର୍ଷାଳୁଙ୍କ କୁତ୍ସାରଟନାରୁ ମଧ୍ୟ ବାଦ୍ ପଡିବେ ନାହିଁ।

**ଧନୁ** ପରିସ୍ଥିତିର ବିଷମତାକୁ ସାମ୍ୟତା ପ୍ରଦାନ କରିବାରେ ଆପଣଙ୍କ ଉଦ୍ୟମ ମୂଲ୍ୟହୀନ ହେବନାହିଁ। ବନ୍ଧୁବର୍ଗଙ୍କ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି,ସାମାଜିକ ସୁଦୃଢସ୍ଥିତି ମନୋବଳ ବୃଦ୍ଧି କରିବ। କିନ୍ତୁ ମୂଳା ନକ୍ଷତ୍ରର ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ।

**ମକର** ରାଶି ଓ ବ୍ୟୟଭାବସ୍ଥ ଗ୍ରହମାନେ ବିଭିନ୍ନ ପ୍ରକାରର ଚିନ୍ତାରେ ନିମଗ୍ନ କରାଇ ଆପଣଙ୍କ ଚଲାପଥକୁ ଅଙ୍କାବଙ୍କା କରିଦେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବା ସହ ପରିବାରରେ ବୁଝାମଣା ଅଭାବରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ତଥାପି ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**କୁମ୍ଭ** ମଙ୍ଗଳ ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ଆପଣ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବା ସାଙ୍ଗକୁ ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଯାନ୍ତ୍ରିକ ତ୍ରୁଟିଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** ଏକାଧାରରେ ଅର୍ଥ,ସମ୍ମାନ ସହ ବନ୍ଧୁମିଳନ ଯୋଗୁ ଆନନ୍ଦ ଅନୁଭବ କରିବେ। ଯେ କୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହି ବୁଲିବେ। ବାଣିଜ୍ୟ, ଲେଖାପଢ଼ା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ।

ଆଜି ମାଘ କୃଷ୍ଣପକ୍ଷର ରଟନ୍ତ୍ୟା ଚତୁର୍ଦ୍ଦଶୀ ରବିବାର, ଫେବୃୟାରୀ ୩ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢା/ଧନୁ, ସକାଳ ଘ୭।୧୮ମି. ଗତେ ମକର ଚନ୍ଦ୍ର, ସିଂହ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ଗତେ ଘ୮।୧୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୧୨ମି. ଗତେ ଘ୯।୩୫ମି. ମଧ୍ୟେ, ଘ୧।୧୫ମି. ଗତେ ଘ୨।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୧୨ମି. ଗତେ ଘ୫।୩୫ମି. ମଧ୍ୟେ ରାହୁକାଳ।



ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ କେନ୍ଦ୍ର ସରକାର ଫେରାଇ ନିଅନ୍ତୁ।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ରବର୍ଟ ଭଦ୍ରାଙ୍କୁ ଅନ୍ତରୀଣ ଜାମିନ



**ନୂଆଦିଲ୍ଲୀ,୨।୨(ପି.ଟି.):** ମନି ଲଣ୍ଡରିଂ (ଅର୍ଥ ଠକେଇ) ମାମଲାରେ ଦିଲ୍ଲୀର ପଟିଆଲା କୋର୍ଟ ଶନିବାର ରବର୍ଟ ଭଦ୍ରାଙ୍କୁ ଫେବୃୟାରୀ ୧୬ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ତାଙ୍କ ଜାମିନ ଆବେଦନ ମଞ୍ଜୁର କରିବା ସହ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଣ୍ଡନର ୧୨ ବ୍ରାୟାନଷ୍ଟନ ସ୍କୋୟାରସ୍ଥିତ ୧.୯ ମିଲିୟନ ପାଉଣ୍ଡ ମୂଲ୍ୟର ଜମି କିଣାରେ ହୋଇଥିବା ଅନୈତିକ ଅର୍ଥ କାରବାର ମାମଲାରେ ଫେବୃୟାରୀ ୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଠାରେ ତାଙ୍କୁ ହାଜର ହେବାକୁ ଆଦେଶ କରିଛନ୍ତି। କୋର୍ଟରେ ଶୁଣାଣି ସମୟରେ ଇଡି ପକ୍ଷରୁ ସରକାରୀ ଓକିଲ ନୀତେଶ ରାଣା ଉପସ୍ଥିତ ରହିଥିଲେ। ରବର୍ଟ ବଦ୍ରାଙ୍କ ଜାମିନ ଆବେଦନକୁ ସେ ବିରୋଧ କରିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଲଣ୍ଡନରେ ଜମି କିଣାରେ ଯେଉଁ ଆର୍ଥିକ କେଲେଙ୍କାରୀ ହୋଇଛି ସେହି ଜମିର ମାଲିକ ରବର୍ଟ ଭଦ୍ରା ଅଟନ୍ତି। ତେଣୁ ତାଙ୍କୁ ଜାମିନ ଦିଆ ନ ଯିବାକୁ ସେ କୋର୍ଟକୁ ଜଣାଇଥିଲେ।

### କଂଗ୍ରେସରେ ମିଶିଲେ ଜେଡିୟୁ ନେତା ଋଷି ମିଶ୍ର

**ପାଟନା,୨।୨(ପି.ଟି.):** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ତ୍ୟାଗ କରି ଜେଡିୟୁ ନେତା ଋଷି ମିଶ୍ର ଶନିବାର କଂଗ୍ରେସରେ ସାମିଲ୍ ହୋଇଛନ୍ତି। ଭାଜପା ସହ ମିଶି କାମ କରିବାରେ ସେ ନିଜକୁ ଅସହଜ ମନେ କରି ଦଳ ବଦଳାଇବାକୁ ବାଧ ହୋଇଥିବା କହିଛନ୍ତି। ମିଶ୍ର ୨୦୧୫ ବିଧାନସଭା ନିର୍ବାଚନରେ ଦରଭଙ୍ଗା ଆସନରୁ ହାରିଥିଲେ। ପରେ ଉପନିର୍ବାଚନରେ ବିଜୟୀ ହୋଇଥିଲେ।

# ଚାଇନା ରଣଯନ୍ତାରେ ପାକ୍

**ଇସ୍‌ଲାମାବାଦ,୨।୨(ପି.ଟି.)**

ପାକିସ୍ତାନ ଏବେ ଚାଇନା ରଣଯନ୍ତାରେ। ସବୁଦିନିଆ ବନ୍ଧୁ ଚାଇନା ଇସ୍‌ଲାମାବାଦକୁ ସହାୟତା ଆଳରେ ଏହାର ରଣଜାଲରେ ଫସାଇ ଚାଲିଛି, ଯାହା ପରିଶୋଧ କରିବା ପାକିସ୍ତାନ ପାଇଁ କଷ୍ଟକର ହୋଇପଡିବ। ଚାଇନା ମଧ ତାହା ଚାହେଁ। ପଡୋଶୀ ଦେଶମାନଙ୍କୁ ରଣ ଦେଇ ସେମାନଙ୍କୁ ବୋଲକରା ସଜାଇ ନିଜର ପତିଆରା ବୃଦ୍ଧି କରିବା ଚାଇନାର ଲକ୍ଷ୍ୟ।

ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପାଇଁ ଚାଇନା ପାକିସ୍ତାନକୁ ବିପୁଳ ପରିମାଣର ରଣ ଯୋଗାଇ ଦେଇଛି। ଏହି କରିଡର ଉଭୟ ଦେଶର ଆର୍ଥିକ ବିକାଶରେ ସହାୟକ ହେବ ବୋଲି କୁହାଯାଉଥିଲେ ହେଁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଏଥିରୁ କେବଳ ଚାଇନାକୁ ହିଁ ଫାଇଦା ମିଳିବ। ପାକିସ୍ତାନ କେବଳ ରଣଯନ୍ତାରେ ଛନ୍ଦି ହେବା ସହ ବାଣିଜ୍ୟିକ ନିଅଣ୍ଟର ସମ୍ମୁଖୀନ ହୋଇ ଦେବାଳିଆ ପରିସ୍ଥିତିକୁ ଆସିଯିବ। ପାକିସ୍ତାନକୁ ଚାଇନା ଶିଳ୍ପ ଟେକ୍‌ନୋଲୋଜି ଦେଉନାହିଁ କିମ୍ବା ନିଯୁକ୍ତି ସୃଷ୍ଟିରେ ସହାୟତା କରୁନାହିଁ। ଯାହା ଫଳରେ ଉକ୍ତ ପ୍ରୋଜେକ୍ଟ ପାଇଁ କେବଳ ଚାଇନା ପ୍ରଯୁକ୍ତିର ଉପଯୋଗ



ହେବା ସହ ସେଠାର କର୍ମଚାରୀ ନିୟୋଜିତ ହେବେ। ଏବେ ପାକିସ୍ତାନର ବୈଦେଶିକ ବିନିମୟ ଭଣ୍ଡାର ବୃଦ୍ଧି ଲାଗି ବେଜିଂ ୨.୫ ବିଲିୟନ ଡଲାର ରଣ ଯୋଗାଇ ଦେଇଛି। ପାକିସ୍ତାନର ଫରେକ୍ସ ରିଜର୍ଭ ଏବେ ୮.୧୨ ବିଲିୟନ ଡଲାର ଯାହା ମାତ୍ର ୭ ସପ୍ତାହର ଆମଦାନୀ ଭରଣା କରିବାକୁ ସମର୍ଥ। ସେଥିପାଇଁ ବିଶ୍ୱବ୍ୟାଙ୍କ ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ପାକିସ୍ତାନକୁ ରଣ ଦେଉନାହିଁ। ବର୍ତ୍ତମାନର ୨.୫ ବିଲିୟନ ଡଲାର ସହ ଚଳିତ ଆର୍ଥିକ ବର୍ଷରେ ପାକିସ୍ତାନକୁ ଚାଇନାର ମୋଟ ରଣ ପରିମାଣ ୪.୫ ବିଲିୟନ ଡଲାର ହୋଇଛି। ଜୁଲାଇ ମାସରେ

- ପାକିସ୍ତାନର ରଣ ଜିଡିପିର ୬୭%
- ଫରେକ୍ସ ରିଜର୍ଭ ୮.୧୨ ବିଲିୟନ ଡଲାର
- ଚାଇନା ୨.୫ ବିଲିୟନ ଡଲାର ଯୋଗାଇଲା

ଚାଇନା ପାକିସ୍ତାନ ଷ୍ଟେଟ ବ୍ୟାଙ୍କରେ ୨ ବିଲିୟନ ଡଲାର ଜମା କରିଥିଲା।

ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କ୍ଷମତାକୁ ଆସିବା ପରେ ଜରୁରୀ ରଣ ଯୋଗାଡ କରିବା ଲାଗି ଚାଇନା, ସୌଦି ଆରବ ଏବଂ ୟୁଏଇ ଗସ୍ତ କରିଥିଲେ। ଏଥି ତିନି ରାଷ୍ଟ୍ର ୧୪.୫ ବିଲିୟନ ଡଲାର ରଣ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ଯାହା ଚଳିତ ବର୍ଷ ଦେଶର ଆର୍ଥିକ ନିଅଣ୍ଟ ମେଣ୍ଟାଇବାରେ ସହାୟକ ହେବ। ଦେଶ ଚଳାଇବା ଲାଗି ପୂର୍ବ ସରକାର ରଣ କରୁଥିବା ନେଇ ଇମ୍ରାନ ସମାଲୋଚନା କରୁଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ଫରେକ୍ସ ରିଜର୍ଭ ଅତ୍ୟଧିକ କମ୍ ରହିଥିବାରୁ ସେ ରଣ କରିବାକୁ ବାଧ ହୋଇଛନ୍ତି। ୧ରୁ ୩ ବର୍ଷ ମଧ୍ୟରେ ଏହି ରଣ ପରିଶୋଧ କରିବ ବୋଲି ପାକିସ୍ତାନ କହିଥିଲେ ହେଁ ତାହା ସମ୍ଭବ ହୋଇ ନ ପାରେ ବୋଲି ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଗତ ଦୁଇ ମାସରେ ରିୟାଧ ଏବଂ ୟୁଏଇରୁ ୪ ବିଲିୟନ ଡଲାର ଆସିଥିଲେ ମଧ ଫରେକ୍ସ ରିଜର୍ଭ ୮.୧୨ ବିଲିୟନ ଡଲାର ରହିଛି। ଚଳନ୍ତି ଆକାଉଣ୍ଟ ନିଅଣ୍ଟ ପରିମାଣ ୬ ମାସରେ ୮ ବିଲିୟନ ଡଲାର ହୋଇଛି। ପାକିସ୍ତାନ ଟଙ୍କା ମୂଲ୍ୟ ଜୁଲାଇରୁ ଇତିମଧ୍ୟରେ ୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ରପ୍ତାନି ବଢୁନାହିଁ। ୨୦୧୮ ଜୁନ୍‌ରେ ପାକ୍ ସରକାରଙ୍କ ରଣ ପରିମାଣ ଜିଡିପିର ୬୭ ପ୍ରତିଶତ ଥିଲା। ରଣଯନ୍ତାରୁ ପାକିସ୍ତାନ ମୁକୁଳିବା ଆଶା କମ୍ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

## ପଶ୍ଚିମ ବଙ୍ଗରେ ମୋଦିଙ୍କ ପ୍ରଚାର ଆରମ୍ଭ

**‘ରାଜ୍ୟରେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି’**



**ଦୁର୍ଗାପୁର/ଠାକୁରନଗର,୨।୨(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡିକୁ ଏକତ୍ର କରିବା ଉଦ୍ୟମ ଚଳାଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧକ୍ଷା ମମତା ବାନାର୍ଜୀଙ୍କ ଉପରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋରଦାର ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି ବୋଲି ଦୁର୍ଗାପୁରଠାରେ ଅନୁଷ୍ଠିତ ଏକ ର୍‍ୟାଲିକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗବାସୀ ପରିବର୍ତ୍ତନ ଚାହାନ୍ତି । ସେମାନେ ମମତାଙ୍କୁ ଫିଙ୍ଗିଦେବା ଲାଗି ନିଷ୍ପତ୍ତି ନେଇସାରିଛନ୍ତି ବୋଲି ମୋଦି କହିଛନ୍ତି। ଗଣତନ୍ତ୍ରକୁ ଚାପିଦେବା ଲାଗି ମମତା ପୂର୍ବର ବାମପନ୍ଥୀ ସରକାରଙ୍କ ରାସ୍ତାରେ ଚାଲୁଛନ୍ତି, ଯାହା କାମ ଦେବ ନାହିଁ । ୪ ବର୍ଷ ପୂର୍ବେ ପରସ୍ପର ମୁହଁକୁ ଚାହୁ ନଥିବା ଲୋକେ ଏବେ କୋଳାକୋଳି ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଠାକୁରନଗରଠାରେ ଅନ୍ୟ ଏକ ର୍‍ୟାଲିରେ ଯୋଗଦେଇ ମୋଦି କହିଥିଲେ ଭାଜପା କର୍ମୀଙ୍କ ବିରୋଧରେ ହିଂସା ସୃଷ୍ଟି ଲାଗି ପ୍ରୋତ୍ସାହିତ କରୁଛନ୍ତି। ଲୋକେ ଭାଜପା ପ୍ରତି ଆଗ୍ରହ ପ୍ରକାଶ କରୁଥିବାରୁ ମମତା ବିଚଳିତ ହୋଇପଡିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନାଗରିକତ୍ୱ ସଂଶୋଧନ ବିଲ୍ ଗୃହୀତ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଧର୍ମକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ଏହା ନ୍ୟାୟ ଓ ସମ୍ମାନ ଆଣିଦେବ। ବଜେଟ ସମ୍ପର୍କରେ ମୋଦି କହିଥିଲେ କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ଶ୍ରେଣୀଙ୍କ କଲ୍ୟାଣ ଲାଗି ଏହା ଐତିହାସିକ ପଦକ୍ଷେପ।

### ସଭାରେ ଦଳାଚକଟା ସ୍ଥିତି

ଉତ୍ତର ଚବିଶ ପ୍ରଗଣା ଜିଲାର ଠାକୁରନଗର ର୍‍ୟାଲି ସ୍ଥଳରେ ପ୍ରବଳ ଜନ ସମାଗମ ଯୋଗୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ମହିଳା ଓ ପିଲା ଅଚେତ ହୋଇପଡିବାରୁ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣକୁ କାଟଛାଣ୍ଟ କରିବା ସହ ଏଭଳି ପରିସ୍ଥିତି ପାଇଁ କ୍ଷମା ମାଗିଥିଲେ। ଅଚେତ ହୋଇପଡିଥିବା ୨/୩ ଜଣ ମହିଳାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଛି। ବାହାରେ ଅପେକ୍ଷାରତ ଲୋକେ ଜବରଦସ୍ତ ପ୍ରବେଶ କରିବାରୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀ ଭାଷଣ ବନ୍ଦ କରି ବନ୍ଦେ ମାତରମ ସ୍ଲୋଗାନ ଦେଇ ସଭାସ୍ଥଳ ଛାଡିଥିଲେ।

## ଆମେରିକା ଦୂତାବାସକୁ ଭାରତର ନୋଟିସ
# ଗିରଫ ଛାତ୍ରଙ୍କୁ ମୁକ୍ତ କର

**ନୂଆଦିଲ୍ଲୀ/ୱାଶିଂଟନ,୨।୨(ପି.ଟି.)**

ଆମେରିକାରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଗିରଫ ଘଟଣାରେ ନୂଆଦିଲ୍ଲୀ ଅସନ୍ତୋଷ ବ୍ୟକ୍ତ କରିଛି। ଆମେରିକା ଦୂତାବାସକୁ ଶନିବାର ଡେମାର୍ଶ (ପଦକ୍ଷେପ ପାଇଁ କୂଟନୈତିକ ପତ୍ର) ଜାରି କରି ଭାରତ ନିଜର ଅସନ୍ତୋଷ ଜଣାଇଦେବା ସହ ଉଚ୍ଚାୟୁକ୍ତଙ୍କ ଜରିଆରେ ତୁରନ୍ତ ଆଇନଗତ ସହାୟତା ଯୋଗାଇ ଦେବା ଏବଂ ଛାତ୍ରମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛି।

ଇମିଗ୍ରେଶନ ଆଇନର ଉଲ୍ଲଂଘନ କରି ବେଆଇନ ଭାବେ ଆମେରିକାରେ ରହିବା ଲାଗି ଏକ ଜାଲ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୧୨୯ ଜଣ ଭାରତୀୟ ଛାତ୍ରୀଛାତ୍ର ଗିରଫ ହୋଇଛନ୍ତି। ଭାରତ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ସେମାନଙ୍କ ସମସ୍ୟାର ସମାଧାନ

**ହଟ୍‌ଲାଇନ ଖୋଲିଲା ଭାରତୀୟ ଦୂତାବାସ**

ଲାଗି ସକ୍ରିୟ ପଦକ୍ଷେପ ନେଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ଦୂତାବାସ ୩୦ ଅଟକ ଛାତ୍ରଙ୍କ ସହ ଯୋଗାଯୋଗ ହୋଇପାରିଛି। ଅନ୍ୟମାନଙ୍କ ସହ ଯୋଗାଯୋଗ ଲାଗି ଉଦ୍ୟମ ଜାରି ରହିଛି।

ଅଟକ ଥିବା ଛାତ୍ରମାନଙ୍କୁ ସହାୟତା ଯୋଗାଇ ଦେବା ଲାଗି ଆମେରିକାରେ ଭାରତୀୟ ଦୂତାବାସ ପକ୍ଷରୁ ଏକ ୨୪ ଘଣ୍ଟିଆ ହଟଲାଇନ ଖୋଲାଯାଇଛି। ଦୂତାବାସ ଅଧିକାରୀଙ୍କ ପକ୍ଷରୁ ଦୁଇଟି ନମ୍ବର ୨୦୨-୩୨୨-୧୧୯୦ ଏବଂ ୨୦୨-୩୪୦-୨୫୯୦ ଜାରି କରାଯାଇଛି।

## ଚାଇନା ସୀମାନ୍ତରେ ସେନା ଆଧୁନିକୀକରଣ
# ୭୩ ହଜାର ବନ୍ଧୁକ କିଣିବ ଭାରତ

**ନୂଆଦିଲ୍ଲୀ,୨।୨(ପି.ଟି.)**

ସେନା ଆଧୁନିକୀକରଣ ଯୋଜନା ଅନ୍ତର୍ଗତ ୩,୬୦୦ କି.ମି. ଚାଇନା ସୀମାନ୍ତ ଅଞ୍ଚଳରେ ମୁତୟନ ଭାରତୀୟ ସେନାଙ୍କ ଶକ୍ତି ବୃଦ୍ଧି ପାଇଁ ଅତ୍ୟାଧୁନିକ ମଡେଲର ୭୩ ହଜାର ସ୍ୱୟଂଚାଳିତ ସିଗ୍ ସାଓ୍ୱର ରାଇଫଲ୍ସ ଆମେରିକାରୁ ସଂଗ୍ରହ କରାଯିବ। ଶନିବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ ଏ ସମ୍ପର୍କିତ ଦୀର୍ଘଦିନର ପ୍ରସ୍ତାବକୁ ମଞ୍ଜୁର କରିଥିବା ବେଳେ ସପ୍ତାହେ ମଧ୍ୟରେ ରାଇଫଲ୍ସ ଯୋଗାଣ ନେଇ ଆମେରିକାର ଫାର୍ମ ସହ ଚୁକ୍ତି ଚୂଡାନ୍ତ ହେବ। ତ୍ୱରିତ ଅସ୍ତ୍ରଶସ୍ତ୍ର ସଂଗ୍ରହ ବ୍ୟବସ୍ଥା ଅନ୍ତର୍ଗତ ବର୍ଷକ ମଧ୍ୟରେ ଉକ୍ତ ଫାର୍ମ ଏହି ଘାତକ ଶ୍ରେଣୀଭୁକ୍ତ ରାଇଫଲ୍ସ ଯୋଗାଇ ଦେବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

ପାକିସ୍ତାନ ଓ ଚାଇନା ସୀମାରେଖାର ସୁରକ୍ଷା ସମ୍ପ୍ରତି ଏକ ଚ୍ୟାଲେଞ୍ଜ୍



ହୋଇଥିବାବେଳେ ଏହାର ମୁକାବିଲା ପାଇଁ ଆମେରିକା ସମେତ ୟୁରୋପରେ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ମଡେଲର ଅସ୍ତ୍ରଶସ୍ତ୍ର ଫାଷ୍ଟ-ଟ୍ରାକ୍ ପ୍ରୋକ୍ୟୁୟରମେଣ୍ଟ ଜରିଆରେ ଅଣାଯିବାକୁ ଭାରତୀୟ ସେନା ଦୀର୍ଘଦିନ ହେବ ଦାବି କରିଆସୁଛି। ଏହି କ୍ରମରେ ୨୦୧୭ ଅକ୍ଟୋବରରେ ୭ ଲକ୍ଷ ରାଇଫଲ, ୪୪ହଜାର ଲାଇଟ୍ ମେଶିନଗନ, ୪୪ହଜାର କର୍ବାଇନ୍ସ ସଂଗ୍ରହ କରିବା ପାଇଁ ଭାରତୀୟ ସେନା ପ୍ରସ୍ତୁତି ଆରମ୍ଭ କରିଛି।

## ଫୁର୍‌ସତ

# ଲଞ୍ଚ୍ ହେବ ଯୋଗାଯୋଗ ଉପଗ୍ରହ

**ଚେନ୍ନାଇ:** ଭାରତର ଯୋଗାଯୋଗ ଉପଗ୍ରହ ଜିଏସ୍ଏଟି-୩୧କୁ ଫ୍ରେଞ୍ଚ୍ ଗାଏନା ସ୍ପେସ୍‌ପୋର୍ଟରୁ ଫେବୃୟାରୀ ୫ରେ ଲଞ୍ଚ୍ କରାଯିବ। ଏରିଏନ୍‌ସ୍ପେସ୍‌ର ଏରିଏନ୍-୫ ରକେଟ୍ ଦ୍ୱାରା ଏହାକୁ ଲଞ୍ଚ୍ କରାଯାଇ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏରିଏନ୍‌ସ୍ପେସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହାର ରକେଟ୍ ଏରିଏନ୍-୫ର ପ୍ରସ୍ତୁତି ସମୀକ୍ଷା କରାଯିବା ପରେ ଲଞ୍ଚ୍ ପାଇଁ ସବୁଜ ସଂକେତ ମିଳିବ। ସୌଦି ଜିଓଷ୍ଟେଶନାରି ସାଟେଲାଇଟ୍ ୧/ହେଲାସ୍ ସାଟ୍-୪



ଏବଂ ଜିସାଟ୍-୩୧ ନାମରେ ଦୁଇଟି ସାଟେଲାଇଟ୍‌କୁ ଉକ୍ତ ରକେଟ୍ ପରିବହନ କରିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସୂଚନା ଅନୁଯାୟୀ, ୨୫୩୫ କିଲୋଗ୍ରାମ୍ ବିଶିଷ୍ଟ ଜିସାଟ୍-୩୧ ହେଉଛି ୪୦ତମ ଯୋଗାଯୋଗ ଉପଗ୍ରହ।

# ମୋଗଲ ଗାର୍ଡେନ: ମନ ମୋହିବ ବିଦେଶୀ ଫୁଲ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନ ଫେବୃୟାରୀ ୬ରେ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିବାକୁ ଯାଉଛି। ଏହା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ରହିବ। ୭୦ ପ୍ରକାର ଫୁଲରେ ସୁଶୋଭିତ ଏହି ଗାର୍ଡନ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବ। ନେଦରଲାଣ୍ଡ ଏବଂ ଜାପାନରୁ ଆମଦାନି କରାଯାଇଥିବା ଫୁଲ ଅଧିକ ଆକର୍ଷଣୀୟ ହେବ ବୋଲି କୁହାଯାଉଛି। ବ୍ରିଟେନ୍ ସ୍ଥପତି ଏଡୱାର୍ଡ ଲୁଟାଇନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଗରିମାମୟ ରାଷ୍ଟ୍ରପତି ଭବନ ପରିସରରେ ରହିଥିବା ୧୫ ଏକର ବିଶିଷ୍ଟ ଏହି ପୁଷ୍ପ ଉଦ୍ୟାନ



‘ଉଦୟନୋତ୍ସବ’ କାର୍ଯ୍ୟକ୍ରମର ଅଂଶସ୍ୱରୂପ ବର୍ଷକୁ ଥରେ ଖୋଲିଥାଏ। ଏହା ରାଷ୍ଟ୍ରପତି ଭବନର ଏକ ଦୀର୍ଘଦିନର ପରମ୍ପରା। ଧଳା, ହଳଦିଆ, ଲାଲ୍, କମଳାରଙ୍ଗ ଆଦି ବିଭିନ୍ନ ରଙ୍ଗର ପୁଷ୍ପରେ ଉଦ୍ୟାନ ଶୋଭା ପାଉଛି। ୨୦୧୯ର ସ୍ୱତନ୍ତ୍ର ଆକର୍ଷଣ ହେଉଛି ଟ୍ୟୁଲିପ୍(ବସନ୍ତଋତୁକାଳୀନ ଫୁଲ)। ବିଭିନ୍ନ ରଙ୍ଗର ୧୦,୦୦୦ ଟ୍ୟୁଲିପ୍ ଉଦ୍ୟାନର ଶୋଭାବର୍ଦ୍ଧନ କରୁଛି। ଏହାର ମଞ୍ଜି ନେଦରଲାଣ୍ଡରୁ ଆସିଥିଲା। ସେହିପରି ଜାପାନରୁ ଅଣାଯାଇଥିବା ମାଠିଓଲା ଇନ୍‌କାନା ପ୍ରଜାତିର ଶ୍ୱେତବର୍ଣ୍ଣ ଫୁଲ ଅତ୍ୟନ୍ତ ସୁନ୍ଦର।

## [ଇତିହାସର ଆଇନାରେ]

### ଫେବୃୟାରୀ ୩ର ପ୍ରମୁଖ ଘଟଣା

୨୦୦୭ ଫେବୃୟାରୀ ୩ରେ ବାଗଦାଦ୍ ମାର୍କେଟରେ ବିସ୍ଫୋରଣ ଯୋଗୁ ଅନ୍ୟୂନ ୧୩୫ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩୯ ଆହତ ହୋଇଥିଲେ। ଇରାକ୍‌ର ରାଜଧାନୀ ବାଗ୍‌ଦାଦ୍‌ର ଏକ ବ୍ୟସ୍ତବହୁଳ ମାର୍କେଟରେ ଗୋଟିଏ ବଡ ଟ୍ରକ୍‌ରେ ଏକ ବୋମା ଖଞ୍ଜି ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିଲା। ଏହି ବୋମାର ଓଜନ ଥିଲା ପାଖାପାଖି ୧ଟନ। ବିସ୍ଫୋରଣରେ ଅନ୍ୟୂନ ୧୦ଟି କୋଠା ଭାଙ୍ଗିରୁଜି ଯିବା ସହିତ ଛୋଟ ଛୋଟ ଦୋକାନ ଜଳିଯାଇଥିଲା।

୧୯୮୪ ଫେବୃୟାରୀ ୩ରେ ସ୍ପେସ୍ ଶଟଲ୍ ଚ୍ୟାଲେଞ୍ଜର ଦ୍ୱାରା ଏସ୍‌ଟିଏସ୍ ୪୧-ବି ଲଞ୍ଚ୍ କରାଯାଇଥିଲା। ସ୍ପେସ୍ ଶଟଲ୍ ଚ୍ୟାଲେଞ୍ଜର ହେଉଛି ନାସାର ସ୍ପେସ୍ ଶଟଲ୍ ପ୍ରୋଗ୍ରାମ୍‌ର ଦ୍ୱିତୀୟ ଅର୍ବିଟର। ଉକ୍ତ ଚ୍ୟାଲେଞ୍ଜରକୁ କାଲିଫର୍ନିଆସ୍ଥିତ ରକ୍‌ୱେଲ୍ ଇଣ୍ଟରନ୍ୟାଶନାଲ୍ସ ସ୍ପେସ୍ ଟ୍ରାନ୍ସପୋର୍ଟେଶନ୍ ସିଷ୍ଟମ ଡିଭିଜନ୍ ଦ୍ୱାରା ନିର୍ମାଣ କରାଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୧.୪ |
| ଚାନ୍ଦବାଲି | ୨୯.୩ | ୧୩.୧ |
| କଟକ | ୨୯.୬ | ୧୧.୬ |
| ପାରାଦ୍ୱୀପ | ୨୭.୬ | ୧୪.୦ |
| ଭୁବନେଶ୍ୱର | ୩୧.୫ | ୧୧.୭ |
| ଗୋପାଳପୁର | ୨୯.୨ | ୧୪.୮ |
| ପୁରୀ | ୨୭.୬ | ୧୪.୬ |
| ଅନୁଗୋଳ | ୩୦.୧ | ୮.୦ |
| ବାରିପଦା | ୨୯.୦ | ୧୧.୬ |
| ଝାରସୁଗୁଡ଼ା | ୩୦.୦ | ୧୦.୨ |
| କେନ୍ଦୁଝର | ୨୭.୩ | ୯.୭ |
| ସମ୍ବଲପୁର | ୩୦.୨ | ୧୦.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୯.୬ | ୧୧.୩ |
| ତାଳଚେର | ୩୧.୮ | ୧୦.୫ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୩୦.୦ | ୧୧.୦ |
| କୋରାପୁଟ | ୨୭.୪ | ୯.୪ |
| ଫୁଲବାଣୀ | --- | ୭.୩ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୪ | ୧୦.୮ |
| ସୋନପୁର | ୩୦.୨ | ୧୨.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଅନୁରାଗଙ୍କ ଫିଲ୍ମରେ ସାନ୍ୟା



**ମୁମ୍ବାଇ:** ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ରହସ୍ୟୋଦ୍ଦୀପକ ତଥା ରୋମାଞ୍ଚକର ଏହି ଫିଲ୍ମ ବହୁ ବିଶିଷ୍ଟ କଳାକାରଙ୍କୁ ନେଇ ନିର୍ମାଣ ହେଉଥିବା ବେଳେ ସେପ୍ଟେମ୍ବର ୬ରେ ଏହା ରିଲିଜ ହେବ। ତେବେ ଏହି ଫିଲ୍ମର ଟାଇଟଲ୍ ଏ ଯାଏ ପ୍ରସ୍ତୁତ ହୋଇନାହିଁ। ଟି-ସିରିଜ୍ ନିର୍ମାତା ଭୂଷଣ କୁମାରଙ୍କ ଦ୍ୱାରା ଉକ୍ତ ଫିଲ୍ମ ନିର୍ମାଣ ହେଉଥିବା ବେଳେ ଏଥିରେ ଅଭିଷେକ ବଚ୍ଚନ, ରାଜକୁମାର ରାଓ, ଫତିମା ସାନା ଶେଖ୍, ଆଦିତ୍ୟ ରଏ କପୁର ଏବଂ ପଙ୍କଜ ତ୍ରିପାଠୀ ପ୍ରମୁଖ ଅଭିନୟ କରୁଛନ୍ତି। ସାନ୍ୟା ମଧ ରିତେଶ ବାତ୍ରାଙ୍କ ‘ଫଟୋଗ୍ରାଫ୍’ରେ ଅଭିନୟ କରି ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ତାଙ୍କ ସହ ଅଭିନୟ କରିଛନ୍ତି ନୱାଜୁଦ୍ଦିନ ସିଦ୍ଦିକ୍। ଆମେରିକାରେ ଚାଲୁଥିବା ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଉକ୍ତ ଫିଲ୍ମର ପ୍ରିମିୟର ପ୍ରଦର୍ଶନୀ ହୋଇଥିଲା। ଦୁଇଦିନ ତଳେ ସାନ୍ୟା ଉକ୍ତ ଉତ୍ସବରୁ ଫେରିଥିଲେ। ତେବେ ‘ଫଟୋଗ୍ରାଫ୍’ର ପ୍ରଥମ ପ୍ରଦର୍ଶନ ପରେ ଏହାକୁ ଦର୍ଶକ ବେଶ୍ ପସନ୍ଦ କରିଥିବା ସାନ୍ୟା ଜଣାଇଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। –ଶ୍ରୀଅରବିନ୍ଦ



# ସର୍ବନିମ୍ନ ଆୟ ପ୍ରସ୍ତାବ



ଆକାର ପଟେଲ

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ସହାୟତା ଦେବା ଲାଗି କେନ୍ଦ୍ର ସରକାର ଯେଉଁ ଘୋଷଣା କରିଛନ୍ତି, ତାହା ଆସନ୍ତା ମେ ମାସରେ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ଏକ ବଢ଼ିଆ ପଦକ୍ଷେପ। ତେବେ ଅନ୍ୟ ଦୁଇଟି ଘଟଣାକ୍ରମ ପରେ ବଜେଟରେ ଏହି ଯୋଜନା ଘୋଷଣା କରାଯାଇଛି। ପ୍ରଥମଟି ହେଉଛି ସରକାର ଏକ ରିପୋର୍ଟକୁ ଚପାଇ ଦେଇଥିଲେ, ଯେଉଁ ରିପୋର୍ଟ କହୁଛି ଯେ ୪୫ ବର୍ଷ ଭିତରେ ଭାରତରେ ବେକାରି ସମସ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦ୍ୱିତୀୟଟି ହେଉଛି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ କ୍ଷମତାକୁ ଆସିଲେ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ଦେବ ବୋଲି କହୁଛନ୍ତି।

ତେବେ ଏ ଯୋଜନା ପ୍ରଥମ ନୁହେଁ, ତେଲେଙ୍ଗାନାର କୃଷକମାନଙ୍କୁ ରାଜ୍ୟ ସରକାର ବାର୍ଷିକ ଏକର ପିଛା ୮୦୦୦ ଟଙ୍କା ଦେଇଛନ୍ତି। ମୋଦି ସରକାରଙ୍କ ଯୋଜନା ଅନୁସାରେ ୨ ହେକ୍ଟର ବା ପ୍ରାୟ ୫ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଉକ୍ତ ସହାୟତା ମିଳିବ। ସେହି କୃଷକଟି ଯଦି ତେଲେଙ୍ଗାନାର ହୋଇଥିବ, ତେବେ ସେ ଏହା ପୂର୍ବରୁ ୪୦,୦୦୦ ଟଙ୍କା ପାଇସାରିଥିବ। ଓଡ଼ିଶାରେ ପ୍ରତ୍ୟେକ କୃଷକଙ୍କୁ ୫୦୦୦ ଟଙ୍କା ନଗଦ ରାଶି ଦିଆଯାଉଛି। ତା' ସହ ପ୍ରତି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି ଖରିଫ ଓ ରବି ଋତୁ ପାଇଁ ୨୫,୦୦୦ ଟଙ୍କା ଏବଂ ପ୍ରତ୍ୟେକ ଭୂମିହୀନ ପରିବାରକୁ ତିନୋଟି ପର୍ଯ୍ୟାୟରେ ୧୨,୫୦୦ ଟଙ୍କା ମିଳିବ। ଉଭୟ ଯୋଜନାର ସମାଲୋଚକ ଅଛନ୍ତି। ସେମାନଙ୍କ ମତରେ ଏଭଳି ଯୋଜନା କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର କାରଣ କିଏ କ୍ଷୁଦ୍ରଚାଷୀ ଓ କିଏ ଭୂମିହୀନ, ସରକାର କେମିତି ଜାଣିବେ? ତା' ଛଡ଼ା ଏତେ ଟଙ୍କା ବାଣ୍ଟିବା ପାଇଁ ସରକାରଙ୍କ ପାଖରେ ସମ୍ବଳ ଆସିବ କେଉଁଠୁ?

ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର ଯୋଜନା କେବଳ ଭାରତରେ ସୀମିତ ନୁହେଁ, ଏଭଳି ଚିନ୍ତାଧାରାର ମୂଳ ଆସିଛି ବିଦେଶରୁ। ଇଂଲଣ୍ଡରେ ବେକାର ଦମ୍ପତିଙ୍କୁ ସରକାର ସାପ୍ତାହିକ ୧୧୪ ପାଉଣ୍ଡ (ମାସିକ ୪୨୦୦୦ ଟଙ୍କା) ଦେଉଛନ୍ତି। ଯେଉଁ ପରିବାରଗୁଡ଼ିକର ରହିବା ପାଇଁ ଘର ନାହିଁ ବା ଯେଉଁମାନେ ଅତି ସଂକୀର୍ଣ୍ଣ ଜାଗାରେ ରହୁଛନ୍ତି, ସେମାନଙ୍କୁ ଅତ୍ୟନ୍ତ ରିହାତି ମୂଲ୍ୟରେ କାଉନ୍ସିଲ ଘର ଯୋଗାଇ ଦିଆଯାଉଛି। ଆମେରିକାରେ ମଧ୍ୟ ବେକାରଙ୍କୁ ବିଭିନ୍ନ ସୁବିଧା ଓ ଖାଦ୍ୟ ଷ୍ଟାମ୍ପ (ଯେଉଁ ଷ୍ଟାମ୍ପ ଦେଖାଇ ସେମାନେ ମାଗଣାରେ ଖାଦ୍ୟ ପାଇପାରିବେ) ଦିଆଯାଉଛି।

୨୦୧୬ ଜୁନ୍ ମାସରେ ସ୍ୱିଜରଲାଣ୍ଡର ଭୋଟରମାନେ ସୁନିଶ୍ଚିତ ମୌଳିକ ଆୟ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏକ ଜନମତରେ ସ୍ୱିଜରଲାଣ୍ଡର ୭୭ ପ୍ରତିଶତ ଭୋଟର ପ୍ରସ୍ତାବ ବିପକ୍ଷରେ ମତ ଦେଇଥିଲେ। ପ୍ରସ୍ତାବର ସମର୍ଥକମାନେ ପ୍ରତ୍ୟେକ ବୟସ୍କ ନାଗରିକଙ୍କୁ ମାସିକ ୨୫୦୦ ସ୍ୱିସ୍ ଫ୍ରାଙ୍କ (୧.୮ ଲକ୍ଷ ଟଙ୍କା) ଏବଂ ପ୍ରତ୍ୟେକ ଶିଶୁଙ୍କୁ ମାସିକ ୬୨୫ ଫ୍ରାଙ୍କ (୪୫,୦୦୦ ଟଙ୍କା) ଦେବାକୁ ଦାବି କରିଥିଲେ। ଏ ପ୍ରସ୍ତାବର ସମର୍ଥକମାନଙ୍କ ଯୁକ୍ତି ଥିଲା ଯେ କଳକାରଖାନାରେ ସ୍ୱୟଂକ୍ରିୟ ବ୍ୟବସ୍ଥାର ବହୁଳ ପ୍ରଚଳନ ଯୋଗୁ ଲୋକମାନେ ଆଉ କାମ ପାଇବେ ନାହିଁ। ତେଣୁ ସେମାନଙ୍କ ବଞ୍ଚିବା ପାଇଁ ମାସିକ ଭତ୍ତା ଦିଆଯିବା ଦରକାର। ବିରୋଧୀଙ୍କ ଯୁକ୍ତି ଥିଲା ଯେ, ଏପରି ଯୋଜନା ପ୍ରବର୍ତ୍ତନ ହେଲେ ସ୍ୱିଜରଲାଣ୍ଡକୁ ଲକ୍ଷ ଲକ୍ଷ ଆପ୍ରବାସୀ ଆକର୍ଷିତ ହୋଇ ଆସିବେ। ତେବେ ସ୍ୱିଜରଲାଣ୍ଡର କୌଣସି ରାଜନେତା କିମ୍ବା କୌଣସି ରାଜନୈତିକ ଦଳ ଏ ପ୍ରସ୍ତାବକୁ ସମର୍ଥନ କରୁ ନ ଥିଲେ। କିନ୍ତୁ ଭାରତ କଥା ପୂରା ଅଲଗା। ସ୍ୱିଜରଲାଣ୍ଡ ପରି ଆମ ପାଖରେ ବେଶି ଟଙ୍କା ନ ଥିଲେ ମଧ୍ୟ ସବୁ ଦଳ ଚାହୁଁଛନ୍ତି ଲୋକଙ୍କୁ ମାଗଣାରେ ନଗଦ ଟଙ୍କା ବାଣ୍ଟିବା ପାଇଁ।

କିଛିଦିନ ତଳେ ଫିନ୍‌ଲାଣ୍ଡରେ ଏକ ଦୁଇବର୍ଷିଆ ଅନୁଧ୍ୟାନ ଶେଷ ହୋଇଛି, ଯେଉଁଥିରେ ୨୮ରୁ ୫୮ ବର୍ଷୀୟ ୨୦୦୦ ବେକାରଙ୍କୁ ମାସିକ ୫୬୦ ୟୁରୋ (୪୫,୦୦୦ ଟଙ୍କା) ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ଲୋକ ପରେ ଚାକିରି ପାଇଲେ ମଧ୍ୟ ଏ ଟଙ୍କା ସେମାନଙ୍କୁ ଦିଆଚାଲିଲା। ଏ ସୁନିଶ୍ଚିତ ଆୟ ସେମାନଙ୍କ ଉପରେ କି ପ୍ରଭାବ ପକାଉଛି, ଜାଣିବା ଥିଲା ଅନୁଧ୍ୟାନର ଉଦ୍ଦେଶ୍ୟ। ସ୍ପେନ୍‌ର ବାର୍ସିଲୋନା ନଗରୀ (ଯେଉଁଠି ବେକାରି ସମସ୍ୟା ଉତ୍କଟ) ଏବଂ ନେଦରଲାଣ୍ଡର ଉଟ୍ରେକ୍ଟ ନଗରୀ ମଧ୍ୟ ଅନୁରୂପ ଅନୁଧ୍ୟାନ ଚଳାଇଛନ୍ତି। ଭାରତରୁ ୟୁରୋପ ପର୍ଯ୍ୟନ୍ତ ସାରା ବିଶ୍ୱରେ ସାର୍ବଜନୀନ ମୌଳିକ ଆୟକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ବାମପନ୍ଥୀ ଓ ଉଦାରବାଦୀମାନେ ଭାବୁଛନ୍ତି ଏହାଦ୍ୱାରା ଦାରିଦ୍ର୍ୟ ଓ ଅସମାନତା ଦୂର ହୋଇପାରିବ। ଦକ୍ଷିଣପନ୍ଥୀମାନେ ଭାବୁଛନ୍ତି ଏହା ଲୋକଙ୍କ ପାଖରେ କଲ୍ୟାଣ ପହଞ୍ଚାଇବା ପାଇଁ ଅଧିକ ଦକ୍ଷ ଓ କମ୍ ଅମଲାତାନ୍ତ୍ରିକ ପଦ୍ଧତି।

ନରେନ୍ଦ୍ର ମୋଦି ମନରେଗା ଯୋଜନାର ଅନ୍ତ ଘଟାଇବା ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ ଏବଂ ଏହି ଯୋଜନା ମନମୋହନ ସିଂଙ୍କ ବିଫଳତାର ନିଦର୍ଶନ ବୋଲି ସେ ଅଭିଯୋଗ ବାଢ଼ିଥିଲେ। କିନ୍ତୁ ବଜେଟରେ ମୋଦି ମନରେଗା ଯୋଜନା ପାଇଁ ପ୍ରାୟ ୧୦ ପ୍ରତିଶତ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିରୁ ଜଣାପଡୁଛି ସେ ତାଙ୍କର ମତ ବଦଳାଇ ଦେଇଛନ୍ତି। ବାସ୍ତବତା ହେଉଛି, ସାରା ବିଶ୍ୱରେ କର୍ମନିଯୁକ୍ତି ହ୍ରାସ ପାଉଛି ଏବଂ ଏହା ହ୍ରାସ ପାଇଚାଲିବ। ବିଶେଷତଃ ଯେଉଁଭଳି ନିଯୁକ୍ତି ଲୋକମାନେ ଚାହୁଁଛନ୍ତି, ସେଭଳି ନିଯୁକ୍ତି ମିଳିବ ନାହିଁ। ଅନେକ ବିଶେଷଜ୍ଞଙ୍କ ମତରେ ଅଧିକାଂଶ ସମୃଦ୍ଧ ଅର୍ଥନୀତିର ଦେଶରେ ଆସନ୍ତା ୧୫ ବର୍ଷ ଭିତରେ ଗଣ ବେକାରି ଦେଖାଯିବ। ଅର୍ଥାତ୍ ସାର୍ବଜନୀନ ମୌଳିକ ଆୟ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଭାରତରେ ଏହି ସମସ୍ୟା ପାଶ୍ଚାତ୍ୟ ଦେଶଠାରୁ ଅଧିକ। ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ପାଶ୍ଚାତ୍ୟ ଦେଶଠାରୁ ଆମେ ବହୁତ ପଛରେ ଅଛୁ (ସ୍ୱିଜରଲାଣ୍ଡର ମୁଣ୍ଡ ପିଛା ଆୟ ଭାରତର ୩୦ ଗୁଣ)। ତେଣୁ ଲୋକଙ୍କୁ ଆର୍ଥିକ ସହାୟତା ଦେବାର ଆବଶ୍ୟକତା ଏଠାରେ ଅଧିକ।

Email: aakar.patel@gmail.com

# ନିର୍ବାଚନମୁଖୀ ବଜେଟ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଶୁକ୍ରବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ନିଜର ଶେଷ ବଜେଟକୁ ସଂସଦରେ ଉପସ୍ଥାପିତ କରିଛନ୍ତି। ଯେହେତୁ ସରକାରର କାର୍ଯ୍ୟକାଳ ସରିବାକୁ ଆଉ ଦୁଇମାସ ବାକି ରହିଛି ଏବଂ ଆଗାମୀ ମେ' ସୁଦ୍ଧା ନୂତନ ସରକାର ଗଠନ ହେବାର ଅଛି, ତେଣୁ ସ୍ୱାଭାବିକ ଭାବେ ବଡ଼ ବଡ଼ ନିଷ୍ପତ୍ତି ଏବଂ ଯୋଜନା ଘୋଷଣା କରିବାକୁ ଆଗାମୀ ସରକାର ପାଇଁ ଛାଡ଼ିଦେବା ଉଚିତ ଥିଲା। କିନ୍ତୁ ସରକାରଙ୍କ କାମଚଳା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କ ବଜେଟ ଭାଷଣକୁ ଦେଖିଲେ ଯେ କେହି ମୋଦି ସରକାର ଦ୍ୱାରା ଏହି ପରମ୍ପରାର ଖୋଲାଖୋଲି ଉଲ୍ଲଂଘନ ବୋଲି ସ୍ୱୀକାର କରିବେ। ଏକ କାମଚଳା ମଧ୍ୟବର୍ତ୍ତୀ ବଜେଟ ବଦଳରେ ନିର୍ବାଚନକୁ ଆଖିରେ ରଖି ସରକାର ବଡ଼ ବଡ଼ ଯୋଜନାର ବର୍ଷା କରି ଦେଇଛନ୍ତି ବୋଲି କୁହାଯାଇପାରେ।

ଚଳିତ ବଜେଟରେ ବିଭିନ୍ନ ଚିରାଚରିତ ଭାଷଣବାଜିକୁ ଛାଡ଼ିଦେଲେ ସରକାରଙ୍କ ସବୁଠାରୁ ବଡ଼ ତିନୋଟି ଘୋଷଣା ଦେଖିବାକୁ ମିଳେ। ସେଗୁଡ଼ିକ ମଧ୍ୟରେ କୃଷକମାନଙ୍କୁ ବାର୍ଷିକ ଛଅ ହଜାର ଟଙ୍କାର ନଗଦ ସହାୟତା, ଅସଂଗଠିତ ଶ୍ରମିକମାନଙ୍କୁ ଷାଠିଏ ବର୍ଷ ପରେ ମାସିକ ତିନି ହଜାର ଟଙ୍କାର ପେନ୍‌ସନ ଏବଂ ବ୍ୟକ୍ତିଗତ ଆୟ ଉପରେ ଆୟକର ଛାଡ଼ର ସୀମାକୁ ପାଞ୍ଚଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଉପରୋକ୍ତ ଘୋଷଣାଗୁଡ଼ିକ ନିଶ୍ଚିତରୂପେ ଶୁଣିବାକୁ ଭଲ ଲାଗୁଛି, କିନ୍ତୁ ନିର୍ବାଚନ ପାଇଁ ଲୋକଙ୍କୁ ଲୋଭାନ୍ୱିତ କରିବାକୁ ଉଦ୍ଦିଷ୍ଟ ତଥା ଆବଶ୍ୟକ ବଜେଟ ବ୍ୟବସ୍ଥା ବିନା ଏସବୁ ଘୋଷଣା କେତେଦୂର ପ୍ରଭାବଶାଳୀ ହେବ, ତାହା ବିଶ୍ଳେଷଣ କଲେ ହିଁ ସ୍ପଷ୍ଟ ହୋଇପାରିବ। କାରଣ ଅତୀତରେ ଦେଶର ୫୦ କୋଟି ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରୁଥିବା ସରକାରଙ୍କ ବହୁ ପ୍ରଚାରିତ 'ଆୟୁଷ୍ମାନ ଭାରତ' ଯୋଜନା ବାବଦରେ ମାତ୍ର ୨୦୦୦ କୋଟି ହିଁ ବ୍ୟୟବରାଦ କରିବା ଦେଖିବାକୁ ମିଳୁଛି। ଏପରି କି ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଦିଲ୍ଲୀ ପରି ରାଜ୍ୟ ସରକାରମାନେ ଏହାକୁ ଲାଗୁ କରିବାକୁ ସ୍ପଷ୍ଟ ଭାବେ ମନା କରିବା ସହ ନିଜସ୍ୱ ଯୋଜନା ଆରମ୍ଭ କରିଛନ୍ତି।

ଗତ କିଛିବର୍ଷ ମଧ୍ୟରେ ଦେଶରେ କୃଷି ସଙ୍କଟ ଉତ୍କଟ ହୋଇ ବହୁ ସଂଖ୍ୟାରେ କୃଷକ ଆତ୍ମହତ୍ୟା କରିବା ଦେଖାଯାଇଛି। କୃଷକମାନଙ୍କ ବର୍ଦ୍ଧିତ ଋଣଭାର ସାଙ୍ଗକୁ କୃଷି ଖର୍ଚ୍ଚରେ ବୃଦ୍ଧି, ଫସଲର ଉଚିତ ଦାମ୍ ନ ପାଇବା ଆଦି କାରଣରୁ ସୃଷ୍ଟ ଏହି ସଙ୍କଟ ଯୋଗୁ ଦେଶରେ କୃଷକ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଅନୁଷ୍ଠିତ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ କ୍ଷମତାସୀନ ଦଳ କୃଷକମାନଙ୍କ ଅସନ୍ତୋଷର ଶିକାର ହେବା ଦେଖିବାକୁ ମିଳିଛି। ତେବେ ଦେଶର କୃଷକମାନେ ଏହି ସଙ୍କଟରୁ ଉଦ୍ଧାର ପାଇବା ପାଇଁ କୃଷିଋଣ ଛାଡ଼ କରିବା ସହିତ ଉତ୍ପାଦନ ଖର୍ଚ୍ଚକୁ କମାଇବା ଏବଂ ଫସଲର ଉପଯୁକ୍ତ ଦାମ୍ ଦେବାକୁ ଦାବି କରି ଆସିଛନ୍ତି। କିନ୍ତୁ ନିଜକୁ କୃଷକ ସପକ୍ଷବାଦୀ ଦାବି କରୁଥିବା କେନ୍ଦ୍ରର ଭାଜପା ସରକାର ଚଳିତ ବଜେଟରେ କୃଷକମାନଙ୍କ ଋଣଭାର କମାଇବା କିମ୍ବା ଫସଲର ଉପଯୁକ୍ତ ଦାମ୍ ଦେବା କିମ୍ବା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବାକୁ କୌଣସି ଘୋଷଣା ନ କରି ଚୁପ୍ ରହିବା ଦେଖିବାକୁ ମିଳିଛି। ବଜେଟରେ ଜଳସେଚନ ପାଇଁ ଅନୁଦାନକୁ ହ୍ରାସ କରାଯାଇଛି।

ନିର୍ବାଚନ ପୂର୍ବରୁ ଦେଶରେ କୃଷକମାନଙ୍କ ଅସନ୍ତୋଷକୁ ଥଣ୍ଡା କରିବାକୁ ସରକାର ବଜେଟରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' (ପିଏମ୍–କିଷାନ) ନାଁରେ ଏକ ଯୋଜନା ଘୋଷଣା କରିଛନ୍ତି। ଏହା ଜରିଆରେ ସରକାର ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା କୃଷକଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬୦୦୦ (ମାସିକ ୫୦୦ ଏବଂ ଦୈନିକ ମାତ୍ର ୧୭) ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ। ତେବେ ଏହାର ଲାଭ ସବୁ କୃଷକ ନୁହନ୍ତି, କେବଳ ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା କୃଷକମାନେ ହିଁ ପାଇବେ। ଆମ ଦେଶର କୃଷିରେ ନିୟୋଜିତ ମୋଟ ଶ୍ରମଶକ୍ତିର ୫୫% ଭାଗଚାଷୀ ଓ କୃଷିଶ୍ରମିକ ଏଥିରୁ ବଞ୍ଚିତ ହେବେ। ଏହି ଘୋଷଣାଟି ମୂଳତଃ ତେଲେଙ୍ଗାନା ସରକାରଙ୍କ 'ରଇତୁ ବନ୍ଧୁ' ଯୋଜନା ଏବଂ ନିକଟ ଅତୀତରେ ଓଡ଼ିଶା ସରକାରଙ୍କ ବହୁ ପ୍ରଚାରିତ 'କାଳିଆ' ଯୋଜନାର ଅନୁକରଣରେ କରାଯାଇଛି। ତେବେ ଗତ ପାଞ୍ଚବର୍ଷ ମଧ୍ୟରେ କୃଷକଙ୍କ ପାଇଁ କିଛି କରି ନ ଥିବା ମୋଦି ସରକାର ଏବେ ନିର୍ବାଚନ ପୂର୍ବରୁ ଦେଶର କୃଷକମାନଙ୍କୁ ପ୍ରଲୋଭିତ କରିବାକୁ ଏହି ଯେଉଁ ଯୋଜନାଟି କରିଛନ୍ତି, ତାହା ଉପରୋକ୍ତ ଦୁଇ ରାଜ୍ୟ ସରକାରଙ୍କ ଯୋଜନାଠାରୁ ଭଲ ନୁହେଁ। କାରଣ 'ରଇତୁ ବନ୍ଧୁ' ଯୋଜନାରେ ଜମିର କୌଣସି ସୀମା ନ ଥିବା ବେଳେ ସରକାର ଏକର ପିଛା ବର୍ତ୍ତମାନ ଆଠ ହଜାର ଟଙ୍କା ଦେଉଛନ୍ତି। ନିକଟରେ ସେଠାକାର ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିକୁ ଦଶ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଘୋଷଣା କରିଛନ୍ତି। ସେହିଭଳି 'କାଳିଆ' ଯୋଜନାରେ କେବଳ ଜମି ମାଲିକ ନୁହନ୍ତି ବରଂ ଛୋଟ, ନାମମାତ୍ର ଚାଷୀ ଏବଂ ଭାଗଚାଷୀଙ୍କୁ ମଧ୍ୟ ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ଦେଶରେ କୃଷକ ଅସନ୍ତୋଷ ବୃଦ୍ଧି ପରିପ୍ରେକ୍ଷୀରେ କୃଷକଙ୍କୁ ଏଭଳି ନାମମାତ୍ର ସହାୟତା ସେମାନଙ୍କ ସମସ୍ୟାର ତ ସମାଧାନ କରିବନି ବରଂ ସେମାନଙ୍କ ପ୍ରତି ସରକାରଙ୍କ ସମ୍ବେଦନହୀନତାକୁ ହିଁ ପ୍ରଦର୍ଶିତ କରୁଛି।

ସେହିଭଳି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମାସିକ ୩୦୦୦ ଟଙ୍କା ପେନ୍‌ସନ ଦେବାକୁ ବଜେଟରେ ଘୋଷଣା କରାଯାଇଛି। ଏହା ଏକ ସହଭାଗିତାମୂଳକ ପେନ୍‌ସନ ଯୋଜନା, ଯେଉଁଥିରେ ସମ୍ପୃକ୍ତ ହିତାଧିକାରୀଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ମାସିକ ଶହେ ଟଙ୍କା ଲେଖାଏଁ ଜମା କରିବାକୁ ହେବ। ଜଣେ ୩୦ ବର୍ଷର ଶ୍ରମିକ ପ୍ରତିମାସରେ ଶହେ ଟଙ୍କା ଲେଖାଏଁ ଜମା କରି ୩୦ ବର୍ଷ ପରେ ଯଦିବା ୩୦୦୦ ଟଙ୍କା ପେନ୍‌ସନ ପାଇବ, ସେଥିରେ ତା'ର କ'ଣ ଲାଭ ହେବ? ସରକାର ବର୍ତ୍ତମାନ ନିଜର ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ କୃଷକମାନଙ୍କୁ ୬୦ ବର୍ଷ ପରେ ପେନ୍‌ସନ ବାବଦରେ ମାତ୍ର ଦୁଇଶହ ଟଙ୍କା ପ୍ରଦାନ କରୁଛନ୍ତି। ୨୦୦୭ ମସିହାରୁ ଅର୍ଥାତ୍ ଦୀର୍ଘ ୧୨ ବର୍ଷ ଧରି ଦରଦାମ୍ ବୃଦ୍ଧି ଏବଂ ସରକାରୀ କର୍ମଚାରୀ ତଥା ସାଂସଦ–ବିଧାୟକଙ୍କ ଦରମା ବୃଦ୍ଧି ସତ୍ତ୍ୱେ ତାହା ମାସିକ ୨୦୦ ଟଙ୍କାରେ ସ୍ଥିର ରହିବା ଲଜ୍ଜାଜନକ। ଏହା ସମାଜର ସବୁ ଗରିବ ଲୋକଙ୍କୁ ବି ମିଳିପାରୁନି। ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ପେନ୍‌ସନ ଏକ ଅଧିକାର। ଅତଏବ ସରକାର ସମ୍ପୂର୍ଣ୍ଣ ରୂପେ ନିଜସ୍ୱ ପାଣ୍ଠିରୁ ଦେଶର ସବୁ ଶ୍ରମିକ ଓ କୃଷକଙ୍କୁ ୬୦ ବର୍ଷ ପରେ ମାସିକ ସର୍ବନିମ୍ନ ୩୦୦୦ ଟଙ୍କା ପେନ୍‌ସନ ଦେବାକୁ ଘୋଷଣା କରିବା ଜରୁରୀ ଥିବାବେଳେ ବଜେଟରେ ଏଭଳି ଯେଉଁ ଲୋକଦେଖାଣିଆ ଘୋଷଣା କରିଛନ୍ତି, ତାହା ଏକ ପ୍ରବଞ୍ଚନା ବୋଲି କୁହାଯାଇପାରେ।

ସରକାର ମଧ୍ୟବିତ୍ତ ଶ୍ରେଣୀକୁ ଆକୃଷ୍ଟ କରିବାକୁ ବ୍ୟକ୍ତିଗତ ଆୟ ଉପରେ ଆୟକର ଛାଡ଼ ସୀମାକୁ ୨.୫ରୁ ୫ ଲକ୍ଷକୁ ବୃଦ୍ଧି କରିଛନ୍ତି। ମୋଦିଙ୍କ ଗତ ପାଞ୍ଚବର୍ଷର ଶାସନକାଳରେ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ରନ୍ଧନ ଗ୍ୟାସ୍ ପର୍ଯ୍ୟନ୍ତ ସବୁଥିରେ ମୂଲ୍ୟବୃଦ୍ଧିର ବୋଝକୁ ସହି ଆସୁଥିବା ଦେଶର ମଧ୍ୟବିତ୍ତ ଶ୍ରେଣୀଟିକୁ ସରକାର ନିର୍ବାଚନ ପୂର୍ବରୁ ମନେ ପକାଇବା ନିଶ୍ଚିତ ରୂପେ ଭଲକଥା। କିନ୍ତୁ ଏହି ଆୟକର ଛାଡ଼ରେ କେବଳ ୨.୫ରୁ ୫ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ଲୋକେ ହିଁ ଲାଭାନ୍ୱିତ ହେବେ। ତେବେ ବଜେଟରେ ସବୁଠାରୁ ବେଶି ଲାଭାନ୍ୱିତ ହୋଇଛନ୍ତି ଦେଶର ଧନାଢ୍ୟ ବର୍ଗ। ନିକଟରେ ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟରେ ଭାରତରେ ସମ୍ପତ୍ତି ଓ ଆୟରେ ଅସମାନତାରେ ତୀବ୍ର ବୃଦ୍ଧି ଲକ୍ଷ୍ୟ କରାଯାଇଛି। ଦେଶର ନଅଜଣ ସର୍ବୋଚ୍ଚ ଧନୀଙ୍କ ସମ୍ପତ୍ତିର ପରିମାଣ ଦେଶର ପଚାଶ ଭାଗ ଲୋକଙ୍କ ସମ୍ପତ୍ତିଠାରୁ ଅଧିକ। ଏଭଳି ପରିସ୍ଥିତିରେ ରାଜସ୍ୱ ବୃଦ୍ଧି ପାଇଁ ଦେଶର ଏହି ସୁପର ଧନୀଙ୍କ ଉପରେ ବଜେଟରେ ସରକାର ସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପ୍ରତ୍ୟକ୍ଷ ଟିକସ ଘୋଷଣା କରିବାର ସୁଯୋଗ ଥିଲେ ମଧ୍ୟ ତାହା କରିବାକୁ ସାହସ କରିନାହାନ୍ତି।

ଦେଶରେ ବେକାରି ସମସ୍ୟା ବଢ଼ି ଚାଲିଥିବା ବେଳେ ମୋଦି ସରକାର ସମୟରେ ଏହା ଉତ୍କଟ ରୂପ ଧାରଣ କରିଛି। ପ୍ରତିବର୍ଷ ଏକ କୋଟି ରୋଜଗାର ସୃଷ୍ଟି କରିବାକୁ ମୋଦିଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଉପହାସରେ ପରିଣତ ହୋଇଛି। ଅର୍ଥମନ୍ତ୍ରୀ ନିଜ ବଜେଟ ଭାଷଣରେ ବାରମ୍ବାର ଅର୍ଥ ବ୍ୟବସ୍ଥା ମଜଭୁତ ହେବା କଥା କହିଛନ୍ତି। ସରକାରଙ୍କ ମୁଦ୍ରା, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି ଜରିଆରେ ରୋଜଗାରର କଳ୍ପନା ବଦଳିଯାଇଛି ବୋଲି କହିଛନ୍ତି। ଅଥଚ ରୋଜଗାର ସମ୍ପର୍କରେ ତଥ୍ୟ ଦେବାକୁ ସମର୍ଥ ହୋଇ ନାହାନ୍ତି। ଯଦି ଅର୍ଥ ବ୍ୟବସ୍ଥା ଏତେ ମଜଭୁତ, ତା'ହେଲେ ଗତ ପାଞ୍ଚବର୍ଷ ମଧ୍ୟରେ ଦେଶରେ ବେରୋଜଗାରି ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ କାହିଁକି?

ଆମ ଦେଶ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ବିକାଶ ପରି ସାମାଜିକ କ୍ଷେତ୍ରରେ କମ୍ ପୁଞ୍ଜି ନିବେଶ ଯୋଗୁ ବିଶ୍ୱରେ ମାନବ ବିକାଶର ବିଭିନ୍ନ ସୂଚକାଙ୍କରେ ଅନ୍ୟ ଦେଶମାନଙ୍କଠାରୁ ଲଗାତର ପଛରେ ରହିଆସିଛି। ସରକାରଙ୍କ ବହୁ ପ୍ରଚାରିତ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ୫୬% ବ୍ୟୟ ବିଜ୍ଞାପନ ବାବଦରେ ବିନିଯୋଗ ହୋଇଥିବା ବେଳେ 'ନିର୍ଭୟା' ପାଣ୍ଠିର ସିଂହଭାଗଟି ବିନିଯୋଗ ନ ହୋଇ ପଡ଼ିରହିଛି। ଚଳିତ ବଜେଟରେ ସରକାର ପୂର୍ବ ବର୍ଷ ତୁଳନାରେ ଖାଦ୍ୟ ସୁରକ୍ଷା ଏବଂ ସାର ସବ୍‌ସିଡ଼ିକୁ ମଧ୍ୟ ହ୍ରାସ କରିଛନ୍ତି। ମନରେଗାରେ ପୂର୍ବ ବର୍ଷ ତୁଳନାରେ ଅଧିକ ବ୍ୟୟବରାଦ କରିବା କଥା କହିଥିଲେ ମଧ୍ୟ ଗତବର୍ଷର ସଂଶୋଧିତ ବ୍ୟୟ ହିସାବ ତୁଳନାରେ ଉପରୋକ୍ତ ରାଶି କମ୍। ଏଭଳି ପରିସ୍ଥିତିରେ ସରକାର ଦେଶର ସାମାଜିକ କ୍ଷେତ୍ରରେ ବ୍ୟୟବରାଦକୁ ବୃଦ୍ଧି କରିବା ବଦଳରେ ପ୍ରତିବର୍ଷ କମାଇବା ଦେଖାଯାଇଛି। ଚଳିତ ବଜେଟରେ ବି ସରକାର ସେହି ଧାରାକୁ ଅବ୍ୟାହତ ରଖିବା ସହିତ ଉଜାଲା, ସ୍ୱଚ୍ଛ ଭାରତ ଅଭିଯାନ ପରି ଯୋଜନାରେ ମଧ୍ୟ ବ୍ୟୟ ବରାଦ ହ୍ରାସ କରିଛନ୍ତି।

ଶେଷରେ ଚଳିତ ବଜେଟର ତଥ୍ୟ ଆଧାରରେ ଏତିକି କୁହାଯାଇପାରେ ଯେ, ଦେଶର କୃଷିକୁ ସଙ୍କଟରୁ ଉଦ୍ଧାର କରିବାରେ ତଥା ରୋଜଗାରି ସୃଷ୍ଟି କରିବାରେ ଓ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରି ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇବାରେ ମୋଦି ସରକାରଙ୍କ ଚଳିତ ବଜେଟ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି।

ମୋ– ୯୪୩୭୧୬୭୩୯୧,
bhalachandra.odisha@gmail.com

# ସିବିଆଇର ସର୍ବେସର୍ବା

ଗୋଇନ୍ଦା ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ କିଛି ମାସ ହେବ ଅନ୍ତର୍ବିବାଦ ଯୋଗୁ ସାଧାରଣରେ ନିନ୍ଦିତ ହୋଇଛି। ଏହାର ଦୁଇ ଶୀର୍ଷ ଅଧିକାରୀ ଆଲୋକ ବର୍ମା ଓ ରାକେଶ ଅସ୍ଥାନା ପରସ୍ପର ବିରୋଧରେ କଳି କରି ଅଦାଲତ ଯାଏ ଯିବାର କାହାଣୀ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି। ଏପରି କି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ବିଚାରପତି ଏ.କେ. ସିକ୍ରିଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଆଲୋକ ବର୍ମା ନିର୍ଦ୍ଦେଶକ ପଦରୁ ଯିବା ପରେ ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ମୁଖ୍ୟ କରାଯାଇଥିଲା। ତେବେ ଏହି ସଂସ୍ଥା ବିଶ୍ୱସନୀୟତା ହରାଉଥିବାରୁ ତୁରନ୍ତ ଏହାର ବିଧିବଦ୍ଧ ନିର୍ଦ୍ଦେଶକ ନିଯୁକ୍ତି ନେଇ ଚାରିଆଡୁ ଚାପ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ତୁରନ୍ତ ଏହାର ମୁଖ୍ୟଙ୍କ ନିଯୁକ୍ତି ନେଇ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧ ଫେବୃୟାରୀ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନରେନ୍ଦ୍ର ମୋଦିଙ୍କ ସମେତ ପ୍ରଧାନ ବିଚାରପତି ଗୋଗୋଇ ଏବଂ ଲୋକ ସଭାରେ ସର୍ବବୃହତ୍ ବିରୋଧୀ ଦଳ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ବୈଠକରେ ଆଲୋଚନା କରିଥିଲେ। ଶେଷରେ ଚୟନ କମିଟି କ୍ଷୁଦ୍ର ତାଲିକାଭୁକ୍ତ ନାମ ମଧ୍ୟରୁ ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ମୁଖ୍ୟ ଋଷି କୁମାର ଶୁକ୍ଲାଙ୍କୁ ନିର୍ଦ୍ଦେଶକ ଲାଗି ବାଛିଛନ୍ତି।

## ବ୍ୟକ୍ତିତ୍ୱ



ଋଷି କୁମାର ଶୁକ୍ଲା

ଋଷି ୨୩ ଅଗଷ୍ଟ ୧୯୬୦ରେ ମଧ୍ୟପ୍ରଦେଶର ଗୋୱାଲିୟରଠାରେ ଜନ୍ମଗ୍ରହଣ କରିଥିଲେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିବା ଋଷି ପରବର୍ତ୍ତୀ ସମୟରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ ଯୋଗ ଦେଇଥିଲେ। ୧୯୮୩ ବ୍ୟାଚ ମଧ୍ୟପ୍ରଦେଶ କ୍ୟାଡରର ଏହି ଅଧିକାରୀ ସେଠାରେ ପୋଲିସ ମହାନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏବେ ସିବିଆଇର ନିର୍ଦ୍ଦେଶକ ପଦ ଧାରଣ କରିବାକୁ ଯାଉଥିବାରୁ ତାଙ୍କ ଭୂମିକା ଉପରେ ସବୁଆଡୁ ନଜର ରହିବା ସ୍ୱାଭାବିକ। ଋଷିଙ୍କ ପୋଲିସ କ୍ୟାରିୟର ଦେଖିଲେ ତାଙ୍କ ନାମରେ ସେଭଳି ଅଭିଯୋଗ ନ ଥିବା କୁହାଯାଉଛି। ତାଙ୍କର ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ସମ୍ପୃକ୍ତି ଥିବା ନେଇ ତଥ୍ୟ ପ୍ରକାଶ ପାଇନାହିଁ। କେବଳ ଖାର୍ଗେ ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରାଯିବା ନେଇ ଅସମ୍ମତ ଥିବା ଚୟନ କମିଟିରୁ ଜଣାପଡ଼ିଛି। ସେ ଅଭିଯୋଗ କରିଛନ୍ତି ଯେ, ଦୁର୍ନୀତି ସଂକ୍ରାନ୍ତ ମାମଲାରେ ଋଷିଙ୍କ ସେଭଳି ଅଭିଜ୍ଞତା ନାହିଁ। ତଥାପି ଏହି ଅଧିକାରୀଙ୍କ ବିରୋଧରେ ସିଧାସଳଖ ଅଭିଯୋଗ ନ ଥିବାରୁ ବିଶ୍ୱାସର ସଙ୍କଟ ଦେଇ ଗତି କରୁଥିବା ସିବିଆଇକୁ ସେ ନୂଆ ଦିଗ ଦେଖାଇବେ ବୋଲି ଆଶା କରାଯାଉଛି। ତେବେ ତାଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଭାବେ ଅଗୁସ୍ତା ୱେଷ୍ଟଲାଣ୍ଡ, ୨ଜି ସ୍କାମ୍, କୋଲ୍ ସ୍କାମ୍, ଏୟାର ଇଣ୍ଡିଆ ସ୍କାଣ୍ଡାଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ନାମରେ ମାମଲା, ଉତ୍ତରପ୍ରଦେଶ ବାଲି ଓ ଖଣି ଦୁର୍ନୀତି, ଶାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ, ଆଇସିଆଇସିଆଇର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚନ୍ଦା କୋଚରଙ୍କ ନାମରେ ରହିଥିବା ମାମଲା ଆଦି ରହିଛି। ଋଷି ତାଙ୍କ ୨ ବର୍ଷର କାର୍ଯ୍ୟକାଳ ମଧ୍ୟରେ ନିରପେକ୍ଷତା ଅବଲମ୍ବନ କରି ତଦନ୍ତ ଦିଗରେ କେତେଦୂର ନୂତନ ବାଟ ଦେଖାଇପାରୁଛନ୍ତି, ଦେଖିବାକୁ ବାକି ରହିଲା।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁନିଆରେ ଅନେକ ରହସ୍ୟ ଏ ପର୍ଯ୍ୟନ୍ତ ବିଜ୍ଞାନ ଦ୍ୱାରା ଉନ୍ମୋଚିତ ହୋଇପାରିନାହିଁ। ସେଭଳି ଏକ ମନ୍ଦିର ରହିଛି ଭାରତରେ, ଯେଉଁଠି ମା' କାଳୀଙ୍କ ବକ୍ରପ୍ରତିମା ଆପେ ଆପେ ସିଧା ହୋଇଥାଏ। ମଧ୍ୟପ୍ରଦେଶ ରାୟସେନ ଜିଲା ଗଡୱାଲ ଗାଁରେ ରହିଛି ଏହି ପୁରାତନ କାଳୀ ମନ୍ଦିର। ଏହା କଙ୍କାଳୀ ମନ୍ଦିର ଭାବେ ପରିଚିତ। ଏଠାରେ ମାନସିକ କଲେ ଶ୍ରଦ୍ଧାଳୁଙ୍କ ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଦର୍ଶନ କରିଥାନ୍ତି। ମନ୍ଦିରରେ ବର୍ଷକୁ ଥରେ ମା' କାଳୀଙ୍କ ବକ୍ରପ୍ରତିମା ଆପେ ଆପେ ସିଧା ହୋଇଯାଏ ବୋଲି ଲୋକେ କୁହନ୍ତି। ମନ୍ଦିରରେ ସ୍ଥାପିତ ମା' କାଳୀଙ୍କ ମୂର୍ତ୍ତିର ବେକ ବଙ୍କା। ତେବେ ଦଶହରା ଦିନ ମା'ଙ୍କ ପ୍ରତିମା କିଛି ସମୟ ପାଇଁ ଆପେ ଆପେ ସିଧା ହୋଇଯାଏ। ଶ୍ରଦ୍ଧାଳୁମାନେ ମା'ଙ୍କୁ ଏହି ରୂପରେ ଦର୍ଶନ କଲେ ସୌଭାଗ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ହେବାକୁ ତୁମରି ଅଘର୍ଯ୍ୟ
ପୂଜିବାକୁ ଲଭେଁ ଅଧିକାର,
ଏ ଜୀବନ ରହୁ ଅଭିସାର।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ଫେବୃୟାରୀ ୧୯୯୪

- ବ୍ୟାଙ୍କ ବିନିୟମ ଆଇନ ୧୯୪୯ର ସଂଶୋଧନ ପାଇଁ ରାଷ୍ଟ୍ରପତି ଶଙ୍କରଦୟାଳ ଶର୍ମା ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- କଟକ ଜିଲାର ବାଙ୍କୀଠାରେ ଦୈନିକ ୨୫୦୦ ଟନ୍ ଆଖୁ ପେଡିବା କ୍ଷମତା ବିଶିଷ୍ଟ ଏକ ଚିନି ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଂ କୃତ୍ୱା ଘୃତଂ ପିବେତ୍

ମହାଶୟ,

ଗତ ଜାନୁୟାରୀ ପହିଲା ସୁଦ୍ଧା ଭାରତର ଋଣ ବୋଝ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଜାତୀୟ ସ୍ତରରେ ପ୍ରତି ଭାରତୀୟଙ୍କ ମୁଣ୍ଡପିଛା ଋଣ ଭାର ୬୨,୦୦୦ ଟଙ୍କା। କେବଳ ଗତ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ମୁଣ୍ଡ ପିଛା ଋଣ ଭାର ବଢ଼ିଛି ୨୪୪୮ ଟଙ୍କା। ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବାରୁ କେନ୍ଦ୍ର ସରକାର ଅଧିକ ଋଣ କରି ଆହୁରି ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିପାରନ୍ତି। 'ଅନୁରୂପ ଭାବେ ଓଡ଼ିଶା ସରକାରଙ୍କର ଏହି ସମୟ ସୁଦ୍ଧା ଋଣଭାର ୯୨ ହଜାର କୋଟି ଟଙ୍କାରେ ପହଞ୍ଚିଛି। ପ୍ରତି ରାଜ୍ୟବାସୀଙ୍କ ମୁଣ୍ଡପିଛା ଋଣ ଭାର ୨୧,୦୦୦ଟଙ୍କାରୁ ଅଧିକ। ପ୍ରଚଳିତ ନିୟମ ଅନୁସାରେ ରାଜ୍ୟର ଋଣ ଭାର ଜିଡିପିର ୨୦ ପ୍ରତିଶତ ମଧ୍ୟରେ ରହିବା କଥା। ମାତ୍ର ଏହା ୨୩ ପ୍ରତିଶତରେ ପହଞ୍ଚିଲାଣି। କେନ୍ଦ୍ର ହେଉ ବା ରାଜ୍ୟ ଋଣ କରିବାରେ କିଛି ଅସୁବିଧା ନାହିଁ। ମାତ୍ର ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ଆପଣେଇ ସରକାର ଋଣ ଅର୍ଥକୁ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ପରି ଭିତ୍ତିଭୂମିର ଉନ୍ନୟନ ଓ ରଚନାତ୍ମକ କ୍ଷେତ୍ରରେ ବିନିଯୋଗ ନ କରି କେବଳ ଶସ୍ତା ଲୋକପ୍ରିୟତା ପାଇଁ ରିହାତି ପ୍ରଦାନକାରୀ ଯୋଜନାରେ ବ୍ୟୟ କରିଚାଲିଛନ୍ତି। ଏହାଦ୍ୱାରା ଦେଶର ବିକାଶ ବଦଳରେ ବିନାଶ ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ମହାପ୍ରଭୁଙ୍କ ପ୍ରତି ଅବହେଳା କାହିଁକି

ନିକଟରେ ଖବର ପ୍ରକାଶିତ ହୋଇଥିଲା, ଶ୍ରୀଜଗନ୍ନାଥଙ୍କର 'ବନକ ଲାଗି' ନୀତି ଦିନ ମହାପ୍ରଭୁଙ୍କର ଶୃଙ୍ଗାର ପାଇଁ ଆବଶ୍ୟକ ସାମଗ୍ରୀ ଠିକ୍ ସମୟରେ ପହଞ୍ଚିପାରିଲା ନାହିଁ। ଏପରି କି ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗି ହେବା ପାଇଁ 'ଦହିପଖାଳ' ସନ୍ଧ୍ୟା ୭ଟା ୨୫ ମିନିଟ ପର୍ଯ୍ୟନ୍ତ ପହଞ୍ଚିପାରିଲା ନାହିଁ। ଫଳରେ ନୀତିକାନ୍ତିରେ ବିଳମ୍ବ ହେଲା। ଅଥଚ ସରକାର 'କାଳିଆ' ଯୋଜନା ଶୁଭାରମ୍ଭ କରି କହିଲେ ଚାଷୀଙ୍କ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳରୁ 'ମହାପ୍ରସାଦ' ଓ ଉତ୍ପନ୍ନ ପନିପରିବାରୁ ମହାପ୍ରଭୁଙ୍କ ବ୍ୟଞ୍ଜନ ପ୍ରସ୍ତୁତ ହେଉଛି। ମୋର ପ୍ରଶ୍ନ ମହାପ୍ରଭୁଙ୍କ ପାଇଁ ଲାଗିହେବା 'ଦହି ପଖାଳ' ଯୋଗାଇବାରେ ବିଳମ୍ବ ହେଲା କାହିଁକି? ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ସେମାନେ କୈଫିୟତ୍ ଦେବା ଉଚିତ।

କହ୍ନେଇଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କାମଚଳା ବ୍ୟୟମଞ୍ଜୁରୀ ବିଲ୍‌କୁ ମନ୍ତ୍ରୀ ପରିଷଦର ଅନୁମୋଦନ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପୂର୍ବରୁ ବିଭିନ୍ନ ସରକାରୀ ଖର୍ଚ୍ଚ ସମ୍ବନ୍ଧୀୟ ବିଲ୍ ମଞ୍ଜୁର କରାଇବା ସରକାରଙ୍କ ଦାୟିତ୍ୱ । ସେହି କ୍ରମରେ ରାଜ୍ୟ ସରକାର ଚଳିତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ (୪ମାସ) କାମଚଳା ବ୍ୟୟମଞ୍ଜୁରୀ ବିଲ୍ ପ୍ରସ୍ତୁତ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ବସିଥିବା ମନ୍ତ୍ରୀ ପରିଷଦ ବୈଠକରେ ମଧ ଏହାକୁ ଅନୁମୋଦନ କରାଯାଇଛି। ଦୁଇଦିନ ପରେ ଆରମ୍ଭ ହେବାକୁ ଥିବା ବିଧାନସଭାରେ ଏହାକୁ ଗୃହୀତ କରାଯିବ। ଏହାର ଆକାର ପ୍ରାୟ ୪୦,୦୦୦ କୋଟି ରହିଥିବା ସୂତ୍ରରୁ ପ୍ରକାଶ। ପୂର୍ବ ଘୋଷିତ ଯୋଜନାରେ ଅର୍ଥ ବରାଦକୁ କାମଚଳା ବଜେଟରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡିଛି। ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ମନ୍ତ୍ରୀ ପରିଷଦ ବୈଠକ ବସିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨।୨ (ବ୍ୟୁରୋ):** ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟର ଦ୍ୱିତୀୟ ମହଲାରେ ଶନିବାର ଅପରାହ୍ନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କାର୍ଯ୍ୟାଳୟରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଫାଇଲ ଓ କମ୍ପ୍ୟୁଟର ପୋଡ଼ିଯାଇଛି। ତେବେ ନିଆଁ ଲାଗିଥିବା ଜଣାପଡିବା ପରେ ଉକ୍ତ କୋଠାର ପ୍ରଥମ ମହଲା ଓ ଦ୍ୱିତୀୟ ମହଲାରେ ଥିବା କର୍ମଚାରୀମାନେ ଭୟଭୀତ ହୋଇ ବାହାରକୁ ଦୌଡ଼ି ଆସିଥିଲେ। ଖବର ପାଇ କଳ୍ପନା ଓ ଫାୟାର ଷ୍ଟେଶନରୁ ଅଗ୍ନିଶମ ବାହିନୀ ପହଞ୍ଚି ଦୁଇଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁଲିଭା କାର୍ଯ୍ୟରେ ୧୨ ଅଗ୍ନିଶମ କର୍ମଚାରୀ ୪ ଦମକଳ ଗାଡି ସହ ନିୟୋଜିତ ଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା କୁହାଯାଉଛି।ଅପରାହ୍ନ ପ୍ରାୟ ୫ଟା ୩୦ରେ ଏହି ଘଟଣା ଘଟିଥିଲା। ନିର୍ଦ୍ଦେଶାଳୟର କେତେଜଣ କର୍ମଚାରୀ ଘରକୁ ଚାଲିଯାଇଥିବାବେଳେ ଆଉ କେତେଜଣ ଅଫିସ୍‌ରୁ ବାହାରୁଥିଲେ। ଏହି ସମୟରେ ଅଫିସର ଦ୍ୱିତୀୟ ମହଲାରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ କେନ୍ଦ୍ରକୁ ଫୋନ୍ କରିବା ସହ ନିଆଁକୁ ଲିଭାଇବାକୁ ସେମାନେ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଚାହୁଁଚାହୁଁ ନିଆଁ ଚାରିଆଡକୁ ବ୍ୟାପିଯାଇ ଅଫିସ୍‌ରେ ଥିବା ଫାଇଲ ଓ କମ୍ପ୍ୟୁଟରରେ ଲାଗିଯାଇଥିଲେ।

**ଧରିତ୍ରୀ ପ୍ରଭାବ**

### ୨୪ ଘଣ୍ଟା ନ ପୂରୁଣୁ ନଦୀଘାଟକୁ ମିଳିଲା ଡଙ୍ଗା

**ଚିତ୍ରକୋଣ୍ଡା,୨।୨:** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଡାୱାଡା ପଞ୍ଚାୟତ ଆରଙ୍ଗୀ ନଦୀଘାଟରେ ଚିତ୍ରକୋଣ୍ଡାରୁ ଗୁଣ୍ଡାୱାଡା ଅଞ୍ଚଳକୁ ଯିବାକୁ ଡଙ୍ଗାରେ ଯିବାକୁ ପଡେ। ଏହି ଘାଟରେ ଥିବା ଡଙ୍ଗା ପୁରୁଣା ଓ କଣା ହୋଇଥିବାରୁ ଗ୍ରାମବାସୀ ଏକ ନୂଆ ଡଙ୍ଗା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ଅନୁରୋଧ କରି ଆସୁଥିଲେ। ୨ ମାସ ବିତି ଯାଇଥିଲେ ମଧ ପ୍ରଶାସନ ପ୍ରତିଶ୍ରୁତି ଦେଇ ମଧ ଡଙ୍ଗା ଯୋଗାଇ ନ ଥିଲା। ଆରଙ୍ଗୀ ଗ୍ରାମବାସୀ ଏହି କଣା ଡଙ୍ଗାକୁ ମରାମତି କରି ଦୁଇ ମାସ ହେଲା ଚଳାଇଥିଲେ। ଗୁରୁବାର ଅପରାହ୍ନରେ ୬ ଜଣ ଲୋକ ଆରଙ୍ଗୀ ଘାଟକୁ ଯାଉଥିବା ବେଳେ ଘାଟଠାରୁ ୨୦ ମିଟର ଦୂରରେ ଡଙ୍ଗାରେ ପାଣି ପଶି ବୁଡି ଯାଇଥିଲା। ଘାଟକୁ ଅଳ୍ପ ବାଟଥିବାରୁ ଲୋକମାନେ ପରସ୍ପର ଧରାଧରି ହୋଇ କୂଳକୁ ଚାଲି ଆସିଥିଲେ। ଏ ସଂକ୍ରାନ୍ତରେ ଶନିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି।




# ବ୍ୟାଙ୍କ କାଟିନେଇଛି ଚାଷୀଙ୍କ ଟଙ୍କା

**କାଳିଆ ଯୋଜନା**

ଭୁବନେଶ୍ୱର,୨।୨(ବ୍ୟୁରୋ)

ରାଜ୍ୟ ସରକାର ଚାଷୀଙ୍କ ପାଇଁ କାଳିଆ ଯୋଜନା ବାବଦକୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରିଥିଲେ। ଆକାଉଣ୍ଟକୁ ଟଙ୍କା ଆସିଲା, ହେଲେ କିଛି ସମୟ ରହିବା ପରେ ତାହା ପୁଣି କଟିଗଲା। ଏହା କୌଣସି ମନଗଢା କଥା ନୁହେଁ। ରାଜ୍ୟର ବିଭିନ୍ନ ବ୍ୟାଙ୍କଗୁଡିକ ଚାଷୀ ଆକାଉଣ୍ଟରେ କାଳିଆ ଯୋଜନା ବାବଦ ଅର୍ଥକୁ ପୂର୍ବ ଋଣ ବାବଦକୁ କାଟି ନେଇଛନ୍ତି। ଯାହାଦ୍ୱାରା ବହୁ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏନେଇ ଅଭିଯୋଗ ଆସିବା ପରେ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଯୋଜନା ବାବଦକୁ ଅର୍ଥ ବ୍ୟାଙ୍କମାନେ ଯୋଗାଇ ନ ଥିବାରୁ ତାଙ୍କଠାରୁ ରିପୋର୍ଟ ତଲବ କରାଯାଇସାରିଛି। ଗତ ଜାନୁୟାରୀ ୩୦ରେ ଏ ସଂକ୍ରାନ୍ତରେ କୃଷି ବିଭାଗ ପକ୍ଷରୁ ବିଭିନ୍ନ ବ୍ୟାଙ୍କର ଡିଜିଏମ୍, ଏଜିଏମ୍, ସିଜିଏମ୍, ଆଞ୍ଚଳିକ ନିର୍ଦ୍ଦେଶକ ଏବଂ ସଂଯୋଜକମାନଙ୍କୁ ଚିଠି ଲେଖାଯାଇଥିଲା। ସେହିପରି ୩୧ ଜାନୁୟାରୀରେ ବ୍ୟାଙ୍କ ପ୍ରତିନିଧି ଏବଂ ଉନ୍ନୟନ କମିଶନରଙ୍କ ମଧ୍ୟରେ ଏକ ବୈଠକ ମଧ ଅନୁଷ୍ଠିତ ହୋଇଯାଇଛି। କେଉଁ ବ୍ୟାଙ୍କ କେଉଁ ବାବଦରେ, କେଉଁ ଚାଷୀଙ୍କଠାରୁ କେତେ ଟଙ୍କା କାଟିଛି, ସେ ନେଇ ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖୁବ୍ ଶୀଘ୍ର କଟିଥିବା ଟଙ୍କା ଯେପରି ଚାଷୀ ଫେରି ପାଇବ, ସେ ନେଇ ଦୃଷ୍ଟି ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# କାଳିଆ ରଥର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶନିବାର ନବୀନ ନିବାସରୁ କାଳିଆ ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ସମସ୍ତ ପଞ୍ଚାୟତ ଭ୍ରମଣ କରି 'କାଳିଆ' ଯୋଜନା ସମ୍ପର୍କରେ ରାଜ୍ୟବାସୀଙ୍କୁ ସଚେତନ କରିବ। ସାରା ରାଜ୍ୟରେ ୧୫୦ଟି କାଳିଆ ରଥ ବୁଲିବ ବୋଲି ଜଣାପଡିଛି। ଏହି ରଥର ଉଭୟ ଧ୍ୱନି ଏବଂ ଚିତ୍ର(ଅଡିଓ ଆଣ୍ଡ ଭିଜୁଆଲ) ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଲୋକକଳା ଦ୍ୱାରା ମଧ କାଳିଆ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯିବ।

■ କୃଷି ଭିତ୍ତିଭୂମି ବିକାଶ

# ୨୦ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ଭୁବନେଶ୍ୱର,୨।୨(ବ୍ୟୁରୋ)

କୃଷି ଭିତ୍ତିଭୂମି ବିକାଶ ଏବଂ କୃଷକ ରୋଜଗାର ବୃଦ୍ଧି ପାଇଁ ରାଜ୍ୟ ସରକାର ୨୦ଟି ନୂଆ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଶନିବାର ସଚିବାଳୟରେ ବସିଥିବା ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ପାଇଁ ୩୫୦ କୋଟି ଟଙ୍କାର ବଜେଟ ରଖାଯାଇଛି। ପ୍ରସ୍ତାବିତ ପ୍ରକଳ୍ପଗୁଡିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କୃଷି ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଆଲୋଚନାକୁ ଆସିଥିବା ୨୮ ପ୍ରକଳ୍ପ ମଧ୍ୟରୁ ୨୦ଟିକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ କୀଟ ନିରୀକ୍ଷଣ ବ୍ୟବସ୍ଥା, ଆଧୁନିକ ଯନ୍ତ୍ରପାତି ଯୋଗାଣ, ବିପର୍ଯ୍ୟୟ ନିରୋଧୀ, ଅଧିକ ଉତ୍ପାଦନକ୍ଷମ କୃଷି ବିହନ ଯୋଗାଣ, ଜୈବ ନିୟନ୍ତ୍ରଣ ପରୀକ୍ଷାଗାର ଦୃଢ଼ୀକରଣ, କୃଷି ବର୍ଜ୍ୟବସ୍ତୁରୁ ଜୈବସାର ପ୍ରସ୍ତୁତି, କୀଟନାଶକର ଉପଯୁକ୍ତ ଓ ନିରାପଦ ଉପଯୋଗ, ଖରିଫ୍‌ରେ ଆଳୁ ଉତ୍ପାଦନ ଓ ପ୍ରକ୍ରିୟାକରଣ, ମାଛ ଯାଆଁଳ ଉତ୍ପାଦନ, ଫିଶ୍ ଫେଡ୍ ମାନ୍ୟୁଫାକ୍ଚରିଂ ପ୍ରତିଷ୍ଠା ଏବଂ ଆଦିମ ଅଧିବାସୀଙ୍କ ପାଇଁ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ନୂତନ ଜୀବିକା ସୃଷ୍ଟି ଉପରେ ପ୍ରାଧାନ୍ୟ ଦିଆଯାଇଛି ବୋଲି ଗର୍ଗ କହିଛନ୍ତି। ଏହି ଯୋଜନା ପାଇଁ କେନ୍ଦ୍ର ୬୦ %ଏବଂ ରାଜ୍ୟ ସରକାର ୪୦ % ଅର୍ଥ ଖର୍ଚ୍ଚ କରିବେ। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୮-୧୯ରେ ଏଥିପାଇଁ ୧୨୦ କୋଟି ଟଙ୍କା ବ୍ୟୟ କରାଯିବ।




# ଓଏସ୍ଏସ୍ କ୍ୟାଡର ନିଯୁକ୍ତି, ସର୍ତ୍ତାବଳୀ ବଦଳିଲା



**କ୍ୟାବିନେଟ୍ ନିଷ୍ପତ୍ତି**
- ■ ବିଭାଗୀୟ ପଦୋନ୍ନତି କମିଟିର ପୁନର୍ଗଠନ
- ■ ସୃଷ୍ଟି ହେବ ହେଡ୍ ଡ୍ରାଇଭର ପଦବୀ

ଭୁବନେଶ୍ୱର,୨।୨(ବ୍ୟୁରୋ)

ଓଡ଼ିଶା ସଚିବାଳୟ ସେବା(ଓଏସ୍ଏସ୍)(ନିଯୁକ୍ତି ପ୍ରଣାଳୀ ଓ ଚାକିରି ସର୍ତ୍ତାବଳୀ) ନିୟମ-୨୦୧୬ରେ ପରିବର୍ତ୍ତନ ଅଣାଯାଇଛି। ଏ ସଂକ୍ରାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ସଚିବାଳୟରେ ବସିଥିବା କ୍ୟାବିନେଟ୍ ବୈଠକରେ ନିଆଯାଇଛି। ସହାୟକ ଉପ ବିଭାଗ ଅଧିକାରୀ(ଏଏସ୍ଓ)ରୁ ଉପବିଭାଗ ଅଧିକାରୀ(ଏସ୍ଓ) ପଦବୀକୁ ପଦୋନ୍ନତି ପାଇଁ ଚାକିରି ଅଭିଜ୍ଞତା ସର୍ତ୍ତକୁ ୧୨ରୁ ୮ ବର୍ଷକୁ ହ୍ରାସ କରାଯାଇଛି। ଅନୁଶାସନ ସଚିବ ପଦବୀରୁ ଉପଶାସନ ସଚିବ ଏବଂ ଉପଶାସନ ସଚିବ ପଦବୀରୁ ଯୁଗ୍ମ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଚାକିରି ସମୟସୀମାକୁ ୩ ବର୍ଷରୁ ଏକ ବର୍ଷକୁ ହ୍ରାସ କରାଯାଇଛି। ଅପରପକ୍ଷରେ ଯୁଗ୍ମ ଶାସନ ସଚିବ ପଦବୀରୁ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଥିବା ୩ ବର୍ଷ ଚାକିରି ଅଭିଜ୍ଞତା ସର୍ତ୍ତକୁ ଉଠାଇଛନ୍ତି। ଏଣିକି ଯୁଗ୍ମ ଶାସନ ସଚିବ ପଦବୀରୁ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି କେବଳ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ କରାଯିବ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏଏସ୍ଓରୁ ଏସ୍ଓକୁ ପଦୋନ୍ନତି ପାଇଁ ମୂଳ ଅଭିଜ୍ଞତାକୁ ୯ ବର୍ଷରୁ ୧୨ ବର୍ଷକୁ ବୃଦ୍ଧି କରାଯାଇଥିଲା। ଉପଶାସନ ସଚିବ, ଯୁଗ୍ମ ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଠିକ୍ ପୂର୍ବ ପଦବୀ ଯଥାକ୍ରମେ-ଅନୁଶାସନ ସଚିବ, ଉପଶାସନ ସଚିବ ଓ ଯୁଗ୍ମ ଶାସନ ସଚିବ ପାହ୍ୟାରେ ୩ ବର୍ଷର ଅଭିଜ୍ଞତା ରଖାଯାଇଥିଲା। ହେଲେ ଉକ୍ତ ପଦବୀଗୁଡିକରେ ପଦୋନ୍ନତି ପାଇଁ ପୁରୁଣା କ୍ୟାଡର ରୁଲ୍‌ରେ କୌଣସି ସର୍ତ୍ତାବଳୀ ନ ଥିଲା। ଏଏସ୍ଓରେ ଆବଶ୍ୟକ ଚାକିରି ଅଭିଜ୍ଞତା ବୃଦ୍ଧି ଏବଂ ଗ୍ରୁପ୍-ଏ ବର୍ଗରେ ପଦୋନ୍ନତି ପାଇଁ ଏହାର ପୂର୍ବ ପଦବୀରେ ଚାକିରି ଅଭିଜ୍ଞତା ସର୍ତ୍ତ ରଖାଯାଇଥିଲା। ହେଲେ ଏହା ଦ୍ୱାରା ବହୁସଂଖ୍ୟକ ପଦବୀ ଖାଲି ପଡିଥିଲା। ସଚିବାଳୟ ସେବା ବର୍ଗର ବହୁ ଅଧିକାରୀ ସମୟାନୁସାରେ ପଦୋନ୍ନତି ପାଇଲେ ନାହିଁ। ତନ୍ମଧ୍ୟରୁ କେତେଜଣ ଅଧିକାରୀ ବିନା ପଦୋନ୍ନତିରେ ଅବସର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଏହା ଦ୍ୱାରା ସଚିବାଳୟ ସେବା ବର୍ଗରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ନିୟମରେ ପରିବର୍ତ୍ତନ ଆଣିଛନ୍ତି।

ଓଡ଼ିଶା ସରକାରୀ ଡ୍ରାଇଭର(ହାଲୁକା ମୋଟର ଯାନ) ବର୍ଗ 'ଗ'(ନିଯୁକ୍ତି ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୩ରେ ମଧ ସଂଶୋଧନ କରାଯାଇଛି। ସରକାରଙ୍କ ବିଭାଗ, ମୁଖ୍ୟ ବିଭାଗୀୟ ଦପ୍ତର ଏବଂ ଜିଲା ଓ ଅଧୀନସ୍ଥ କାର୍ଯ୍ୟାଳୟର ହାଲୁକା ମୋଟରଯାନ ଡ୍ରାଇଭରଙ୍କ ସୁବିଧା ପାଇଁ ଆବଶ୍ୟକ ସଂଶୋଧନ କରାଯାଇଛି। ଯେଉଁ ପ୍ରତିଷ୍ଠାନରେ ଡ୍ରାଇଭର ଓ ବରିଷ୍ଠ ଡ୍ରାଇଭର ସମୂହଙ୍କୁ ନେଇ ୪ ଗୋଟି ପଦବୀ ରହିଛି, ସେଠାରେ ଗୋଟିଏ ହେଡ୍ ଡ୍ରାଇଭର ପଦବୀ ସୃଷ୍ଟି କରି ମୋଟର ଡ୍ରାଇଭରଙ୍କୁ ଅତିରିକ୍ତ ପଦୋନ୍ନତି ଦେବା ପାଇଁ ଅର୍ଥ ବିଭାଗୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡ଼ିଶା ପୋଲିସ ସେବା ଏବଂ ଓଡ଼ିଶା ସଶସ୍ତ୍ର ପୋଲିସ ସେବା ଅଧିକାରୀମାନଙ୍କ ପଦୋନ୍ନତି ପାଇଁ ବିଭାଗୀୟ ପଦୋନ୍ନତି କମିଟିର ପୁନର୍ଗଠନ କରାଯାଇଛି।

ଅପରପକ୍ଷରେ ନଗର ଉନ୍ନୟନ ଏବଂ ପାନୀୟ ଜଳ ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ୟାବିନେଟ୍‌ର ବିଚାରାଧୀନ ରହିଛି। ହେଲେ କେତେକ ପ୍ରଶାସନିକ ବାଧା କାରଣରୁ ତାହାକୁ ଅନୁମୋଦନ ମିଳିନାହିଁ।

# ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି

କଟକ ଅଫିସ, ୨।୨

ଚିଟଫଣ୍ଡ ଘଟଣାର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ କମିଶନଙ୍କ କାର୍ଯ୍ୟକାଳକୁ ଆଉ ୬ମାସ ବୃଦ୍ଧି କରାଯାଇଛି। ଫେବୃୟାରୀ ୪ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। ଏଥିପୂର୍ବରୁ ସରକାର ଏହି ଅବଧିକୁ ଆଉ ୬ମାସ ବର୍ଦ୍ଧିତ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ହୋଇଥିବା ବହୁ କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ସରକାର ୨୦୧୩ରେ ଏହି କମିଶନ ଗଠନ କରିଥିଲେ। ୬ମାସ ପାଇଁ କମିଶନଙ୍କ କାର୍ଯ୍ୟକାଳ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟକାଳକୁ ବର୍ଦ୍ଧିତ କରାଯାଇଛି। ସମ୍ପ୍ରତି କମିଶନଙ୍କ କାର୍ଯ୍ୟାଳୟରେ ବହୁସଂଖ୍ୟକ ଆବେଦନ ପଡ଼ି ରହିଥିବା ବେଳେ ସେଗୁଡିକର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି।

# ଆଜି ଆସିବେ ଅମିତ ଶାହ

## ଖେଳିପାରନ୍ତି ଆଦିବାସୀ କାର୍ଡ

ପୁରୀ ଅଫିସ,୨।୨

ପୁରୀରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ୨ ଦିନିଆ ରାଷ୍ଟ୍ରୀୟ ମହାଅଧିବେଶନ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଅଧିବେଶନ ରବିବାର ଅପରାହ୍ନ ପ୍ରାୟ ୧ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଆରମ୍ଭ ହେବ ଆଦିବାସୀ ଅଧିକାର ରାଲି। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ୍ ମଧ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ଏକ ଲକ୍ଷ ଆଦିବାସୀ ଏଥିରେ ସାମିଲ ହୋଇ ନିଜ ଅଧିକାର ସୁରକ୍ଷା ପାଇଁ ଦାବି କରିବେ। ଏଥିସହ ଓଡ଼ିଶା ସରକାରଙ୍କ ଜନଜାତି ନୀତିକୁ ବିରୋଧ କରିବେ। ତେବେ ସମସ୍ତଙ୍କ ନଜର ରହିବ ଶାହଙ୍କ ଉପରେ। ଗତ ୨୯ ତାରିଖରେ ଶାହ ସାଲେପୁର ଆସି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ କହି ଦୁଇ ଦଳକୁ ଟାର୍ଗେଟ କରିଥିଲେ। ୪ ଦିନ ବ୍ୟବଧାନରେ ପୁଣି ଓଡ଼ିଶା ଆସୁଛନ୍ତି ଶାହ। କ'ଣ ରହିବ ତାଙ୍କ ଆଭିମୁଖ୍ୟ ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ ଶାହ ଆଦିବାସୀ କାର୍ଡ ଖେଳିପାରନ୍ତି ବୋଲି ଚର୍ଚ୍ଚା ହେଉଛି।




# ପେନ୍‌ସନ ଆକାଉଣ୍ଟରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

## ପୂର୍ବତନ ବ୍ୟାଙ୍କ୍ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨।୨(ବ୍ୟୁରୋ)

ଜାଲିଆତି କରି ଦୁଇଜଣ ମୃତ ବ୍ୟକ୍ତିଙ୍କ ପେନ୍‌ସନ ଆକାଉଣ୍ଟରୁ ୧ କୋଟି ୩୨ ଲକ୍ଷ ଟଙ୍କା ହଡ଼ପ କରିଥିବା ଜଣେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରାଙ୍ଗ ଚରଣ ପଣ୍ଡାଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶନିବାର ଗିରଫ କରିଛି। ଗୌରାଙ୍ଗ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ବାଲେଶ୍ୱର ରେମୁଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଥିଲେ। ଏହି ଠକେଇ ଘଟଣାରେ ବ୍ୟାଙ୍କ୍‌ର ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ ପ୍ରଭାତ କୁମାର ଦାସଙ୍କୁ ଗତ ଡିସେମ୍ବର ୧୪ରେ ଗିରଫ କରାଯାଇଥିଲା। ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ରେମୁଣା ଶାଖାରେ ପୁରୁଷୋତ୍ତମ ଗିରି ଓ ସାବିତ୍ରୀ ଦାସଙ୍କ ନାମରେ ଦୁଇଟି ପେନ୍‌ସନ ଆକାଉଣ୍ଟ ଥିଲା। ୨୦୧୪ରେ ଉଭୟ ପେନ୍‌ସନଧାରୀଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଉଭୟଙ୍କ ମୃତ୍ୟୁ ସାର୍ଟିଫିକେଟ ବ୍ୟାଙ୍କରେ ଜମା କରିବା ପରିବର୍ତ୍ତେ ଏମାନଙ୍କ ନାମରେ ବ୍ୟାଙ୍କ ମ୍ୟାନେଜର ଗୌରଙ୍ଗ ଓ ସହଯୋଗୀ ପ୍ରଭାତ ଏଟିଏମ ଜରିଆରେ ଆକାଉଣ୍ଟରେ ଥିବା ଟଙ୍କା ଉଠାଇ ଚାଲିଥିଲେ।






## ସଂକ୍ଷେପରେ

### ମିଳିତ ଜନଶୁଣାଣି କାର୍ଯ୍ୟସୂଚୀ

**ବାରିପଦା ଅଫିସ, ୨।୨:** ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଶୁଣାଣି ଶିବିର ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହେବ। ମାସର ପ୍ରଥମ ସୋମବାର ଆସନ୍ତା ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୧୧ ରେ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ୧୮ରେ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ୨୫ରେ ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ହେବ। ଜନସାଧାରଣ ସେମାନଙ୍କ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଲିଖିତ କିମ୍ବା ମୌଖିକ ଅଭିଯୋଗ କରିପାରିବେ।

### ବିଦାୟକାଳୀନ ସମ୍ବର୍ଦ୍ଧନା



**ବଡସାହି,୨।୨(ସ୍ୱ.ପ୍ର):** ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ତଳ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାରମ୍ଭରେ ପିଲାମାନଙ୍କର ଶୁଭମନାସୀ ଗୁରୁମା ମାନେ ବାଣୀମନ୍ଦିରରେ ପୂଜାଅର୍ଚ୍ଚନା କରିଥିଲେ। ପରେ ସଭାମଧରେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଓ ନୈବେଦ୍ୟ ପ୍ରଦାନ କରାଯାଇଥିଲା। ନବମ ଶ୍ରେଣୀର ପିଲାମାନେ ଦଶମ ଶ୍ରେଣୀର ପିଲାମାନଙ୍କୁ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା, ସୂର୍ଯ୍ୟକାନ୍ତି ପୁହାଣ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଗୁରୁଜୀ ପ୍ରଭଞ୍ଜନ ମହାପାତ୍ର ଓ ବକ୍ତାଭାବେ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ଯୋଗେଶ୍ୱର ସାହୁ, ରଞ୍ଜିତା ପାତ୍ର, ଶିବମ୍ ପ୍ରକାଶ ଜେନା, ରୀନା ଷଡ଼ଙ୍ଗୀ ଓ ବୀଣାପାଣି ବାରିକ ଯୋଗ ଦେଇଥିଲେ। ସର୍ବଶେଷରେ ଗୁରୁଜୀ ରଞ୍ଜନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଧାରଣା

## ଫାଟକ ସମ୍ମୁଖରୁ ଫେରିଲେ ବିଚାରପତି, କର୍ମଚାରୀ

**ବାରିପଦା ଅଫିସ, ୨।୨**

ନିକଟରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ହେଲେ ଉତ୍ତର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଥିବା ଅଭିଯୋଗ କରି ଗତ ମାସ ୨୧ତାରିଖରେ ଜିଲାର ସମସ୍ତ ଓକିଲ ସଂଘର ସଭାପତି ଓ ସମ୍ପାଦକମାନଙ୍କର ମିଳିତ ବୈଠକରେ ଫେବୃୟାରୀ ୨ ତାରିଖରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ଜିଲା କୋର୍ଟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ବିଚାରପତି ଓ କର୍ମଚାରୀମାନେ କୋର୍ଟ ପରିସରକୁ ପ୍ରବେଶ କରି ନ ପାରି କୋର୍ଟ ଫାଟକ ସମ୍ମୁଖରୁ ଫେରିଯାଇଥିଲେ। ଏଣୁ ଅଦାଲତ ବନ୍ଦ ରହିବା ସହ ବିଚାର ବିଭାଗ ପରିସରରେ ରହିଥିବା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ଏହାପରେ ଆଇନଜୀବୀମାନେ ୨ଘଣ୍ଟା ଧରି କୋର୍ଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ।

ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ନେତୃତ୍ୱରେ ଉପସଭାପତି ସତ୍ୟବ୍ରତ ମହାନ୍ତି, ଯୁଗ୍ମ ସମ୍ପାଦକ ବସନ୍ତ କୁମାର ନାଏକ, ସ୍ୱରୂପ ମିଶ୍ର, ସୁଧୀର କୁମାର ମହାନ୍ତି, ପୂର୍ବତନ ସଭାପତି ବିଜନ ଦାସ, ସଦସ୍ୟ ହଳଧର ପରିଡା, ମହେଶ ଶତପଥୀ, ବସନ୍ତ କୁମାର ଭୋଳ, ସତ୍ୟରଞ୍ଜନ ବେହେରା, ବଳଦେବ ବାରିକ, ପାର୍ବତୀ ବାରିକ, କାବେରୀ ମିଶ୍ର, ସ୍ୱରଲିପି ଦାସପଟ୍ଟନାୟକ, ପ୍ରଣତି ବେହେରା, ପ୍ରିୟମ୍ବଦା ବେହେରା, ଗିରେନ୍ଦ୍ର ଗୋସ୍ୱାମୀ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମହାନ୍ତି ଓ କୈଳାସ ସାହୁ ପ୍ରମୁଖଙ୍କ ସହ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।



କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଛନ୍ତି।

## ଭତ୍ତା ପ୍ରସଙ୍ଗକୁ ନେଇ ପଞ୍ଚାୟତ ସମିତି ବୈଠକରେ ଅସନ୍ତୋଷ

**ବଡସାହି,୨।୨(ସ୍ୱ.ପ୍ର)**

ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଷଷ୍ଠ ବୈଠକ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ସହକାରୀଯନ୍ତ୍ରୀ ବେଣୁଧର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଯନ୍ତ୍ରୀ, ଜିପିଟିଏ, ପିଇଓ ମାନେ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି । ବୈଠକ ପ୍ରାରମ୍ଭରେ ଜିପିଇଓ ପଞ୍ଚାନନ ମହାପାତ୍ର ପୂର୍ବ ବୈଠକର ବିବରଣୀ ପାଠ ଓ ଅନୁମୋଦିତ ପ୍ରସ୍ତାବ ଗୁଡିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି । ନିର୍ବାଚିତ ପ୍ରତିନିଧିଗଣ ନିଜ ନିଜ ପଞ୍ଚାୟତର ସମସ୍ୟା ଓ ତାର ସମାଧାନ ଉପରେ ଗୃହର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ମଧୁବାବୁ ପେନସନ ଯୋଜନାରେ ଚଳିତ ୨୦୧୮–୧୯ବର୍ଷରେ ୩୦ଟି ପଞ୍ଚାୟତର ୩୨ଶହ ୫୫ଜଣ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ବିଭାଗକୁ ଟାର୍ଗେଟ ଦିଆଯାଇଥିଲା । ସେଥି ମଧ୍ୟରୁ ୩ହଜାର ୩୮ ଜଣ ଆବେଦନକାରୀଙ୍କୁ ଚୟନ କରାଯାଇଥିବା ବେଳେ ଅବଶିଷ୍ଟ ୨୧୭ଜଣ ଭତ୍ତା ପାଇବାକୁ ନେଇ ସରପଞ୍ଚମାନଙ୍କୁ ଅବଗତ କରାଯାଇଥିଲା । ବିଭିନ୍ନ ପଞ୍ଚାୟତରେ ଖୁବ କମ ସଂଖ୍ୟକ ଆଦେବନକାରୀଙ୍କୁ ଚୟନ କରାଯାଇଥିବାରୁ ସରପଞ୍ଚମାନେ ଏହାକୁ ବିରୋଧ କରିଥିଲେ । ଆବେଦନକାରୀଙ୍କ ଭତ୍ତା ଫର୍ମ ପ୍ରଦାନ ସତ୍ତ୍ୱେ ଏହା କିପରି ଅନୁମତି ମିଳିଲା ନାହିଁ ତାହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ନେଇ ବିଡିଓ ରବୀନ୍ଦ୍ର ପ୍ରଧାନ ସଦର ଉପଜିଲାପାଳଙ୍କ ସହ ଆଲୋଚନା ମାଧ୍ୟମରେ ୩ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜାନୁଆରୀ ମାସ ସୁଦ୍ଧା ୩ହଜାର ପାଖାପାଖି ଫର୍ମ ଆବେଦନ ହୋଇଥିବା ପ୍ରକାଶ କରିଥିଲେ । ଏହି ବୈଠକରେ ୩୦ଟି ପଂଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ, ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ପ୍ରତିନିଧି କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ପଞ୍ଚାୟତ ସମିତି ବୈଠକରେ ମୁଖ୍ୟଅତିଥି ଉପବାଚସ୍ପତି ସାନନ୍ଦ ମାରାଣ୍ଡି।

## କେଜିବିଭି କର୍ମଚାରୀଙ୍କ ଆନ୍ଦୋଳନ

**ବାରିପଦା ଅଫିସ, ୨।୨**

୨୦୦୫ ମସିହାରୁ ଦୀର୍ଘ ୧୪ବର୍ଷ ଧରି ଓଡ଼ିଶାର ୨୩ ଜିଲାରେ ୧୮୨ଟି କେଜିବିଭି(କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ) କାର୍ଯ୍ୟ କରୁଛି। ଉକ୍ତ ବିଦ୍ୟାଳୟରେ ୧୮ଶହ କର୍ମଚାରୀ, ୧୮ହଜାର ଅନାଥ, ଦିବ୍ୟାଙ୍ଗ ତଥା ସମାଜର ଅବହେଳିତ ଶିଶୁକନ୍ୟାଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଉଛି। ଦୀର୍ଘ ୧୪ବର୍ଷ ଧରି କର୍ମଚାରୀ ଏହି କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ରୋଜଗାର ଜଣେ ଶ୍ରମିକଙ୍କଠାରୁ କମ୍ ରହିଛି। ଉକ୍ତ ବିଦ୍ୟାଳୟର କର୍ମଚାରୀମାନେ ଅନ୍ୟ ବିଦ୍ୟାଳୟର କର୍ମଚାରୀ ତୁଳନାରେ ଅଧିକ ପରିଶ୍ରମ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅନ୍ୟାନ୍ୟ ସୁବିଧା ଗ୍ରେଡ ପେ, ଡିଏ ଆଦି ଦେଉ ନାହାନ୍ତି କି ସେମାନଙ୍କୁ ନିୟମିତ କରୁନାହାନ୍ତି। ଏଣୁ ଏମାନେ ବହୁ ଅବହେଳାର ଶିକାର ହେଉଛନ୍ତି। ନିକଟରେ ଉକ୍ତ ବିଦ୍ୟାଳୟରୁ ପୁରୁଷ କର୍ମଚାରୀମାନଙ୍କୁ ଚାକିରିରୁ ବହିଷ୍କାର କରିଦିଆଯାଇଛି। ଏକ ସାମ୍ବିଧାନିକ ରାଷ୍ଟ୍ରରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସାମାଜିକ ସ୍ତରରେ ନିନ୍ଦା କରାଯାଇଛି। ଏଣୁ ନିଖିଳ ଉତ୍କଳ କେଜିଭିବି ସଂଘ ଏହାର ପ୍ରତିବାଦରେ ଗତ ୨୮ତାରିଖଠାରୁ ଆନ୍ଦୋଳନ ଜାରି ରଖିଛି। ଏହି ଅବସରରେ ସେମାନେ କରିଥିବା ଦାବି ଅନୁସାରେ ଦୀର୍ଘ ୧୪ବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିୟମିତ କରାଯିବା, ପୁରୁଷ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରାଯିବା, ୮ଘଣ୍ଟା ଧରି କାର୍ଯ୍ୟରତ ସାମୟିକ ଶିକ୍ଷକମାନଙ୍କୁ କନିଷ୍ଠ ଶିକ୍ଷକଙ୍କର ମାନ୍ୟତା ମିଳିବା ଏବଂ ଆବାସିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ବାସଗୃହ ଯୋଗାଇ ଦିଆଯିବା ଆଦି ଅନ୍ତର୍ଭୁକ୍ତ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଏହି ଆନ୍ଦୋଳନରେ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## କୁଆଁମରା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆଁମରା,୨।୨(ଡି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆଁମରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ସାରସ୍ୱତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପୀନାଥ ପଣ୍ଡା, ମୁଖ୍ୟବକ୍ତା ଇଂରାଜୀ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ସମ୍ମାନିତ ଅତିଥି ଗ୍ରାମପଞ୍ଚାୟତ ବିକାଶ ପରିଷଦର ସଭାପତି କୁଳମଣି ବେହେରା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ଦାସ ଯୋଗଦେଇ ନିଷ୍ଠା, ଉଦ୍ୟମ ହିଁ ସଫଳତାକୁ ଡାକିଆଣେ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଭାବଗ୍ରାହୀ ଦାସ ବାର୍ଷିକ ବିବରଣୀ ପାଠ ଓ ସୁଶାନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତସୀ ପଣ୍ଡା, ରାଜେଶ ମଲ୍ଲିକ, ଆରତୀ ମୁର୍ମୁ ଓ ସୁନନ୍ଦା ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଡ୍ଡୁ ଭଲ କରି ମାଜ**
**ତାଡ ଭଲ କରି ମାଜ**
**ରଜା ଜାଣିଲେ ପରଜା ଜାଣିଲେ**
**ଆଉ କାହିଁ ପାଇଁ ଲାଜ ।**

କଥା ଥରେ ଫୁଟି ଚାରିଆଡ଼େ ପ୍ରଘଟ ହୋଇଗଲେ ଆଉ ଯେତେ ଲୁଚେଇଲେ ବି ଲୁଚି ପାରି ନ ଥାଏ । ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କଲେ ଭଗାରିହସା ହେବା ସାର ହୋଇଥାଏ । ଏପରିସ୍ଥଳେ ଆଉ କଥାକୁ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଖୋଳ ପରବତ ମାର ମୂଷା**
**ସବୁ ମେହନତ ଫସର ଫଟା ।**

ଅଯଥା ପରିଶ୍ରମର ଫଳ ନାସ୍ତି। ମୂଷା ଭଳି ସାମାନ୍ୟ ଜୀବକୁ ମାରିବା ପାଇଁ ପର୍ବତ ଖୋଳିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାମାନ୍ୟ ଫଳପ୍ରାପ୍ତି ପାଇଁ ବହୁ ପରିଶ୍ରମ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଉଦଳା, ୨।୨ (ଡି.ଏନ.ଏ.)**

ଉଦଳା ବ୍ଲକ ମଧୁପୁର ଗ୍ରାମରେ ଉଦଳା ରୋଟାରୀ କ୍ଲବ ଦ୍ୱାରା ଏକ ସ୍ୱାଭିମାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ମଧୁପୁର ଗ୍ରାମର ୬୪ ଜଣ ଚଉଦ ବର୍ଷରୁ ଊର୍ଦ୍ଧ୍ୱ ନିରକ୍ଷର ପୁରୁଷ ଏବଂ ମହିଳାମାନଙ୍କୁ ନେଇ ପୌଢଶିକ୍ଷା ପ୍ରଦାନ କରାଯିବ। ଏଥିନିମନ୍ତେ ଆବଶ୍ୟକ ବହିପତ୍ର ଏବଂ ସମସ୍ତ ଶିକ୍ଷା ସରଞ୍ଜାମ ଉଦଳା କ୍ଲବ ପକ୍ଷରୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବା ସହିତ କ୍ଲବର ସଦସ୍ୟମାନେ ଅବୈତନିକ ଶିକ୍ଷାଦାନ କରିବେ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ପୌଢଶିକ୍ଷା କାର୍ଯ୍ୟକ୍ରମର ଓଡିଶା ମୁଖ୍ୟ ଚେୟାରମ୍ୟାନ ନିକୁଞ୍ଜ କିଶୋର ମହାନ୍ତି, ପ୍ରକଳ୍ପ ପ୍ରଶାସକ ବିଧାନଚନ୍ଦ୍ର ରାୟ, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉଦଳା ବ୍ଲକର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ସଭାକାର୍ଯ୍ୟ ଉଦଳା ରୋଟାରୀ କ୍ଲବର ସଭାପତି ଇଂ ସୁବାସ ଚନ୍ଦ୍ର ପଣ୍ଡା ପରିଚାଳନା କରିବା ସହିତ ପ୍ରୌଢଶିକ୍ଷାର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରୀ ସଂସ୍ଥା ଦ୍ୱାରା ପ୍ରତି ତିନି ମାସରେ ପର୍ଯ୍ୟାୟକ୍ରମେ ପରୀକ୍ଷା କରାଯାଇ ଆବଶ୍ୟକୀୟ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ ସହକାରୀ ଗଭର୍ଣ୍ଣର ରୋଟାରୀଆନ୍ ବୀରେନ୍ଦ୍ର କୁମାର ସାହୁ, ବାରିପଦା ରୋଟାରୀ କ୍ଲବର ବରିଷ୍ଠ ରୋଟାରୀଆନ୍ ନିରୋଜ କୁମାର ପଣ୍ଡା, ଅରୁଣ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉଦଳା ରୋଟାରୀ କ୍ଲବର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ସଭ୍ୟ ଡ. ପ୍ରଶାନ୍ତ ସେନ୍, ଡ. ସଚ୍ଚିଦାନନ୍ଦ ପରିଡା, ଅବଜବନ୍ଧୁ ବାରିକ, ସର୍ବେଶ୍ୱର ମହାପାତ୍ର, ଲୋକପାଳ ବେହେରା, କମଳାକାନ୍ତ ରଣା, ଅଜୟ ବେହେରା, କ୍ଷିତୀଶ ଚନ୍ଦ୍ର ପୋଥାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914, 9319817746, 9650353144
Add. : T-51, Gali No. 8, Gautampuri, Delhi

ଜମି ବିକ୍ରି
ପିପିଲି, ନିମାପଡ଼ା ରାସ୍ତାରେ ଖେଲାର ଛକଠାରେ ବାଣିଶ୍ରୀ ମହାବିଦ୍ୟାଳୟ ନିକଟସ୍ଥ ପିଚୁ ରାସ୍ତାକୁ ଲାଗି ୨ ଏକର ଜାଗା ବିକ୍ରି ହେବ।
ଯୋଗାଯୋଗ:- 9937734734, 9348293607

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927, 7787922501, 9319932148
Email id- pmjansamridhi@gmail.com

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081, 8658167603

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ 9458728306, 9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

T.F. FINANCE (Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128, 7508116267
T-51, Gali No.8, Gautampuri, Delhi-110053

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293, 8126592819
SCO-106, Second Floor, Vishal Tower, Connaught Place, Delhi.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଧାନ କାଟ୍ ଛାଣ୍ଟ ବିରୋଧରେ ଚାଷୀଙ୍କ ଧାରଣା

ଭଣ୍ଡାରିପୋଖରୀ, ୨।୨ (ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ସରସଦା ଗ୍ରାମର ଚାଷୀ ରବୀନ୍ଦ୍ର ଶାସିନୀ ଖରିଫ ଧାନ ବିକ୍ରି କାଟ୍ ଛାଣ୍ଟକୁ ବିରୋଧ କରି ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ସେ ଅଭିଯୋଗ କରିଛନ୍ତି, ଧାନ ବିକ୍ରି ଲାଗି ସେ ସରସଦା ସମବାୟ ସମିତିରେ ପଞ୍ଜୀକୃତ ହୋଇଥିଲେ। ସେଠାରେ ଧାନର ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ ପରେ ଅନୁମୋଦନ କରାଯାଇଥିଲା। ତଦନୁଯାୟୀ ସେ ୪୩ କୁଇଣ୍ଟାଲ ୪୨ କିଲୋ ଧାନ ସମିତିକୁ ଦେଇଥିଲେ। ୪ କିଲୋ ୫୦୦ ଗ୍ରାମ କୁଇଣ୍ଟାଲ ପ୍ରତି ଧାନ କାଟି ଅର୍ଥ ପୈଠ କରାଯାଇଥିଲା। ଏହାର ପ୍ରତିବାଦ କରି ସମିତିରେ ବିଫଳ ହେବା ପରେ ସେ ଜିଲାପାଳ, ଏଆର୍ସିଏସ୍, ସିଏସ୍ଓ, ସବକଲେକ୍ଟର, ବିବିସିସି ଶାଖା ପରିଚାଳକ ଓ ତହସିଲଦାରଙ୍କୁ ଜଣାଇଥିଲେ। ସୁଫଳ ନ ମିଳିବାରୁ ଶୁକ୍ରବାର ଅପରାହ୍ନରୁ ସେ ଧାରଣାରେ ବସିଥିଲେ। ତହସିଲଦାର ସରସଦା ସମବାୟ ସମିତିକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସମିତି ସମ୍ପାଦକ ଛୁଟିରେ ଥିବାରୁ ଫେରିଆସିଥିଲେ। ରବୀନ୍ଦ୍ରଙ୍କୁ ଶନିବାର ଅପରାହ୍ନରେ ଧାରଣାରୁ ନିବୃତ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ପାଦକ ଛୁଟିରୁ ଫେରିଲେ ବୁଧବାର ତାଙ୍କ ସହ ଆଲୋଚନା କରାଯାଇ ବୁଝାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରବୀନ୍ଦ୍ର ଧାରଣାରୁ ଉଠିଥିଲେ।

### ବାଲି ବୋଝେଇ ହାଇୱା ଜବତ

ଭଣ୍ଡାରିପୋଖରୀ, ୨।୨ (ଡି.ଏନ.ଏ.) - ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ତହସିଲ ସମ୍ମୁଖରେ ଶନିବାର ସକାଳେ ତହସିଲଦାର ପ୍ରଣୟ କୁମାର ଜେନା ୨ଟି ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ହାଇୱାଗୁଡ଼ିକରେ ବାଲି ବୋଝେଇ କରି ପରିବହନ କରୁଥିବା ବେଳେ ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ହାଇୱା ଦୁଇଟିକୁ ଜବତ କରାଯାଇ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଜବତ ଗାଡ଼ିରୁ ଜରିମାନା ଆଦାୟ ହୋଇ ନ ଥିଲା।

### ଗହଣା ଚୋରି ଅଭିଯୋଗ

ବାସୁଦେବପୁର, ୨।୨ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଚୂଡ଼ାମଣି ସାମୁଦ୍ରିକ ଥାନା ଅଧୀନ ଚୂଡ଼ାମଣି ଗ୍ରାମର କିଶୋର ମହାନ୍ତିଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ତାଙ୍କ ଘରେ ପଶି କେତେକ ସୁନା ଓ ରୌପ୍ୟ ଗହଣା ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଚୋରମାନେ ବିଳମ୍ବିତ ରାତିରେ ଏଭଳି ଚୋରି କରୁଥିବା ଜଣାପଡ଼ିଛି। ଶନିବାର ଏ ସମ୍ପର୍କରେ ଚୂଡ଼ାମଣି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଭାରପ୍ରାପ୍ତ ଅଧିକାରୀ ତଥା ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ଘଟଣାର ତଦନ୍ତ କରୁଛନ୍ତି।

### ଦୈତାରୀଙ୍କୁ 'ଯାତ୍ରା ମହାନାୟକ' ସମ୍ମାନ

ଚାନ୍ଦବାଲି, ୨।୨ (ଡି.ଏନ.ଏ.) : ପ୍ରତିବର୍ଷ ପରି ଚଳିତବର୍ଷ ଚାନ୍ଦବାଲି ବ୍ଲକର ଖେରଙ୍ଗ ଯାତ୍ରା କମିଟି ପକ୍ଷରୁ ଯାତ୍ରା ମହୋତ୍ସବ - ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାତ୍ରା ଜଗତର ଖଳନାୟକ ଦୈତାରୀ ପଣ୍ଡାଙ୍କୁ 'ଯାତ୍ରା ମହାନାୟକ' ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଯାତ୍ରା କମିଟି ପକ୍ଷରୁ ଦୈତାରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ବୃଦ୍ଧାଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ, ୨।୨ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଦକ୍ଷିଣବାଡ଼ ପଞ୍ଚାୟତ ବଣସାହି ଗ୍ରାମର କମଳା ବେହେରା(୬୫) ଶନିବାର ଭୋର ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କମଳାଙ୍କୁ ସକାଳେ ଘରେ ନ ପାଇ ପରିବାର ଲୋକ ଖୋଜାଖୋଜି କରିଥିଲେ। ଘର ବାହାରେ ଥିବା ଏକ ଗଛରେ ସେ ରଶି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। କମଳାଙ୍କ ଝିଅ ବେଲମଣି ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ୩ ବର୍ଷ ହେଲା ତାଙ୍କ ମା'ଙ୍କର ମୁଣ୍ଡଦୋଷ ଥିବାରୁ ସେ ଆତ୍ମହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ବୈଠକ

# ସ୍ୱାସ୍ଥ୍ୟସେବା, ଯୋଗାଣ ଉପରେ ଗୁରୁତ୍ୱ

ଭଣ୍ଡାରିପୋଖରୀ, ୨।୨ (ଡିଏନଏ)



ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ।

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ୯ମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟସେବା, ଅଙ୍ଗନୱାଡି ଓ ଯୋଗାଣ ସାମଗ୍ରୀ ବଣ୍ଟନର ସ୍ୱଚ୍ଛତା ଉପରେ ସଭ୍ୟାସଭ୍ୟ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଣଜିତ ସରପଞ୍ଚ ମନୋଜ କୁମାର ନାୟକ ପୂର୍ବ ବୈଠକରେ ତାଙ୍କ ଦ୍ୱାରା ଉପସ୍ଥାପିତ ସମସ୍ୟା ସ୍ଥାନ ପାଇ ନ ଥିବା ଅଭିଯୋଗ ଆଣିଥିଲେ। ରାମଚନ୍ଦ୍ରପୁର ସରପଞ୍ଚ ବିଜୟ କୁମାର ସ୍ୱାଇଁ ତିତ୍‌ଲି କ୍ଷୟକ୍ଷତିରେ ଉପଯୁକ୍ତ ଅନୁଧ୍ୟାନ କରାଯାଇ ନ ଥିବା ଉପସ୍ଥାପନ କରିଥିଲେ। ଜଳମଣ୍ଡୁଆ ସରପଞ୍ଚ ଜଗବନ୍ଧୁ ଦାସ, ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବାରୁ ଏହା ମହଜୁଦ୍ ରଖିବାକୁ ଦାବି ଉପସ୍ଥାପନ କରିଥିଲେ। ଜଳମଣ୍ଡୁଆ ସରପଞ୍ଚ ପିଡିଏସ୍ କିରୋସିନ କଳାବଜାରି ହେଉଥିବାରୁ ଡିପୋରେ ସିସିଟିଭି ଲଗାଯିବା ନେଇ ମତ ରଖିଥିଲେ। ଟେସିଙ୍ଗା ସରପଞ୍ଚ ସଂଗୀତା ଖଣ୍ଡେଇ ବିଦ୍ୟାଳୟଗୁଡ଼ିକରେ ବହୁ ପିଲା ଉଭୟ ଘରୋଇ ଓ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଥିବାରୁ ସେମାନଙ୍କ ପାଇଁ ଆସୁଥିବା ବସ୍ତ୍ର, ଖାଦ୍ୟ ଆଦି ଉପଯୋଗିତାର ତନଖି କରାଯାଉ ବୋଲି ଦାବି କରିଥିଲେ। ଅଙ୍ଗନୱାଡି ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା କରାଯାଉ ନାହିଁ ବୋଲି ବୈଠକରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ କାଳିଆ ଯୋଜନାର ରୂପାୟନ ପାଇଁ ମାତ୍ରାଧିକ ସମୟ ବିନିଯୋଗ ହେଉଥିବାରୁ ଅନ୍ୟ ଯୋଜନା ପ୍ରତି ସମୟ ଦିଆଯାଇ ପାରୁ ନ ଥିବା ବିଡିଓ ଉତ୍ତର ରଖିବାରୁ ଏହାକୁ ବିରୋଧ କରାଯାଇ ପ୍ରତ୍ୟେକ ଯୋଜନା ପ୍ରତି ସମ ଗୁରୁତ୍ୱ ଦିଆଯିବାକୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବନମାଳୀ ତରାଇ, ତହସିଲଦାର ପ୍ରଣୟ ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ବିଧାୟକ ପ୍ରତିନିଧି ଲକ୍ଷ୍ମୀଧର ନାୟକ, ଏମ୍‌ପିଙ୍କ ପ୍ରତିନିଧି ଶରତ ଜେନାଙ୍କ ସମେତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଜିପିଇଓ ଶର୍ମିଷ୍ଠା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳଙ୍କାର ସହ ଟଙ୍କା ଚୋରି

### ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପଦ୍ମପୁର, ୨।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ପଦ୍ମପୁର ପଞ୍ଚାୟତ ବଡ଼ ଅଗାପୁର ଗ୍ରାମରେ ୨ଟି ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଗ୍ରାମର ରଜନୀକାନ୍ତ ବଳଙ୍କ ଘର ତାଲା ଭାଙ୍ଗି ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୂପା ଅଳଙ୍କାର ସହ ନଗଦ ୧୩ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ରଜନୀକାନ୍ତଙ୍କ ସପରିବାର ଗ୍ରାମରେ ହେଉଥିବା ଅପେରା ଦେଖିବା ପାଇଁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇ ଘରେ ଥିବା ଦୁଇଟି ଆଲମାରୀ ଭଙ୍ଗାଯାଇଥିବା ଦେଖିଥିଲେ। ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ, ଏଏସ୍ଆଇ ବିନୋଦ ବିହାରୀ ହେମ୍ବ୍ରମ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୩୪/୧୯) ରୁଜୁ ହୋଇଛି। ସେହିପରି ଗ୍ରାମର ଅରୁଣ ନାୟକଙ୍କ ଘରୁ କଂସାବାସନ ଓ ନଗଦ ୮ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ଅରୁଣଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୩୫/୧୯) ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ଜୋତା ଓ ଅନ୍ୟାନ୍ୟ ସାମଗ୍ରୀକୁ ନେଇ ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛି।

## କୃଷକ ସଂଗଠନର ପ୍ରସ୍ତୁତି ବୈଠକ

ଧାମନଗର, ୨।୨ (ଡି.ଏନ.ଏ.)

ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ବାସୁଦେବ ପୀଠରେ ନବନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ ଜିଲା ଉପଦେଷ୍ଟା ଗଗନ ଚନ୍ଦ୍ର ପାଗଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ପୀତବାସ ମହାନ୍ତିଙ୍କ ସଂଯୋଜନାରେ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଧନେଶ୍ୱର ବେହେରା, ରାହାସ ଲେଙ୍କା, ନିରୋଦ ଦାସ, ଆନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ପଞ୍ଚାନନ ବେହେରା ପ୍ରମୁଖ ଯୋଗଦେଇ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ୬ ତାରିଖରେ ବହୁସଂଖ୍ୟାରେ ଚାଷୀ ଭୁବନେଶ୍ୱର ଯିବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ବନ୍ତ ମହୋତ୍ସବର ୨ୟ ସନ୍ଧ୍ୟା

# 'ସମାଜରୁ କୁସଂସ୍କାର ଦୂର କରେ କଳା, ସଂସ୍କୃତି'


ବନ୍ତ ମହୋତ୍ସବର ୨ୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ପଦ୍ମଶ୍ରୀ ଡି.ପ୍ରକାଶ ରାଓ ସମ୍ବର୍ଦ୍ଧିତ**

ବନ୍ତ, ୨।୨ (ଡି.ଏନ.ଏ.)

ବନ୍ତ ହାଟପଡ଼ିଆଠାରେ ଚାଲିଥିବା ୨ୟ ବାର୍ଷିକ ବନ୍ତ ମହୋତ୍ସବର ୨ୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ସଞ୍ଜୟ କେଶରୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଅଧ୍ୟାପିକା ସ୍ନେହଲତା ପୃଷ୍ଟିଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସୁକୁମାର ଦାସଙ୍କ ସଂଯୋଜନାରେ ମେଗା ଅଡିସନର ଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସ୍ତମ୍ଭକାର ପ୍ରଫେସର ଦାସ ବେନହୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଯେଉଁମାନେ ସମୂହ ଲାଗି କାର୍ଯ୍ୟ କରିଥାନ୍ତି ସେମାନେ ସବୁଦିନ ପାଇଁ ମନେ ରହିଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କଣ୍ଠଶିଳ୍ପୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅନସୂୟା ନାଥ ଯୋଗଦେଇ ମହୋତ୍ସବ ଆଞ୍ଚଳିକ କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶାର ଗୌରବ ତଥା ସାମାଜିକ କର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଏବଂ ଶିଳ୍ପୀ ଅଶୋକ ଖୁଣ୍ଟିଆ ଯୋଗଦେଇ କଳା ଓ ସଂସ୍କୃତି ସମାଜରୁ କୁସଂସ୍କାର ଦୂର କରିବା ସହିତ ଇତିହାସକୁ ରୋମନ୍ଥନ କରିଥାଏ ବୋଲି କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡି.ପ୍ରକାଶ ରାଓଙ୍କୁ ମହୋତ୍ସବ ପରିଚାଳନା କମିଟି, ବନ୍ତ ବଜାର କମିଟି, ଟିଲୋ ଆଥଲେଟିକ ଆସୋସିଏଶନ, ବନ୍ତ ପ୍ରେସ କ୍ଲବ, କିଶୋର ନାୟକ ମେମୋରିଆଲ କ୍ରିକେଟ, ନବନିର୍ମାଣ କୃଷକ ମଞ୍ଚ, ତରାପୁର ଭଲିବଲ ଟିମ୍, ସମାଜସେବୀ ସେକ୍ ଜଲାଲଉଦ୍ଦିନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିଳ୍ପୀ ଖୁଣ୍ଟିଆ ଓ ସଫଳ ଚାଷୀ ସୁବାସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଭ୍ୟ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରୀର ଅନନ୍ୟା କଳାମନ୍ଦିରର ଶିଳ୍ପୀ, କଣ୍ଠଶିଳ୍ପୀ ଲୋପାମୁଦ୍ରା ଓ ଅଂଶୁମାନଙ୍କ ଦ୍ୱାରା ସଂଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୨।୨

ଭଦ୍ରକର ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ ଚଳିତବର୍ଷ ୨୯ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଶ୍ରୀରାମ ମହାଯଜ୍ଞ ଓ ମହୋତ୍ସବ ଯଥାରୀତି ସରସ, ସୁନ୍ଦର ଭାବେ ପାଳନ କରିବା ସକାଶେ ଶୁକ୍ରବାର ସନ୍ଧ୍ୟାରେ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମହାଯଜ୍ଞ ସମିତି ତରଫରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ମାତୃଭୂମି ପାଇଁ ଗଣଦୌଡ଼, ଗୋମାତା ଓ ସନ୍ଥ ପୂଜନ, ୩ ଧାର୍ମିକ ପୀଠ ଆରଡ଼ି, ମା' ଭଦ୍ରକାଳୀ ଓ ବିରଜା କ୍ଷେତ୍ରରୁ ଆଜ୍ଞାମାଳ ଶୋଭାଯାତ୍ରା, ୫୦୦୮ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ଏପ୍ରିଲ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୩ ତାରିଖରେ ଶ୍ରୀରାମଙ୍କ ଜନ୍ମଦିନରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ସମିତି ସମ୍ପାଦକ ମାନସ ମହାନ୍ତି, ସଂଯୋଜକ ଗୋବିନ୍ଦ ରାଉତ, ଉପଦେଷ୍ଟା ବଦ୍ରି ଧଳ ଏବଂ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ବୈଠକରେ ଶ୍ରେଷ୍ଠ ମେଢ଼ କମିଟି ଓ ଗୋ-ସେବକମାନଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀରାମ ମହାଯଜ୍ଞ ସମିତିର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବାସୁଦେବପୁର ପାଲା ମହୋତ୍ସବ ଆରମ୍ଭ


ଅତିଥିଙ୍କ ଦ୍ୱାରା 'ସତୀଶକ୍ତି' ପୁସ୍ତକ ଉନ୍ମୋଚନ କରାଯାଉଛି।

ବାସୁଦେବପୁର, ୨।୨ (ଡି.ଏନ.ଏ.)

ବାସୁଦେବପୁର ଟାଉନ ହଲ୍ ପରିସରରେ ଅବସର ପତ୍ରିକା ଆନୁକୂଲ୍ୟରେ ଶ୍ରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଓ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ମିଳିତ ସହଯୋଗରେ ଶନିବାର ୪ର୍ଥ ବାର୍ଷିକ ବାସୁଦେବପୁର ପାଲା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଲା ଓଡ଼ିଶାର ପୁରାତନ ଲୋକକଳା। ଏହା ମଣିଷର ମନ ଓ ଆତ୍ମାକୁ ଆନନ୍ଦ ଦେବା ସହ ସମାଜକୁ ଠିକ୍ ମାର୍ଗଦର୍ଶନ କରିଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅଶୋକ କୁମାର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବଚକ ବଂଶୀଧର ଡାଙ୍ଗୁଆ, ପାଲା ମଣ୍ଡଳ ସଭାପତି ସନାତନ ପୁରୀ ଯୋଗ ଦେଇଥିଲେ। ଏହି ଅବସରରେ ପାଲାଗାୟକ ଅମୂଲ୍ୟରତ୍ନ ସାହୁଙ୍କ ଲିଖିତ ପୁସ୍ତକ 'ସତୀଶକ୍ତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ଅଧ୍ୟାପକ ରତ୍ନାକର ବାରିକ ମଞ୍ଚ ସଂଯୋଜନା କରିଥିଲେ। ଅବସର ସମ୍ପାଦକ ବନମାଳୀ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଧନେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆୟୋଜିତ ସଭାରେ ଅତିଥି ଭାବେ କବି ଦୀନବନ୍ଧୁ ପତି ଯୋଗଦେଇ ପାଲା ସଂସ୍କୃତି ଓଡ଼ିଆ ଭାଷା ସାହିତ୍ୟର ମୂଳ ପିଣ୍ଡ ବୋଲି ମତ ରଖି ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇପାରିବ ବୋଲି କହିଥିଲେ। ପାଲା ସାରସ୍ୱତ ଭଣ୍ଡାରକୁ ଅଧିକ ସମୃଦ୍ଧ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଦୁଇଦିନ ବ୍ୟାପି ଏହି ମହୋତ୍ସବର ପ୍ରଥମ ଦିନରେ ୬ ଦଳ ପାଲା ପରିବେଷଣ କରିଥିଲେ।

## କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ

ରାଜ୍ୟ ସର୍ବଶିକ୍ଷା ଅଭିଯାନ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବି ସହ ଅନ୍ୟ ୫ଟି ଦାବି ନେଇ କର୍ମଚାରୀମାନେ ଶୁକ୍ରବାର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଯଦି ସରକାର ଏହାକୁ ଗୁରୁତ୍ୱ ନ ଦିଅନ୍ତି ତେବେ ଆସନ୍ତା ୪ତାରିଖଠାରୁ ଭୁବନେଶ୍ୱରଠାରେ ଏନେଇ ଗଣଧାରଣା ଦିଆଯିବ ବୋଲି ସ୍ଥିର ହୋଇଛି। ଦୀର୍ଘଦିନ ଧରି ବିଭିନ୍ନ ଦାବିପୂରଣ ପାଇଁ ରାଜ୍ୟସ୍ତରରେ ବିଭିନ୍ନ ବୈଠକ ହୋଇଥିଲେ ମଧ୍ୟ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଠିକା କର୍ମଚାରୀ ଭାବେ ଦୀର୍ଘ ୨୦ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ଏଣୁ ମୟୂରଭଞ୍ଜ ଜିଲା ପକ୍ଷରୁ ଜିଲାପାଳ, ଜିଲା ପ୍ରକଳ୍ପ ସଂଯୋଜକ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀ ସେବା ସଂଘର ମୟୂରଭଞ୍ଜ ଜିଲା ଶାଖାର ସଭାପତି ଇଂ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।



ସର୍ବଶିକ୍ଷା ଅଭିଯାନ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

# କ୍ରୀଡ଼ା ଉପକରଣ ବିତରଣ

**ଖୁଣ୍ଟା, ୨।୨ (ଡି.ଏନ.ଏ.)**

ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବିଜୁ ଯୁବ ବାହିନୀର କ୍ରୀଡ଼ା ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ବ୍ଲକ ଅଧୀନ ୧୪ଟି ପଞ୍ଚାୟତସ୍ତରରେ ଥିବା ଯୁବବାହିନୀ ସଦସ୍ୟଙ୍କୁ ବିଭିନ୍ନ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି, ଉପାଧ୍ୟକ୍ଷ ସିଧନାଥ ସରେନ, ଏବିଡିଓ ବସନ୍ତ କୁମାର ପୃଷ୍ଟି, ଜିପିଓ ତଥା କାର୍ଯ୍ୟକ୍ରମ ସଂଯୋଜକ ପ୍ରମୋଦ କୁମାର ନାୟକ ଓ ଯୁବବାହିନୀ ସଦସ୍ୟା ବାଙ୍ଗୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।





ଯୁବବାହିନୀ ସଦସ୍ୟଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଉଛି।

# ପିସିପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା, ୨।୨(ଡି.ଏନ.ଏ.)**

ଉଦଳା ବ୍ଲକ ଅଧୀନ ପିସିପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାକର ବେହେରାଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ମଞ୍ଚର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରକଳ୍ପ ପ୍ରଶସକ ବିଧାନ ଚନ୍ଦ୍ର ରାୟ, ମୁଖ୍ୟବକ୍ତା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ୱତନ୍ତ୍ର ବକ୍ତା ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ସମ୍ମାନିତ ଅତିଥି ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡସ୍ତରୀୟ ସହକାରୀ ଜିଲା ମଙ୍ଗଳ ଅଧିକାରୀ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ସଂସ୍କୃତି ପରମ୍ପରା ଏବଂ ନୈତିକ ମୂଲ୍ୟବୋଧ ତତସହିତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଓ ସୁସଙ୍ଗଠିତ ହେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ସାମ୍ପ୍ରଦାୟିକ ପରିସ୍ଥିତିରେ ପିତାମାନଙ୍କୁ ଅବହେଳିତ ନ କରି ତାଙ୍କ ସେବା ଯତ୍ନ ଅତ୍ୟାବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି -୨୦୧୮ ଏବଂ ତୃତୀୟ, ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରହ୍ଲାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ଏବିଭିପିର ନଗର ସମ୍ମିଳନୀ

**ଭଦ୍ରକ ଅଫିସ, ୨।୨ –** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଭଦ୍ରକ ନଗର ସମ୍ମିଳନୀ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଯୋଗଦେଇ ପରିଷଦର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା।


GOVT.OF ODISHA

**OFFICE OF THE SUPERINTENDING ENGINEER DRAINAGE CIRCLE,BALASORE**

**1st Corrigendum to 'e'- Procurement Notice No.- SEDCBLS-04/2018-19**
**Bid Identification No. – SEDCBLS/DDBLS-04/2018-19**

**No.1221-A:-** In the technical bid document (cover -I )& bill of quantity (cover- II) of the above tender, the name of work may be read as "Renovation of Panchubisa nallah from Orissa coast canal Range- V to Bay of Bengal under Bahanaga block of Balasore district- DOAB No.-X" instead of "Dredging of Panchubisa nallah from Orissa coast canal Range- V to Bay of Bengal under Bahanaga block of Balasore district- DOAB No.-X (Renovation of Panchubisa nallah)".
All other terms and conditions remain unchanged.

Sd./- Superintending Engineer,
Drainage Circle, Balasore

32190/11/0005/1819



**ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକାଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା**

**(କାଜୁ ବଗିଚା ନିଲାମ ବିଜ୍ଞପ୍ତି)**

ନୋଟିସ୍ ନଂ. 275 ତା: 01.02.2019

No.: 1213-A: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଚଳିତ ବର୍ଷ ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନସ୍ଥ, ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ସାରସକଣା ବ୍ଲକର ଘାସ ଚାଷ ଉନ୍ନୟନ କେନ୍ଦ୍ର (ପି.ଡି.ସି.), ଶିର୍ଷା (୧୪ ହେକ୍ଟର) କାଜୁ ଉଦ୍ୟାନ ନିଲାମ କରାଯିବ। ଉକ୍ତ କାଜୁ ଉଦ୍ୟାନକୁ ନିଲାମ ସୂତ୍ରରେ ନେବା ପାଇଁ ଇଚ୍ଛୁକ ଏବଂ ଆଗ୍ରହୀ ବ୍ୟକ୍ତି ସାଦା କାଗଜରେ ଦରଖାସ୍ତ ଆବେଦନ କରି, ଲଫାପା ଉପରେ "**କାଜୁ ବଗିଚା ନିଲାମ**" ଲେଖି ରେଜେଷ୍ଟ୍ରି କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆସନ୍ତା ତା୧୯।୦୨।୨୦୧୯ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ମୟୂରଭଞ୍ଜ, ବାରିପଦାଙ୍କ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଉଅଛି। ବ୍ୟକ୍ତିଗତ ହସ୍ତାନ୍ତର, ସାଦା ଡାକ ଏବଂ କୋରିୟର ମାଧ୍ୟମରେ ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ। ପ୍ରକାଶଥାଉକି, ନିଲାମ ସମ୍ପର୍କୀୟ ସବିଶେଷ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ସମସ୍ତ କାର୍ଯ୍ୟଦିବସଗୁଡ଼ିକରେ ଏବଂ **www.mayurbhanj.nic.in** ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ ହୋଇପାରିବ। ନିଲାମ ଦରଖାସ୍ତ ସହ ଅମାନତ ବାବଦରେ ନିଲାମ ମୂଲ୍ୟର ଶତକଡ଼ା ୧୦ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ) ଜରିଆରେ Project Director, Watersheds, Mayurbhanj, payable at Baripada ନାମରେ ଦେବାକୁ ହେବ। ଏହି ଅମାନତ ରାଶି ନଗଦ ଟଙ୍କା କିମ୍ବା ବ୍ୟକ୍ତିଗତ ଚେକ୍ ଦ୍ୱାରା ଗ୍ରହଣ କରାଯିବ ନାହିଁ। ତା୨୦।୦୨।୨୦୧୯ରିଖ ଅପରାହ୍ନ ୩.୦୦ଘଟିକା ସମୟରେ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ କମିଟି ଜରିଆରେ ନିଲାମ ସିଦ୍ଧାନ୍ତ କରାଯିବ। ନିଲାମ ତାରିଖ ପରିବର୍ତ୍ତନ କିମ୍ବା ଅନ୍ୟ କୌଣସି ଅଭାବନୀୟ ପରିସ୍ଥିତି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କିମ୍ବା ଗ୍ରହଣ ମଧ୍ୟ କରିପାରିବେ।

| ଉଦ୍ୟାନର ନାମ | ଫଳନ୍ତି ଅଞ୍ଚଳର ପରିମାଣ (ହେକ୍ଟର)/ଗଛ ସଂଖ୍ୟା | କେଉଁ ବର୍ଷ ରୋପଣ କରାଯାଇଥିଲା |
|---|---|---|
| ୧. ଘାସ ଚାଷ ଉନ୍ନୟନ କେନ୍ଦ୍ର, ଶିର୍ଷା, ସାରସକଣା | ୧୪.୦୦ ହେକ୍ଟର/ ୧୨୫୦ ଗଛ | ୧୯୬୮ - ୬୯ |

ସ୍ୱା./- (ଶ୍ରୀ ବ୍ରଜବନ୍ଧୁ ପଣ୍ଡା)
ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ମୟୂରଭଞ୍ଜ, ବାରିପଦା

01058/11/0002/1819



GOVERNMENT OF ODISHA
DEPARTMENT OF WATER RESOURCES

**Office of the Executive Engineer Barpali Canal Division, Barpali**

E-mail Id – ee.barpali.canal@gmail.com

**No.1220-A:-** 'e' Procurement Notice No-06/2018-19
**BID IDENTIFICATION NO-BCDT 34 /2018-19, (ON-LINE) DATED 01.02.2019**

| | | | |
|---|---|---|---|
| 1 | Type of the work | : | Improvement to Canal Service Road |
| 2 | No of works | : | 01 ( O ne) No. |
| 3 | Class of contractor | : | "D" & "C" |
| 4 | Bid identification No | : | BCDT-34/2018-19 |
| 5 | Estimate cost | : | 13.37 Lakhs |
| 6 | Period of completion | : | As per DTCN. |
| 7 | Date and time of availability of bid documents in the portal | : | Dt. 05.02.2019 at 11.00 AM to Dt. 12.02.2019 upto 5.00 PM. |
| 8 | Last date/ time for receipt of bids in the portal | : | Dt. 12.02 .2019 upto 5.00 PM. |
| 9 | Date of opening of Bid | : | Dt. 13.02.2019 at 11.00 AM. |
| 10 | Date of Lottery | : | Dt. 16.02.2019 at 11.00 AM |

1 Any addendum/corrigendum/cancellation of tender can also be seen in the said Website.
2 Further details can be seen from Government Website-http://tenderodisha.gov.in.

Executive Engineer,
Barpali Canal Division, Barpali

32353/11/0007/1819



**OFFICE OF THE EXECUTIVE ENGINEER CHHELIGADA HEAD WORKS DIVISION**

At/PO: Mahendragada, Via: Chandragiri,
Dist: Gajapati, PIN: 761017

**No.1218-A:-** e-mail: eechwd@gmail.com

**e-Procurement Notice No. EE-CHWD-04/2018-19**

Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in.

| | | | |
|---|---|---|---|
| 1 | Type of the work | : | Construction of Civil works. |
| 2 | No. of works | : | 03 |
| 3 | Class of contractor | : | 'D' & 'C' Class |
| 4 | Bid Identification No. | : | EE-CHWD-04/2018-19 |
| 5 | Estimated cost | : | Varies from Rs. 8.93 lakhs to 18.99 lakhs |
| 6 | Period of completion | : | Varies from 4 (four) to 6 (six) calendar months |
| 7 | Date & time of availability of bid documents in the portal | : | 04.02.2019 to 13.02.2019 upto 5.00 PM |
| 8 | Last date/ time for receipt of bids in the portal | : | 13.02.2019 upto 5.00 PM |
| 9 | Name of the office inviting bid | : | Executive Engineer, Chheligada Head Works Division, Mahendragada, Dist: Gajapati. |
| 10 | Date of opening of bid | : | 14.02.2019 at 11.30 AM, in the e-procurement cell, Office of the Chief Engineer & Basin Manager, RVN Basin, Berhampur, Dist: Ganjam. |

N.B:-
1) Any addendum/ corrigendum/cancellation of tender can also be seen in the said website.
2) Further details can be seen from Government website: http://tenderodisha.gov.in.

Sd./- Executive Engineer,
Chheligada Head Works Division,
Mahendragada (Gajapati)

32109/11/0007/1819



**BALASORE REGIONAL IMPROVEMENT TRUST**

**AT: STATION SQUARE, O.T. ROAD, BALASORE-756001, TEL: (06782) 263080**
**OFFICE OF THE BALASORE REGIONAL IMPROVEMENT TRUST, BALASORE**
**TENDER CALL NOTICE**

**No. BRIT/W/354/ 589/ 18-19/ BRIT** **Dt. 02.02.19**

Sealed tenders in the prescribed form are invited, by the Secretary, on behalf of the Office of Balasore Regional Improvement Trust, Balasore, an unit under the Govt., in H & U.D. Department, Odisha, Bhubaneswar, for the following works as mentioned in the table below, from the appropriate class of Civil contractors, registered with the State Govt./CPWD/Railways/MES to be eventually drawn in PWD F2 Contract form, on production of specific proof from the appropriate authority.

| Sl. No. | Name of the Work | Estimated Cost of the works (Ap-prox.) | Bid Secu-rity/ EMD in (Rs.) | Cost of Tender Paper | Class of Contrac-tors | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of C.C. Road from Singh Babu house to Gunakar Dey house, Sahadevkhunta, Balasore, Phase-I (Up to 30 mtr). | 88092/- | 900/- | 400/- | D & C | 1 (one) calendar month |
| 2 | Const. of C.C. Road from Singh Babu house to Gunakar Dey house, Sahadevkhunta, Balasore, Phase-II (30 mtr to 60 mtr). | 88092/- | 900/- | 400/- | D & C | 1 (one) calendar month |
| 3 | Const. of C.C. Road near Hemram Babu house Angargadia, Back side of Cold Store, Balasore. | 87378/- | 900/- | 400/- | D & C | 1 (one) calendar month |
| 4 | Const. of C.C. Road from Biswambar Dash house to Manoranjan Patra house, Angargadia, Balasore, Ph.-I, (Upto 58 mtr). | 88999/- | 900/- | 400/- | D & C | 1 (one) calendar month |
| 5 | Const. of C.C. Road from Biswambar Dash house to Manoranjan Patra house, Angargadia, Balasore, Ph.-II, (58 mtr. to 116 mtr). | 88999/- | 900/- | 400/- | D & C | 1 (one) calendar month |
| 6 | Const. of Boundary Wall of Nilakantheswar College, Bangara, Balasore, Ph.-I. | 84115/- | 850/- | 400/- | D & C | 1 (one) calendar month |
| 7 | Const. of Boundary Wall of Nilakantheswar College, Bangara, Balasore, Ph.-II. | 84115/- | 850/- | 400/- | D & C | 1 (one) calendar month |
| 8 | Const. of C.C. Drain from Acharya house to Nanda Praharaj house, Sovarampur, Ph.-I, (upto 42 mtr). | 83815/- | 850/- | 400/- | D & C | 1 (one) calendar month |
| 9 | Const. of C.C. Drain from Acharya house to Nanda Praharaj house, Sovarampur, Ph.-II (42 mtr. to 84 mtr). | 76286/- | 770/- | 400/- | D & C | 1 (one) calendar month |
| 10 | Const. of Hareswar Community Centre At-Sekhpatana under Gudu G.P., Ph.-I. | 87034/- | 600/- | 400/- | D & C | 1 (one) calendar month |
| 11 | Const. of Hareswar Community Centre At-Sekhpatana under Gudu G.P., Ph.-II. | 59231/- | 600/- | 400/- | D & C | 1 (one) calendar month |
| 12 | Const. of C.C. Drain near Antaryami Pradhan house Pragatinagar, balasore, Ph.-II. | 88181/- | 900/- | 400/- | D & C | 1 (one) calendar month |
| 13 | Const. of C.C. Road from Nikhil Samantaray House to Ramakanta house, Haripur under Ganipur G.P., Ph.-I. | 86353/- | 900/- | 400/- | D & C | 1 (one) calendar month |
| 14 | Const. of C.C. Road from Nikhil Samantaray House to Ramakanta house, Haripur under Ganipur G.P., Ph.-II. | 86353/- | 900/- | 400/- | D & C | 1 (one) calendar month |
| 15 | Const. of C.C. Road from Nikhil Samantaray House to Ramakanta house, Haripur under Ganipur G.P., Ph.-III. | 86353/- | 900/- | 400/- | D & C | 1 (one) calendar month |
| 16 | Const. of C.C. Road from Nikhil Samantaray House to Ramakanta house, Haripur under Ganipur G.P., Ph.-IV (81 to 108 mtr). | 86353/- | 900/- | 400/- | D & C | 1 (one) calendar month |
| 17 | Const. of C.C. Road from Barik Sahi to Nadighat of Badanuapur village under Haripur G.P. Balasore. | 88092/- | 900/- | 400/- | D & C | 1 (one) calendar month |
| 18 | Const. of C.C. Drain near Antaryami Pradhan house Pragatinagar, Balasore, Ph.-II (29.5 mtr. to 59 mtr.). | 88181/- | 900/- | 400/- | D & C | 1 (one) calendar month |

1) The Contractor should possess valid Contract license, I.T.C.C. & PAN No., Tax Clearance Certificate.
2) The tender is open to contractors & individual firms only. Application from joint venture is not acceptable. The tender documents will be made available to purchase in the Office of B.R.I.T. Balasore from 13.02.2019 to 16.02.19 within 11.30 AM to 1.00 PM on working days only. The bidder having no valid GSTIN can not participate in the bidding process.
3) The Earnest Money Deposit (EMD) as stipulated in the table shall be pledged in favour of Chairman, B.R.I.T., Balasore. In any case the EMD amount shall not be exempted.
4) The tenderers are required to quote their rates, in percentage, both in words & figures inclusive of all taxes, royalties etc., (if any) including labour cess. In case of less rates (below estimated cost) quoted by the tenderer, the differential amount is required to be deposited in shape of Bankers Cheque/ D .D. favouring to Chairmain, B.R.I.T., Balasore along with Tender Paper during dropping of tender paper. No APS shall be furnished alongwith tender documents. Only concerned qualified bidder is to furnish the APS during the time of execution of agreement.
5) Exemption of E.M.D. shall not be considered any case. Tenders without EMD, incomplete tender papers, invalid Contract license, I.T.C.C. or PAN card and Tax Clearance Certificate shall not be considered. The tender documents shall be duly filled in along with other valid documents & EMD shall be sealed in an envelope superscribed with the Sl. Number, Name of work applied for along with the date of opening & contact mobile number of the Contractor.
6) The tenders are required to be dropped in the tender box available at the Office of Secretary, B.R.I.T., Balasore on or before dt. 16.02.2019 upto 2.30 PM & the tender papers will be opened on the same day i.e. 16.02.2019 at 3.30 PM in the Conference Hall of B.R.I.T. in presence of the bidders or their authorized representative.
7) The tenderer has to sign in each page of the tender documents. Cutting/Over writing/Correction if any should be initialed by the tenderer.
8) An affidavit in original towards authentication of documents must be attached with the tender paper. Certificate to be furnished about No. relation about the Rank of A.E. in the Department/Organisation.
9) If the Office happens to be closed on the date of last sale/receipt/opening of the tender/bids as specified above, the bids will be sold/received/opened on the next working day at the same time & venue. For further details, please contact the Jr. Engineer-In-Charge, B.R.I.T. Balasore during Office hours only.
10) Any amendment to codal provisions by the Government during the period from the sale of tender till acceptance by the Competent Authority shall be binding upon the tenderer.
11) The validity of the tender is 90 (ninety) days from the last date of receipt of the tender paper.
12) The authority reserves the right to accept/reject/cancel any or all the bids without assigning any reason theeof.

**Sd./- SECRETARY**

# ପୂର୍ବ ପ୍ରସ୍ତୁତି

**ବାର୍ଷିକ ପାଠ୍ୟକ୍ରମ ସମାପ୍ତ ହେବା ପରେ ଏବେ ସମୟ ପାଖେଇ ଆସିଛି ପରୀକ୍ଷାର; ଯେଉଁଥିପାଇଁ ପୂର୍ବ ପ୍ରସ୍ତୁତି ସାରିବାକୁ ପରୀକ୍ଷାର୍ଥୀମାନଙ୍କ ପାଖରେ ରହିଛି ଆଉ କେଇଟା ଦିନ ମାତ୍ର। ତେଣୁ କିଭଳି ଏହାର ସଦୁପଯୋଗ କରିବା ସହ କେଉଁ ସବୁ ବିଶେଷ ଦିଗ ପ୍ରତି ସଚେତନ ହେବା ଦ୍ୱାରା ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇପାରିବେ ସେଥିପ୍ରତି ରହିଛି ସଭିଙ୍କ ଫୋକସ୍...**







ପରୀକ୍ଷା ସମୟ ନିକଟତର ହେଉଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ତତ୍ପରତା ବଢିବାରେ ଲାଗିଛି। ଆଶାନୁରୂପ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ଲକ୍ଷ୍ୟରେ ସଭିଏ ଚଳାଇଛନ୍ତି ଜୋରଦାର ପ୍ରସ୍ତୁତି । କାହାର ପଢ଼ା ନିଶାରେ ରାତିର ନିଦ ହଜି ଯାଉଛି ତ କିଏ ଭୁଲିଯାଉଛି ଭୋକଶୋଷ। ହେଲେ ବେଳେ ବେଳେ ଏସବୁ ଠିକ୍ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ କରାଇଥାଏ। ତେଣୁ ପରୀକ୍ଷା ପୂର୍ବ ପ୍ରସ୍ତୁତି ସମୟରେ କେଉଁ ସବୁ ବିଶେଷ ଦିଗ ପ୍ରତି ଯତ୍ନ ଦେଲେ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରହିବା ସହ ଭଲ ନମ୍ବର ରଖିପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...

❖ପ୍ରଥମ କଥା ହେଉଛି ପାଠ ପଢାକୁ ବୋଝ କିମ୍ବା ଏକ ଜଟିଳ କାର୍ଯ୍ୟ ଭାବନ୍ତୁ ନାହିଁ। ପରୀକ୍ଷା ପୂର୍ବ ପ୍ରସ୍ତୁତି ଲାଗି ମିଳୁଥିବା ଦିନଗୁଡିକର ସଦୁପଯୋଗ କରନ୍ତୁ। ଅଳ୍ପଦିନ ଥିବ ଭଲ ଭାବେ ପଢିବି ଭାବି ଆରମ୍ଭରୁ ସମୟ ନଷ୍ଟ କରିବାର ବଦଭ୍ୟାସ ଥିଲେ ବଦଳାନ୍ତୁ।

❖ଯେହେତୁ ବର୍ତ୍ତମାନ ପାଠ୍ୟକ୍ରମ ଅନୁଯାୟୀ ସମସ୍ତ ପଢା ଅର୍ଥାତ୍ ଲଙ୍ଗ୍‌ଟର୍ମ ବା ଏକ୍ସଟେନ୍ସିଭ୍ ଷ୍ଟଡି ସରିଛି ତେଣୁ ଶର୍ଟଟର୍ମ ବା ଇଣ୍ଟେନ୍ସିଭ୍ ଷ୍ଟଡି ପ୍ରତି ବିଶେଷ ଗୁରୁତ୍ୱ ଦିଅନ୍ତୁ।

❖ଭଲ ନମ୍ବର ରଖିବାକୁ ହେଲେ କୌଣସି ବିଷୟକୁ ଅଧିକ କିମ୍ବା କମ୍ ସମୟ ନ ଦେଇ ଯେପରି ପ୍ରତ୍ୟେକ ବିଷୟକୁ ଭଲ ଭାବେ ପଢି ପାରିବେ ସେଥିପାଇଁ ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ।

❖ପାଠକୁ ଭଲ ଭାବେ ବୁଝିବାକୁ ଚେଷ୍ଟା କରନ୍ତୁ। ଯଦି କୌଣସି ପାଠ ବୁଝି ନ ହୁଏ ତେବେ ତୁରନ୍ତ ନିଜ ସ୍କୁଲ୍ କିମ୍ବା କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଅବା ଟ୍ୟୁଶନ୍ ସାରଙ୍କ ସାହାଯ୍ୟ ନିଅନ୍ତୁ। ହେଲେ ମନେରଖନ୍ତୁ, ବୁଝି ନ ପାରୁଥିବା ପାଠକୁ ଘୋଷି ମନେ ରଖିବାର ବଦଭ୍ୟାସ ଆଦୌ ରଖନ୍ତୁ ନାହିଁ। ନଚେତ ପରୀକ୍ଷାରେ ଅଧାରୁ ଭୁଲିଯିବା କିମ୍ବା ବୁଲେଇ ପ୍ରଶ୍ନ ଆସିବା ଦ୍ୱାରା ଏହାର ଠିକ୍ ଉତ୍ତର ନ ଦେଇପାରି କମ୍ ନମ୍ବର ରଖିବା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

❖ଅନେକେ ପଢିବାରେ ଅଳସୁଆମି ହେଉ ଅବା ନିଜକୁ ଅଧିକ ଚାଲାକ୍ ଭାବି ପୂର୍ବ ବର୍ଷଗୁଡିକର ପ୍ରଶ୍ନ ଅନୁଯାୟୀ କେବଳ ସମ୍ଭାବ୍ୟ ପ୍ରଶ୍ନ ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ଏହା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ତେଣୁ ପରୀକ୍ଷାରେ ଆଶାନୁରୂପ ଫଳ ପାଇବାକୁ ହେଲେ ସମସ୍ତ ପାଠକୁ ଭଲ ଭାବେ ପଢ଼ନ୍ତୁ।

❖ଯଦି କୌଣସି ବିଷୟ ବୁଝିବା କିମ୍ବା ମନେରଖିବାରେ କଷ୍ଟ ହେଉଛି ତେବେ ଏହାକୁ କମ୍ ଗୁରୁତ୍ୱ ଦେବା ପରିବର୍ତ୍ତେ ପଢିବା ଲାଗି ନିଜ ଟାଇମ୍ ଟେବୁଲ୍‌ରେ ସକାଳର ବ୍ରାହ୍ମ ମୁହୂର୍ତ୍ତ ବାଛନ୍ତୁ। କାରଣ ଏହି ସମୟରେ ମସ୍ତିଷ୍କ ସ୍ଥିର ଥିବାରୁ ପାଠ ସହଜରେ ବୁଝିହେବା ସହ ମନେରହିଥାଏ। ଜନଗହଳି କିମ୍ବା ଶବ୍ଦ ହେଉଥିବା ସ୍ଥାନ ପରିବର୍ତ୍ତେ ସର୍ବଦା ଏକ ନିରୋଳା ଜାଗାରେ ବସି ପଢିବାକୁ ଚେଷ୍ଟା କରନ୍ତୁ।

❖ପରୀକ୍ଷା ପ୍ରସ୍ତୁତି କରିବା ବେଳେ କେବଳ ପଢିବା ନୁହେଁ, ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ତାହା ହେଉଛି– ପଢୁଥିବା ପାଠକୁ ଲେଖିବା। ଏପରି କରିବା ଦ୍ୱାରା ଆପଣ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବା ଅଭ୍ୟାସ କରିପାରିବେ ଏବଂ ଆପଣଙ୍କ ଅକ୍ଷର ମଧ୍ୟ ସୁନ୍ଦର ତଥା ସ୍ପଷ୍ଟ ହୋଇପାରିବ। ଫଳରେ ଖାତା ଦେଖିବା ସମୟରେ ଏହାକୁ ପଢିବାରେ ଅସୁବିଧା ହେବ ନାହିଁ କିମ୍ବା ଉତ୍ତର ଲେଖିଥିଲେ ସୁଦ୍ଧା ନମ୍ବର କମିବାର ଅଭିଯୋଗ ମଧ୍ୟ ରହିବ ନାହିଁ।

❖ପରୀକ୍ଷା ସମୟରେ କେତେକଙ୍କର ମୁଣ୍ଡବିନ୍ଧା ଆଦି ସମସ୍ୟାର ଅଭିଯୋଗ ଶୁଣିବାକୁ ମିଳିଥାଏ। ଯାହାର ମୁଖ୍ୟ କାରଣ ହେଉଛି ପାଠକୁ ନେଇ ମାନସିକ ଚାପ, ଚିନ୍ତା, ରାତି ଅନିଦ୍ରା ଇତ୍ୟାଦି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖି ଆରାମରେ ପରୀକ୍ଷା ପ୍ରସ୍ତୁତି କଲେ କୃତକାର୍ଯ୍ୟ ହେବେ।

❖ପରୀକ୍ଷା ପ୍ରସ୍ତୁତି ଆଳରେ ଖାଦ୍ୟପେୟକୁ ଅଣଦେଖା କରିବା କିମ୍ବା ରାତିଅନିଦ୍ରା ହୋଇ ପଢ଼ିବା ଯୋଗୁ ଠିକ୍ ସମୟରେ କେତେକଙ୍କୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇ ଅକୃତକାର୍ଯ୍ୟ ହେବାର ନଜୀର ରହିଛି। କାରଣ ଏପରି କରିବା ଦ୍ୱାରା ଆଖି ପୋଡ଼ିବା, ମୁଣ୍ଡ ବିନ୍ଧିବା, ଅଜୀର୍ଣ୍ଣ, ଗ୍ୟାସ୍, ଝାଡ଼ାବାନ୍ତିଠାରୁ ଆରମ୍ଭ କରି ପାଠ ମନେ ନ ରହିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ପାଠ ମନେରହିବା ଲାଗି ପଢିବା ସହିତ ମସ୍ତିଷ୍କକୁ ଆରାମ ଦେବା ଲାଗି ପର୍ଯ୍ୟାପ୍ତ ନିଦ୍ରା ବି ଆବଶ୍ୟକ। ସେହିପରି ଯଥା ସମୟରେ ଖାଇବା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ ଏହି ସମୟରେ ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଜଙ୍କ ଫୁଡ୍ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଚା କିମ୍ବା କଫି ନ ପିଇ ଜୁସ୍, ଲସି, ପଇଡ଼ ପାଣି ପିଅନ୍ତୁ।

❖ଏ ସମୟରେ କେବଳ ପାଠ ପଢିବା ଦ୍ୱାରା ବେଳେ ବେଳେ ମସ୍ତିଷ୍କ ଥକି ଯାଏ ଏବଂ ପାଠ ମନେ ରହିବାରେ କଷ୍ଟ ହୁଏ। ସେହିପରି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ଶରୀରକୁ ମଧ୍ୟ କଷ୍ଟ ହୋଇଥାଏ। ତେଣୁ ମସ୍ତିଷ୍କ ଏବଂ ଶରୀରକୁ ସକ୍ରିୟ ରଖିବା ଲାଗି ଅଳ୍ପ ସମୟ ମ୍ୟୁଜିକ୍ ଶୁଣିପାରିବେ କିମ୍ବା ଖେଳି ପାରିବେ।

## କ'ଣ କୁହନ୍ତି ଏମାନେ..


ପ୍ରିୟଦର୍ଶିନୀ ଭୋଳ


ସିଦ୍ଧାର୍ଥ ଦାସ

**ପ୍ରିୟଦର୍ଶିନୀ ଭୋଳ**(ଯୁକ୍ତ ୨, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ, କଟକ)– ଯୁକ୍ତ ୨ ପରୀକ୍ଷା ମୁଣ୍ଡ ଉପରେ, ତେଣୁ ଟିକେ ଟେନ୍‌ଶନ୍ ରହିବା ତ ସାଧାରଣ କଥା। ହେଲେ ପଢାରେ ଆଦୌ ଅବହେଳା କରୁନାହିଁ। ନିଜ ପ୍ରସ୍ତୁତ ଟାଇମ୍ ଟେବୁଲ୍ ଅନୁଯାୟୀ ସମସ୍ତ ବିଷୟକୁ ସମାନ ସମୟ ଦେବା ସହ ପରୀକ୍ଷାରେ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇପାରିବା ଲାଗି ଲେଖିବା ଅଭ୍ୟାସ ମଧ୍ୟ କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଢା ନିଶାରେ ଖାଦ୍ୟପେୟ ଏବଂ ଶୋଇବାରେ ଅବହେଳା କରି ଯେପରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ ସେ ଦିଗରେ ବି ସଚେତନ ରହୁଛି।

**ସିଦ୍ଧାର୍ଥ ଦାସ**(ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିମାପଡା)– ମାଟ୍ରିକ୍ ପରୀକ୍ଷାର ନମ୍ବର କ୍ୟାରିଅର ଗଢିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ତେଣୁ ଏଥିରେ ସଫଳତାର ସହ କୃତକାର୍ଯ୍ୟ ହେବା ଲାଗି ପ୍ରସ୍ତୁତି ଜୋରଦାର ଚଳାଇଛି। କୌଣସି ବି କାର୍ଯ୍ୟରେ ସମୟ ଅଯଥା ନଷ୍ଟ ନ କରି ପଢାରେ ଧ୍ୟାନ ଦେଉଛି। କେଉଁ ବିଷୟକୁ କମ୍ କିମ୍ବା ବେଶି ସମୟ ନ ଦେଇ ପ୍ରତ୍ୟେକ ବିଷୟକୁ ସମାନ ଗୁରୁତ୍ୱ ଦେଉଛି।

## ଜାଣନ୍ତୁ ଦୁନିଆ

# ଟମାଟୋ

ଟମାଟୋ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ସେତିକି ସ୍ୱାଦିଷ୍ଟ। ସାଲାଡ୍, ତରକାରି ଆଦି ହେଉ କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟର ସ୍ୱାଦ ଦ୍ୱିଗୁଣିତ କରିବାରେ ଏହା ବହନ କରିଥାଏ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତେବେ ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ:

- ସର୍ବାଧିକ ଟମାଟୋ ଉତ୍ପାଦନକାରୀ ଦେଶ ହେଉଛି ଚାଇନା। ହେଲେ ଏହାକୁ ଖାଇବାରେ ଆମେରିକା ସବୁଠୁ ଆଗରେ ରହିଛି।
- ପୃଥିବୀରେ ପ୍ରାୟ ୧୦ ହଜାର ପ୍ରକାରର ଟମାଟୋ ରହିଛି। ଯାହା ମଧ୍ୟରୁ କେତେକ ଟମାଟୋର ଖୁବ୍ ମଜାଦାର ନାମ ରହିଛି, ଯେପରି– ବେବି କେକ୍ସ୍, ବାନାନା ଲେଗ୍ସ୍, କ୍ରିମ୍ ସସେଜ୍, ମିଷ୍ଟର ଅଗ୍ଲୀ ଇତ୍ୟାଦି।
- ଯଦିଓ ଟମାଟୋକୁ ପରିବା ହିସାବରେ ବ୍ୟବହାର କରାଯାଉଛି, ହେଲେ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ଏହା ଏକ ଫଳ। କେବଳ ଏତିକି ନୁହେଁ ଏହା ପୃଥିବୀର ସବୁଠୁ ଲୋକପ୍ରିୟ ଫଳ। ଯାହା ପଛକୁ କ୍ରମାନୁସାରେ କଦଳୀ, ସେଓ, କମଳା ଏବଂ ତରଭୁଜ ୨ୟ, ୩ୟ, ୪ର୍ଥ ଏବଂ ୫ମ ସ୍ଥାନରେ ରହିଛି।
- ଓହିଓରେ ଟମାଟୋକୁ ଜାତୀୟ ଫଳ ଏବଂ ଏହାର ରସକୁ ଜାତୀୟ ପାନୀୟର ମାନ୍ୟତା ମିଳିଥିବା ବେଳେ ଆମେରିକାର ଆର୍କାନ୍ସାସ୍‌ରେ ଏହାକୁ ଉଭୟ ଜାତୀୟ ଫଳ ଏବଂ ପରିବା ଭାବେ ଗ୍ରହଣ କରାଯାଇଛି।
- ପାଚିଲା ଟମାଟୋର ରଙ୍ଗ କେବଳ ଲାଲ୍ ନୁହେଁ। କାରଣ ପ୍ରକାର ଭେଦ ଅନୁଯାୟୀ ଧଳା, କଳା, ବାଇଗଣୀ, ଗୋଲାପି ଏବଂ ହଳଦିଆ ରଙ୍ଗର ଟମାଟୋ ମଧ୍ୟ ରହିଛି।
- ବର୍ତ୍ତମାନ ସୁଦ୍ଧା ଉତ୍ପାଦିତ ହୋଇଥିବା ସବୁଠାରୁ ବଡ ଟମାଟୋର ଓଜନ ଥିଲା ୩.୫ କିଲୋଗ୍ରାମ। ଏହା ୧୯୮୬ ମସିହାରେ ଆମେରିକାର ଓକ୍ଲାହୋମାରେ ଉତ୍ପାଦିତ ହୋଇଥିଲା।
- ସ୍ପେନ୍‌ର ବ୍ୟୁନଲ୍‌ସ୍ଥିତ ଭ୍ୟାଲେନ୍ସିଆ ସହରରେ ପ୍ରତି ବର୍ଷ ଅଗଷ୍ଟ ମାସ ଶେଷ ବୁଧବାରଦିନ ପାଳନ ହୋଇଥାଏ 'ଲା ଟମାଟିନା' ନାମକ ଟମାଟୋ ଫେଷ୍ଟିଭାଲ। ଯେଉଁଥିରେ ୧୫୦,୦୦୦ ଟମାଟୋ ବ୍ୟବହାର କରାଯାଇଥାଏ।





## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ପୃଥିବୀର ପ୍ରଥମ ମାନବ ଅଧିକାର ଟେଲିଭିଜନ ଚ୍ୟାନେଲ............ ଠାରେ ପ୍ରତିଷ୍ଠା କରାଗଲା ?
୨– ଅଟଳ ସେତୁ ......... ନଦୀ ଉପରେ ପ୍ରତିଷ୍ଠା କରାଯାଇଛି ?
୩– ପଦ୍ମଶ୍ରୀ ପୁରସ୍କାର ପାଇଥିବା ପ୍ରଥମ ଭାରତୀୟ କିନ୍ନର........ ?
୪– ସ୍ୱଚ୍ଛ ଭାରତ ଯାତ୍ରାରେ ସକ୍ରିୟ ଯୋଗଦାନ ଲାଗି..........ରାଜ୍ୟ ଶୀର୍ଷସ୍ଥାନରେ ରହିଛି ?
୫– ଜ୍ୟୋତି ପୁଞ୍ଜ ପୁସ୍ତକର ଲେଖକ .......... ?

## ଗତ ସପ୍ତାହର ଉତ୍ତର

୧ ଚେନ୍ନାଇ
୨ ୧୬୬୬
୩ ସିକିମ୍
୪ ନରେନ୍ଦ୍ର ମୋଦି
୫ ଆଳୁ

## ଉତ୍ତରଦାତା


ତ୍ରିଭୁବନ ଜିତ୍ ମୁଖାର୍ଜୀ, ଭୁବନେଶ୍ୱର


ଶେଖ୍ ୟାକୁବ୍, ପୁରୀ


ବିକାଶ ସେଜପଡ଼ା, ବାରିପଦା


ପୁଷ୍ପାଞ୍ଜଳି ପ୍ରଧାନ, ବ୍ରହ୍ମପୁର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com


# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର

## Biju Pattanaik Adarsha Vidyalaya

## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

No.: 93-V: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୧ ଗୋଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ୨୦୧୮–୧୯ ଶିକ୍ଷାବର୍ଷ ଠାରୁ କାର୍ଯ୍ୟକ୍ଷମ ହୋଇଅଛି। ଏଥି ନିମନ୍ତେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଟି.ଆର୍.ଟି.ଏସ୍. (TRTS) ପ୍ରବେଶିକା ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନ ଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୦୨।୦୩।୨୦୧୯। ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ ପ୍ରବେଶିକା ପରୀକ୍ଷା ୧୭।୦୩।୨୦୧୯ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ନିମ୍ନୋକ୍ତ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍: **www.stscodisha.gov.in/** କିମ୍ବା ଓଡ଼ିଶା ମଡ଼େଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍: **www.omtes.org**ରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା | | ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|---|
| | | ବାଳକ | ବାଳିକା | | |
| ୧ | ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, କନିସି, ବ୍ରହ୍ମପୁର, ଗଞ୍ଜାମ | ଅନୁସୂଚିତ ଜନଜାତି – ୫୦<br>ଆଦିମ ଜନଜାତି – ୦୪<br>ଅନୁସୂଚିତ ଜାତି – ୦୬ | ଅନୁସୂଚିତ ଜନଜାତି – ୫୦<br>ଆଦିମ ଜନଜାତି – ୦୪<br>ଅନୁସୂଚିତ ଜାତି – ୦୬ | ହୁମ୍ମା ଉଚ୍ଚ ବିଦ୍ୟାଳୟ, ହୁମ୍ମା (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭଗା) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

ସ୍ୱା./– ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ତଥା ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

ପାସ୍‌ପୋର୍ଟ ଫଟୋ

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା : ଗ୍ରାମ: ପୋଷ୍ଟ: ଭାୟା: ଥାନା: ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. କେଉଁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବର୍ଗର ଅନ୍ତର୍ଭୁକ୍ତ (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୭. ଭିନ୍ନକ୍ଷମ ପ୍ରାର୍ଥୀ କି ? (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୮. ପଞ୍ଚମ ଶ୍ରେଣୀରେ ପଢୁଥିବା ସ୍କୁଲର ନାମ :
୯. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୦. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୧. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୨. ବିଦ୍ୟାର୍ଥୀ ଆବେଦନକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର :

### ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।

ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର

ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର 26009/11/0004/1819

## ସଂକ୍ଷେପରେ

### ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨।୨(ବ୍ୟୁରୋ)- ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ସ୍ତରରେ କାର୍ଯ୍ୟରତ କେତେଜଣ ଅଧିକାରୀଙ୍କ ବଦଳି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଥିବା ସସ୍ମିତା ସାହୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଉପସଚିବ ଭାବେ କାର୍ଯ୍ୟ କରିବେ। ସେହିପରି ମୟୂରଭଞ୍ଜ ଜିଲା ଯଶୀପୁର ବିଡିଓ ଦୁଃଖବନ୍ଧୁ ନାୟକଙ୍କୁ ସ୍ୱତନ୍ତ୍ର ଭୂଗ୍ରହଣ ଅଧିକାରୀ ଭାବେ କରଞ୍ଜିଆକୁ ବଦଳି କରାଯାଇଛି। ସୁନ୍ଦରଗଡ଼ ଉପଜିଲାପାଳ ବୀରସେନ ପ୍ରଧାନଙ୍କୁ ମାଲକାନଗିରି ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଝାରସୁଗୁଡା ଡିଆରଡିଏରେ ଥିବା ଦୋଳମଣି ପଟେଲ ସେହି ଜିଲାର ଉପଜିଲାପାଳ ଭାବେ ପଦୋନ୍ନତି ପାଇଛନ୍ତି।

### ନିଷ୍ଠା, ଅଧ୍ୟବସାୟ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ

ଖଇରା, ୨।୨(ଡି.ଏନ.ଏ.)-ଖଇରା ମହାବିଦ୍ୟାଳୟର ୩୯ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଶିକ୍ଷାମନ୍ତ୍ରୀ ଅନନ୍ତ ଦାସଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ବାତିଲ ହେବା ପରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କର ନିଷ୍ଠା ଓ ଅଧ୍ୟବସାୟ ସେମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ମହାବିଦ୍ୟାଳୟ ପରାମର୍ଶଦାତା କମିଟିର ସଦସ୍ୟ ମୃତ୍ୟୁଞ୍ଜୟ ସାମଲ, ଅରୁଣ କୁମାର ପାଢୀ, ବନମାଳୀ ବାରିକ, ଦେବବ୍ରତୀ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖପତ୍ର 'ସୁପ୍ରୀତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚଳିତବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ମେଲୋଡି ପରିବେଷିତ ହୋଇଥିଲା। ବୈଠକ ବିଳମ୍ବରେ ଆରମ୍ଭ ହେବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଅଧ୍ୟକ୍ଷ ମହାପାତ୍ରଙ୍କୁ ପଚାରିବାରେ ଶିକ୍ଷାମନ୍ତ୍ରୀଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବାରୁ ବୈଠକରେ ସାମାନ୍ୟ ବିଳମ୍ବ ହେଲା ବୋଲି କହିଛନ୍ତି।

### ସରିଲା ଔପଦା ଆଞ୍ଚଳିକ ମହୋତ୍ସବ

ଔପଦା, ୨।୨(ଡି.ଏନ.ଏ.)-ମହୋତ୍ସବ ସମ୍ପର୍କ ଯୋଡ଼ିବାର ମାଧ୍ୟମ ବୋଲି ଔପଦା ଆଞ୍ଚଳିକ ମହୋତ୍ସବର ଉଦ୍ଯାପନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ସମ୍ମାନନୀୟ ଅତିଥି ଭାବେ ଖଇରା ଥାନାଧିକାରୀ ଲୋପାମୁଦ୍ରା ନାୟକ, ଅନ୍ୟତମ ଅତିଥି ଭାବେ ଔପଦା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ଜେନା ଯୋଗଦେଇ ଏହି ୪ଦିନ ବ୍ୟାପୀ ଚାଲିଥିବା ମହୋତ୍ସବ ଲୋକମାନଙ୍କ ସହଯୋଗରେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅଧାପକ ପଙ୍କଜ କୁମାର ଜେନା ଯୋଗ ଦେଇଥିଲେ। କମିଟି ସଭ୍ୟ ସଂଗ୍ରାମ ରାଉତ ଅତିଥି ପରିଚୟ, ଶିକ୍ଷକ ବୈକୁଣ୍ଠ ପୁଥାଳ ସ୍ୱାଗତ ଭାଷଣ ଦେଇଥିଲେ। କମିଟି ପକ୍ଷରୁ ସିଡିପିଓ କାର୍ଯ୍ୟାଳୟର କୋଅର୍ଡିନେଟର ବେନିଜର ଗାନ୍ଧୀ, ଥାନାଧିକାରୀ ଲୋପାମୁଦ୍ରା ନାୟକ, ଖବରଦାତା ଅବିନାଶ ପ୍ରଧାନ, ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା, ଇଞ୍ଜିନିୟର ରାଜେଶ କୁମାର ମହାକୁଡ଼, ବିଡିଓ ପୀତାମ୍ବର ଭୋଇ ଓ ଅଧାପକ ପଙ୍କଜ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବସ୍ତା, ୨।୨(ସ୍ୱ.ପ୍ର.)-ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା ଥାନାର ପୁଟୁରା ଗ୍ରାମନିବାସୀ ଶତ୍ରୁଘ୍ନ ସେଠୀଙ୍କ ପୁଅ ଅରୁଣ (୩୫)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବସ୍ତା ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ କେସ୍ ନଂ. ୩/୧୯ ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଗୋପୀନାଥପୁରରେ ବନ୍ଧୁକ କାରଖାନା ଠାବ

**ଯୁବକ ଗିରଫ, ୫ ବନ୍ଧୁକ ଜବତ**

- ବ୍ୟବହୃତ ମେଶିନ୍ ଓ ବିସ୍ଫୋରକ ସାମଗ୍ରୀ ଜବତ
- ଅଜାଙ୍କଠାରୁ ଶିଖିଥିଲେ କୌଶଳ

ନୟାଗଡ଼ ଅଫିସ,୨।୨

ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ଦୁର୍ଦ୍ଦୁରା ପଞ୍ଚାୟତର ଗୋପୀନାଥପୁର ଗ୍ରାମରେ ପୋଲିସ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। ଏହି ଘଟଣାରେ ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କ ପୁଅ ସୁଧୀର କୁମାର ବେହେରା(୧୯)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ସିଙ୍ଗଲ ବ୍ୟାରେଲ୍ (ବଡ଼ ବନ୍ଧୁକ) ୪, ଗୋଟିଏ ପିସ୍ତଲ (ଛୋଟ ବନ୍ଧୁକ), ୨ଟି କାଠ କଟା ମେଶିନ୍, ବିସ୍ଫୋରକ ସାମଗ୍ରୀ, ଗୁଳି ଓ ବନ୍ଧୁକ ତିଆରିରେ ଆବଶ୍ୟକ ହେଉଥିବା ବିଭିନ୍ନ ଯନ୍ତ୍ରପାତି ଜବତ ହୋଇଛି। ଶନିବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଏସ୍ପି ଶଶିଭୂଷଣ ଶତପଥୀ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।



ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ମୁଖ୍ୟ ଅଭିଯୁକ୍ତ।

ମିଳିଥିବା ସୂଚନା ଅନୁସାରେ ନୟାଗଡ଼ରେ ଦେଶୀ ବନ୍ଧୁକ ନିର୍ମିତ ହେଉଥିବା ନେଇ ଏସ୍ପି ଶତପଥୀ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହା ପରେ ନୟାଗଡ଼ ଏସ୍ଡିପିଓ ସୁଧାକର ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ପୋଲିସ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ଟିମ୍ ତନାଘନା କରି ଗୋପୀନାଥପୁର ଗ୍ରାମର ସୁଧୀର ଏଥିରେ ସାମିଲ ଥିବା ଜାଣିବାକୁ ପାଇଥିଲା। ତଦନ୍ତ ସମୟରେ ସୁଧୀର ଘର ପାଖରେ ଦେଶୀ ପଦ୍ଧତିରେ ବନ୍ଧୁକ ତିଆରି କରୁଥିବା ଜଣାପଡିଥିଲା। ପରେ ପୋଲିସ ଶୁକ୍ରବାର ରାତିରେ ତାଙ୍କ ଘରେ ଚଢ଼ାଉ କରି ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ସୁଧୀରଙ୍କୁ ଗିରଫ କରିଥିଲା। ଏ ନେଇ ଟାଉନ ଥାନାରେ ୧୪/୧୯ରେ ମାମଲା ରୁଜୁ କରାଯାଇ ସୁଧୀରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ପି ଶତପଥୀ ପ୍ରକାଶ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତଦନ୍ତ କାର୍ଯ୍ୟ ଚାଲିଛି। ପାଖାପାଖି ବର୍ଷେ ହେଲା ସେ ଏହି କାରଖାନା ଚଳାଇଥିବା ବେଳେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି, ଏଥିରେ କେଉଁମାନେ ସାମିଲ ଅଛନ୍ତି ଓ ଏହାର ମାଷ୍ଟରମାଇଣ୍ଡ କିଏ ତାହା ଖୋଳତାଡ କରାଯାଉଥିବା ଏସ୍ପି ସୂଚନା ଦେଇଥିଲେ। ସପ୍ତମ ଯାଏ ପଢ଼ିଥିବା ସୁଧୀର ଅଜାଙ୍କଠାରୁ ବନ୍ଧୁକ ତିଆରି କରିବା କୌଶଳ ଶିଖିଥିବା ପ୍ରକାଶ କରିଛନ୍ତି। ସେହିଭଳି ସେ ଘରେ ପାଖାପାଖି ବର୍ଷେ ହେଲା ନିଜେ ବନ୍ଧୁକ ତିଆରି କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ବନ୍ଧୁକ ବିକ୍ରି କରି ନ ଥିବା କହିଛନ୍ତି। ଅନ୍ୟପଟେ ସୁଧୀରଙ୍କ ଜେଜେବାପା ଶଙ୍କର୍ଷଣ ଅଭିଯୋଗ କରିଛନ୍ତି ଯେ, ନାତି କମାର କାମ କରୁଥିବା ବେଳେ ପୋଲିସ ତାଙ୍କୁ ମିଛରେ ଗିରଫ କରିଛି। ପୂର୍ବରୁ ବ୍ରାଉନ ସୁଗାର ଜବତ ହେବା ଓ ବର୍ତ୍ତମାନ ଦେଶୀ ବନ୍ଧୁକ କାରଖାନା ଠାବ ହେବା ପରେ ଜିଲାରେ ଆପରାଧିକ କାର୍ଯ୍ୟକଳାପ କାୟା ବିସ୍ତାର କରୁଥିବା ଚର୍ଚ୍ଚା ହେଉଛି।

# ୧୦୦ ଏକର କାଜୁ ଜଙ୍ଗଲରେ ବେଆଇନ ମାଙ୍କଡା ପଥର ଖନନ

- ଏନ୍ଜିଟିରେ ଦ୍ୱାରସ୍ଥ ହେବାକୁ ଗ୍ରାମବାସୀଙ୍କ ଚେତାବନୀ

କଟକ ଅଫିସ, ୨।୨

କେନ୍ଦୁଝର ଜିଲା ଘଷିପୁରା ତହସିଲ ଅନ୍ତର୍ଗତ ମଦନପୁର ଗ୍ରାମରେ ଥିବା ପ୍ରାୟ ୧୦୦ଏକର କାଜୁ ଜଙ୍ଗଲ ଏବେ ବିପଦରେ। ଉକ୍ତ ଜଙ୍ଗଲରେ ବେଆଇନଭାବେ ପଥର ମାଫିଆମାନେ ମାଙ୍କଡା ପଥର ଖନନ କରୁଛନ୍ତି। ସ୍ଥାନୀୟ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇନାହିଁ। ୨୦୧୨ରେ ତତ୍କାଳୀନ ଘଷିପୁରା ତହସିଲଦାରଙ୍କ ପକ୍ଷରୁ ୨୫ଜଣଙ୍କ ନାମରେ ଥାନାରେ ଏତଲା ଦାଏର କରାଯିବା ସହିତ ଗାଡି ଓ ଯନ୍ତ୍ରାଂଶ ଜବତ କରାଯାଇଥିଲା। ତହସିଲଦାର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ପଥର ମାଫିଆମାନେ ବେଆଇନଭାବେ ଜଙ୍ଗଲକୁ କାଟି ଏହି କାରବାର ଚଳାଇଛନ୍ତି। କେବଳ ଏହି ଜଙ୍ଗଲ ନୁହେଁ, ସଂଲଗ୍ନ ପାତିଲୋ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ଏହି ବେଆଇନ କାରବାର ଜାରି ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ବେଆଇନ ଭାବେ ଖନନ ଦ୍ୱାରା ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି, ଯାହା ବନ୍ୟପ୍ରାଣୀ ଓ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ନିକଟରେ ପାତିଲୋ ସଂରକ୍ଷିତ ଜଙ୍ଗଲରେ ଏକ ଭାଲୁ ଗର୍ତ୍ତରେ ପଡି ପ୍ରାଣ ହରାଇଥିବା ଜଙ୍ଗଲ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା।

ସୂଚନାଥାଉ କି, ମଦନପୁର କାଜୁ ଜଙ୍ଗଲକୁ ସରକାର ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସ୍ଥାନୀୟ ଆଦିବାସୀ ଓ ହରିଜନ ଲୋକଙ୍କୁ ପରିବାର ପିଛା ୨ଏକର ଲେଖାଏ ୪୧ଟି ପରିବାରକୁ ଫଳଭୋଗ ପଟ୍ଟା ଦିଆଯାଇଥିଲା। ମାତ୍ର ଚଞ୍ଚକତା କରି ପଥର ମାଫିଆମାନେ ଜଙ୍ଗଲକୁ ନିଜ କବଜାକୁ ନେଇ ମାଙ୍କଡା ପଥର ଖନନ କରୁଛନ୍ତି। ସ୍ଥାନୀୟ ଦୁଇଟି ପଡ଼ା ଗ୍ରାମ ଯଥା ପଥରପଡ଼ା ଓ ବନ୍ଧସାହିର ଲୋକେ ଖଣିଜନିତ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ଯୋଗୁ ହିନସ୍ତା ଭୋଗୁଛନ୍ତି। ଏହି ବେଆଇନ ପଥର ଖାଦାନ ନିକଟସ୍ଥ ଚାଷଜମିକୁ ମଧ୍ୟ ପ୍ରଭାବିତ କରୁଛି। ତୁରନ୍ତ ଏହି ବେଆଇନ କାରବାରକୁ ବନ୍ଦ କରାଯିବା ସହିତ ଏଥିରେ ସମ୍ପୃକ୍ତ ମାଫିଆ ଓ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର କୁଅଁରଙ୍କ ସମେତ କେତେଜଣ ଗ୍ରାମବାସୀ। ଯଦି ସରକାର ଏଥିପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ସେମାନେ ଏନ୍ଜିଟିଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଛାତ୍ର କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟ ଭାବେ ଥିଲି: ପଞ୍ଚାନନ

ଭୁବନେଶ୍ୱର, ୨।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍ଗୋ କଂଗ୍ରେସ ଦଳରେ ଯୋଗଦେଇଥିଲେ। କଂଗ୍ରେସ ଭବନଠାରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି ଯେ, ଛାତ୍ର ଜୀବନରୁ ସେ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆଦର୍ଶରେ ନିଜକୁ ପ୍ରତିଷ୍ଠା କରିଛନ୍ତି। ଛାତ୍ର କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟଭାବେ ସେ ଥିଲେ। କଂଗ୍ରେସ ଦଳ ତାଙ୍କ ପାଇଁ ନୂଆ ନୁହେଁ। ବର୍ତ୍ତମାନ ଭାରତବର୍ଷର ରାଜନୀତିରେ ଗଣତନ୍ତ୍ରକୁ ଯେଭଳି ଭାବେ ହତ୍ୟା କରିବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି, କଂଗ୍ରେସ ହିଁ ତା'ର କେବଳ ମୁକାବିଲା କରିପାରିବ। କଂଗ୍ରେସ ଭାରତବର୍ଷର ଅଗଣିତ ଛାତ୍ର ଓ ଯୁବକଙ୍କ ଭବିଷ୍ୟତ କଥା ଚିନ୍ତା କରିଥାଏ। ତଳେ ପଡିଥିବା ମଣିଷର ଉତ୍ଥାନ ପାଇଁ କଂଗ୍ରେସ ସ୍ୱାଧୀନତା ପରବର୍ତ୍ତୀ ସମୟରୁ ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଗୁଣ୍ଡୁଚି ମୂଷା ଭଳି ସେତୁବନ୍ଧରେ ମାଟି ପକାଇବା କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇ ସେ କଂଗ୍ରେସରେ ଯୋଗଦେଇଛନ୍ତି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଆଣିଥିବା ଅନ୍ତରୀଣ ବଜେଟ୍କୁ ନେଇ



ପଞ୍ଚାନନ କହିଛନ୍ତି ଯେ, ଏହା ଏକ ନିର୍ବାଚନୀ ବଜେଟ୍, ଏହା ପୂର୍ଣ୍ଣାଙ୍ଗ ବଜେଟ୍ ନୁହେଁ। ନିର୍ବାଚନ ଆଗକୁ ଥିବାରୁ ଦେଶବାସୀଙ୍କୁ ଲଲିପପ୍ ଦେଖାଇବା ପାଇଁ ଏହା ଅଭିପ୍ରେତ। ଆୟକର ସୀମା ୫ ଲକ୍ଷ ବୃଦ୍ଧି କରି ମଧ୍ୟବିତ୍ତଙ୍କୁ ଖୁସି କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଚେଷ୍ଟା କରିଛନ୍ତି ପରୋକ୍ଷରେ ଏହା ମଧ୍ୟ ଏକ ଜୁମ୍ଲା। ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପଞ୍ଚାନନଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଥିବା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପଞ୍ଚାନନ ମାଲ୍ୟାର୍ପଣ କରିଥିଲେ।

**ରାହୁଲଙ୍କ ଗସ୍ତ ପୂର୍ବରୁ ରାଉରକେଲା କଂଗ୍ରେସରେ ବିବାଦ**

# ପିସିସି ସଭାପତିଙ୍କ ଉପସ୍ଥିତିରେ ୨ ଗୋଷ୍ଠୀ ମୁହାଁମୁହିଁ

ରାଉରକେଲା ଅଫିସ,୨।୨

ଆସନ୍ତା ୬ତାରିଖରେ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ରାଉରକେଲା ଗସ୍ତରେ ଆସୁଛନ୍ତି। ଏ ନେଇ ଶନିବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପାନ୍ଥନିବାସଠାରେ ଅନୁଷ୍ଠିତ କର୍ମକର୍ତ୍ତା ବୈଠକ ପରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ହେଲେ ସେଠାରେ କଂଗ୍ରେସର ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଓ ମୁହାଁମୁହିଁ ପରିସ୍ଥିତି ଦଳୀୟ ବିବାଦକୁ ପଦାରେ ପକାଇଥିଲା। ରାଉରକେଲାରୁ ନିରଞ୍ଜନ ପ୍ରାର୍ଥୀ ହେବେ ନା ନାହିଁ ବୋଲି ଜଣେ ବରିଷ୍ଠ କର୍ମକର୍ତ୍ତା ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପିସିସି ସଭାପତିଙ୍କ ଉପସ୍ଥିତିରେ ଏପରି ଯୁକ୍ତିତର୍କ ଓ ମୁହାଁମୁହିଁ ପରିସ୍ଥିତି କିଛି ସମୟ ଲାଗି ରହିଥିଲା । ଶେଷରେ ଦଳୀୟ କର୍ମକର୍ତ୍ତାମାନେ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରଥମଥର ପାଇଁ ରାହୁଲ ଗାନ୍ଧୀ ରାଉରକେଲାକୁ ଆସୁଥିବା ବେଳେ ଏହାକୁ ସଫଳ କରିବାକୁ ଦଳ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ଏରୋଡ୍ରମ



ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ବୈଠକ ଅବସରରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି।

ପଡ଼ିଆ ନିକଟରେ ମହାସମାବେଶରେ ରାହୁଲ ଯୋଗଦେବେ। ଏଥିରେ କିଭଳି ସର୍ବାଧିକ ସମାଗମ ହୋଇପାରିବ ସେ ନେଇ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପ୍ରତି ବ୍ଲକରୁ କଂଗ୍ରେସ କର୍ମୀ ତଥା ସମର୍ଥକ ଯୋଗଦେବାକୁ ପିସିସି ସଭାପତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଦଳର ଜିଲା କମିଟି ରାହୁଲଙ୍କ ସମାବେଶକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛି ବୋଲି ମଞ୍ଚରେ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏଥିରେ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ପଟେଲ, ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି, ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଗ୍ରିଗୋରୀ ମିଞ୍ଜ, ପ୍ରଭାତ ମହାପାତ୍ର, ରେମିଶ କେର୍କେଟା, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ଓ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆପୋଲୋ ହସ୍ପିଟାଲରେ ନିଆଁ

- ଦେଢ଼ଘଣ୍ଟାର ଆତଙ୍କ, ରୋଗୀଙ୍କୁ ଧରି ଦୌଡ଼ିଲେ ସମ୍ପର୍କୀୟ
- ଅଗ୍ନି ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ ହେଲେ ଅଗ୍ନିଶମ ଡିଜି

ଭୁବନେଶ୍ୱର,୨।୨ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଭୟଙ୍କର ରୂପ ନେବା ପୂର୍ବରୁ ତାହାକୁ ଆୟତ୍ତ କରାଯାଇଛି। ହସ୍ପିଟାଲର ପଞ୍ଚମ ମହଲାରେ ଥିବା ନ୍ୟୁରୋ ଆଇସିୟୁ ନିକଟ ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ୍ ରୁମ୍ରେ ହଠାତ୍ ନିଆଁ ଲାଗିଯାଇଥିଲା। ଚାରିଆଡେ ଧୂଆଁ ବ୍ୟାପିଯିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ରୋଗୀଙ୍କୁ ଧରି କର୍ମଚାରୀ ଓ ସମ୍ପର୍କୀୟମାନେ ବାହାରକୁ ନେଇ ଆସିଥିଲେ। କେତେଜଣ ରୋଗୀ ନିଜେ ମଧ୍ୟ ଭୟରେ ଚାଲିଆସିଥିଲେ। ଆଉ କେତେଜଣ ରୋଗୀଙ୍କୁ ଝରକା କାଚ ଭାଙ୍ଗି ଉଦ୍ଧାର କରାଯାଇଥିଲା। ହସ୍ପିଟାଲ ବାହାରେ ରୋଗୀମାନେ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବାରୁ ଆଇସିୟୁରେ ଚିକିତ୍ସିତ ହେଉଥିବା ୨୬ଜଣ ଗୁରୁତର ରୋଗୀଙ୍କୁ ଏମ୍ସ, କେୟାର ଓ କିମ୍ସ ହସ୍ପିଟାଲରେ ପଠାଇ ଦିଆଯାଇଥିଲା। ପୋଡ଼ା ଗନ୍ଧଯୁକ୍ତ ଧୂଆଁକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇଥିଲା। ଖବର ପାଇ କଳ୍ପନା ଓ ଚନ୍ଦ୍ରଶେଖରପୁରର ଅଗ୍ନିଶମ କର୍ମଚାରୀ ପହଞ୍ଚି ଅପରେଶନ ଆରମ୍ଭ କରିଥିଲେ। ଦେଢ଼ ଘଣ୍ଟାର ଏହି ଅପରେଶନରେ ୩ ଦମକଳ ଗାଡି




ଆପୋଲୋ ହସ୍ପିଟାଲରେ ଅଗ୍ନିଶମ ବାହିନୀ ।



ବାହାରେ ଆତଙ୍କିତ ଥିବା ଲୋକମାନେ।

ସହ ଗୋଟିଏ ପ୍ରୋଟୋ ସ୍କାଏ ନିୟୋଜିତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଜିଲାପାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିଆଁ ଲାଗିବା ସମୟରେ ରୋଗୀଙ୍କୁ ଠିକ୍ ଭାବେ ସ୍ଥାନାନ୍ତର କରାଯାଇ କି ନାହିଁ ଓ ପରବର୍ତ୍ତୀ ଚିକିତ୍ସା କିଭଳି ରହିଛି ତାହାର ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଅଗ୍ନିଶମ ଡିଜି ବି.କେ ଶର୍ମା। ନିଆଁ କିଭଳି ଲାଗିଲା। ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଥିଲା କି ନାହିଁ। ଉଦ୍ଧାର ପ୍ରକ୍ରିୟା ଠିକ୍ ଥିଲା କି ନାହିଁ ତାହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଆପୋଲ ହସ୍ପିଟାଲରେ ରୋଗୀମାନେ ଚିକିତ୍ସିତ ହେଉଥିଲେ। କେତେକ ବିଭାଗରେ ଡାକ୍ତରମାନେ ରୋଗୀ ଦେଖୁଥିଲେ ତ ଆଉ କେଉଁଠି ନର୍ସ ରୋଗୀଙ୍କୁ ସାଲାଇନ୍ ଓ ଇଞ୍ଜେକ୍ସନ ଦେଉଥିଲେ। ହଠାତ୍ ଧପ୍ଧପ୍ ହୋଇ ବିଦ୍ୟୁତ୍ କଟିଯାଇଥିଲା। ହସ୍ପିଟାଲର ପଞ୍ଚମ ମହଲାରେ ଥିବା ନ୍ୟୁରୋ ଆଇସିୟୁ ନିକଟ ବ୍ୟାଟେରି ଓ ଇଲେକ୍ଟ୍ରୋନିକ୍ ରୁମ୍ରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଧୂଆଁ ବ୍ୟାପୁଥିବା ଦେଖି ଚାରିଆଡେ ଆରମ୍ଭ ହୋଇଯାଇଥିଲା ଚିତ୍କାର, ହୋହଲ୍ଲା ଓ ଧାଁ ଦୌଡ଼। ହସ୍ପିଟାଲର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାରେ ଥିବା ରୋଗୀଙ୍କୁ ଧରି ସମ୍ପର୍କୀୟମାନେ ବେଡ୍ ଓ ହ୍ୱିଲ୍ ଚେୟାରରେ ବାହାରକୁ ନେବାକୁ ଲିଫ୍ଟ ନିକଟକୁ ଯାଇଥିଲେ ମଧ୍ୟ ତାହା ଚାଲି ନ ଥିଲା। ବହୁ କଷ୍ଟରେ ହସ୍ପିଟାଲ କର୍ମଚାରୀଙ୍କ ସହାୟତାରେ ଆଇସିୟୁ ଓ ଅନ୍ୟ ରୋଗୀମାନଙ୍କୁ ବାହାରକୁ ଅଣାଯାଇଥିଲା।

ଅଗ୍ନିକାଣ୍ଡକୁ ନେଇ ଆପୋଲୋ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉଥିଲା କି, ଯଦି ସବୁ କିଛି ଠିକ୍ ଥିଲା ତେବେ ହସ୍ପିଟାଲରେ ଧୂଆଁ ବାହାରିବା ସମୟରେ ସତର୍କ ଘଣ୍ଟି କାହିଁକି ବାଜିଲା ନାହିଁ। ଏସବୁ ଅନେକ ପ୍ରଶ୍ନକୁ ନେଇ ଏବେ ନାନା ସନ୍ଦେହ ପ୍ରକାଶ ପାଇଛି। ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲର ଅଗ୍ନି ନିରାପତ୍ତା ଓ ବିଦ୍ୟୁତ୍ ବ୍ୟବସ୍ଥାର ନିୟମିତ ତଦାରଖ କରାଯାଉଥିଲା କି ନାହିଁ ତାହାର ତଦନ୍ତ କରାଯିବ। କେବଳ ଆପୋଲ ହସ୍ପିଟାଲ ନୁହେଁ, ରାଜଧାନୀରେ ଥିବା ସମସ୍ତ ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯିବ। ଆପୋଲୋ ହସ୍ପିଟାଲ ସିଇଓ ସୁଧୀର ଦିଗକର କହିଛନ୍ତି, ବ୍ୟାଟେରି ରୁମ୍ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଇଲେକ୍ଟ୍ରି ବ୍ୟବସ୍ଥା ନଷ୍ଟ ହୋଇଯାଇଥିବାରୁ ଗୁରୁତର ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବରରେ ସମ୍ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୨ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଆଖିବୁଜି ବସିଥିବା ସରକାର, ଅଗ୍ନିଶମ ବିଭାଗ ଓ ପୋଲିସର ଚେତା ପଶିଥିଲା। ବିଭିନ୍ନ ହସ୍ପିଟାଲ ଓ ମଲ୍ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯିବା ସହ ପଦକ୍ଷେପ ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଆପୋଲୋ ହସ୍ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଅଧିକ ମଜୁରୀ ପ୍ରଲୋଭନ**

# ଦାଦନ ଖଟିବାକୁ ୧୫ ଜଣଙ୍କୁ ଚାଲାଣ

ଡାବୁଗାଁ, ୨।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ପାରିଆବେଡା ଗ୍ରାମର ୧୫ ଜଣଙ୍କୁ ଅଧିକ ମଜୁରୀ ପ୍ରଲୋଭନ ଦେଖାଇ ଦାଦନ ଖଟିବାକୁ ନିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୦ ନାବାଳିକା। ନାବାଳିକାଙ୍କ ମଧ୍ୟରୁ ଜଣଙ୍କ ବାପା ତାଙ୍କ ଝିଅକୁ ଅପହରଣ କରାଯାଇଥିବା ଡାବୁଗାଁ ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ କରିଛନ୍ତି। ପାରିଆବେଡା ଗ୍ରାମର ଜଣେ ନାବାଳିକାଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୭ ତାରିଖରେ ସେ ଗ୍ରାମ ପାଖ ଆଟିଗାଁ ହାଟକୁ ଯାଇଥିଲେ । ରାତ୍ରି ପ୍ରାୟ ୭ଟା ୩୦ରେ ସେ ଘରକୁ ଫେରି ଜାଣିବାକୁ ପାଇଥିଲେ ଯେ ୨ ଜଣ ଅଜଣା ମହିଳା ଓ ପୁରୁଷ ଗ୍ରାମକୁ ଆସିଥିଲେ। ତାଙ୍କର ୨ ଝିଅଙ୍କ ସହ ଗ୍ରାମର ମୋଟ ୧୫ ଜଣଙ୍କୁ କଳାହାଣ୍ଡି ଜିଲାରେ ଅଧିକ ମଜୁରୀରେ କାମ ଦେବାର ପ୍ରଲୋଭନ ଦେଖାଇ ସାଥୀରେ ନେଇ ଯାଇଛନ୍ତି। ୧୫ ଜଣଙ୍କ ମଧ୍ୟରେ ୧୦ ନାବାଳିକା ଅଛନ୍ତି। ନାବାଳିକାଙ୍କ ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅଧୀନ ଚଢାବରମ ଅଞ୍ଚଳର ଗୋବରାବରମ ଗ୍ରାମରେ ଏକ ଇଟାଭାଟିରେ ୧୫ ଜଣ କାମ କରୁଥିବା ଦେଖି ସେ ଘରକୁ ଫେରିଥିଲେ । ଏ ସମ୍ପର୍କରେ ଶୁକ୍ରବାର ରାତିରେ ଡାବୁଗାଁ ଥାନାରେ ସେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ.୧୪/୧୯ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।




## BRIDE WANTED

ମୋର ଭଣଜା, ଜାତି ପାଟରା ବ୍ୟବସାୟ କରୁଥିବା ନାମ- ଅମ୍ବୁଜ ଲେଙ୍କା (ବୟସ ୨୮ ଉଚ୍ଚତା ୫ଫୁଟ ୪ଇଞ୍ଚ)ଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9861378997. D-64044

Good looking bride within age group 28-33 educated willing to settle in USA for A 37yr old handsome, tall, kaibarta groom, employed at an US corporation, As Sr Manager at Chicago Technical Education preferred, caste no bar. Contact. 8455925654. D-62156

**Brahmin groom, 29yrs/ 5f 11 in, MBA, Sr. Manager in leading digital advertising agency in Mumbai. 9 4 3 7 0 3 4 2 8 1 2 3 .** D-10917

Tanti boy, 1987, 5'7", B.Tech, Sail Engineer, only son. 9776562742. D-58036

Now Matrimonial ads. only on Wednesday & Sunday Book 1 Get 1 FREE

Wanted Begali Kayasth bride for boy (only son) 1983/ 5'7"/ MCA private job salary Rs.- 20,000 own resident Rourkela base, father retired Rly. employee. 9692719292. D-59849

ଗୁଡିଆ ପାତ୍ରୀ ଆବଶ୍ୟକ। ପାତ୍ର MBA ଗୌରବର୍ଣ୍ଣ, 5'5", 36ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା, ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣ ଉଚ୍ଚ ଶିକ୍ଷିତା 5'2" (25-35) ବର୍ଷ ମଧ୍ୟରେ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 8904239566, 9632818622. D-10919

Urgent bride requirement for Gudia groom qualification IT, Height- 5'7". Contact: 6370096605, 9778124128. D-10918

Divorcee groom Nalco Engineer 39, Bank Manager 42 (Caste-no-bar). 7873374269. D-65467

## GROOM WANTED

Invited qualified employed Bhubaneswar/ Cuttack based Brahmin groom for qualified fairely beautiful 34+ bride, required for early marriage. 8599044357. D-10802

Beautiful Khandayat girl 1995, 5'3" MBA serving Axis Bank "Sunasansar". 9937512659. D-10815

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health, groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

Wanted Brahmin groom for bride 34/5'3" BSc. MBA arround Bhubaneswar. 9668334861. D-10737

Brahmin, 44 ବର୍ଷ postal assistant 38,000 ଦରମା, ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 9937011734. D-10819

Extremely beautiful Brahmin girl 1989/5'4" MBA require Software Engineer. Barsha. 9 3 3 8 2 2 9 7 0 5 , 7749883585. D-64780

Beautiful Kandara girl 1987 Diploma requires serviceholder ODISSI. 9439493111. D-64779




## SALE

8 Nos. TATA HYVA LPK2518 Euro II-I for sale model 2013,All documents upto dare Registration Barbil, District Keonjhar Interested parties contact: 9438600306, 8249133464. D-63216

L&T Pc 71 Komatsu show room condition, 2009 Dec. (Mo): 7978887806. D-10897




## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall extra. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

2000 sqft. plot (12 Nos.) at Sankarpur, Vipulgarden backside Ghatikia, Bhubaneswar (Electricity, supply water, 30ft. road). 7381564227. D-65460

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

70,000/- booking ଦେଇ Xavier University ପାଖରେ (1200 sqft.) ପ୍ଲଟର ମାଲିକ ହୁଅନ୍ତୁ। 6371481421. D-65458

Gharabari ST plot 2000 sqft. (2 Nos.) Vipulgarden front, Ghatikia, Bhubaneswar. 7381564227. D-65459

Investment plot in BDA commercial zone Pitapali Chaka, sqft.- 199/-, 9348048204. D-65348

Book flat ready to move within six months with all amenities very few remaining at Patrapada, Bhubaneswar 500 meters from National Highway. Contact: 9238326233, 9040072544. D-38543

2BHK simplex 15,00,000/- finishing Hanspal, plot- Balianta- NH-203 side. 8093465134. D-65349

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3 , 8908292617.** D-10886

New style ploting project Bhubaneswar Puri NH Gudiapokhari Chhakରୁ 300 mtrs. distanceରେ ସବୁ plot boundarywall, electric, water, plantation ସୁବିଧାଦେଇ sqft. 450/-ରେ ମିଳୁଅଛି: 9437421096, 9337288910. D-58033

ପୁରୀ ବାଟମଙ୍ଗଳା ପାଖ ବାଟଗାଁ ଛକ ନିକଟରେ ସ୍ଥିତିବାନ ଘରବାଡ଼ି ପ୍ଲଟ୍ ପାଚେରି ଇଲେକ୍ଟ୍ରି ସୁବିଧାଥାଇ ଡିସିମିଲ ପ୍ରତି 2.40 ଲକ୍ଷ, ପ୍ରତି ପ୍ଲଟ୍ 2 ଡ଼ିସିମିଲ୍‌ରୁ ଅଧିକ। 8144658008, 8 1 4 4 6 3 4 2 5 2 , 9776404801. D-10813

Gharabari boundary plot infront Krupajal Engineering College, Bhubaneswar: 9 0 9 0 8 9 9 2 8 1 , 8908805482. D-65461

5000 sqft. BDA residential plot sale at K-9 Kalinga Vihar, Patrapada, Bhubaneswar 85lakhs. Contact: 9040013456, 9937097791. D-65347

Land for sale in National highway -20, district Keonjhar Location 4 km from dhenkikote towards Ghatgaon Area 2.34 Acr. interested party contact: 9438600306, 8249133464. D-63215

**TENDER CALL NOTICE**

Gangadhar Meher University, Sambalpur invites sealed tenders in two bid system (Technical and Financial bid) from the registered and reputed Firms/ Manufacturers/ Authorized dealers/ Suppliers for supply, Installation & Commissioning of the Biometric Device for Finger Print Attendance System at differene Departments of the University. The interested firms may submit their sealed tenders super-scribing "Quotation for supply, installation & commissioning of Biometric Device for Finger Print Attendance System at G.M. University, Sambalpur" addressed to The Registrar, G.M. University, Sambalpur, Amruta Vihar, Sambalpur-768004 by Speed Post/ Registered Post only on or before 3.00 PM of 25.02.2019 positively and the same will be opened at 3.30 PM of the same date.

The authority reserves the right to accept or reject any or all the tenders without assigning any reason thereof. For more details please visit the university website www.gmuniversity.ac.in.

**Sd./- REGISTRAR**
**G.M. University, Sambalpur**

## Government of Odisha "e" procurement Notice

**Phone No.06769-230685** **e-mail ID-rw.kamakhyanagar@yahoo.co.in**

**Bid Identification No TENDER ONLINE KNR-18 OF 2018 - 19**

**No.1556-O**

| | | | |
|---|---|---|---|
| 01. | Name of the work | :- | Building works as per DTNC available in the website.www. tendersorissa.gov.in |
| 02. | Total No. of works | :- | 04 Nos Building |
| 03. | Estimated Cost | :- | Rs. 11.51 & 23.16 Lakhs |
| 04. | Period of Completion | :- | 04(four) & 6(Six) Calendar months |
| 05. | Period and time of availability of bid document in the portal for bidding | :- | 05.02.19 at 11.00 A.M to 15.02.2019 up to 5.00 P.M |
| 06. | Date & time of opening of tender | :- | 18.02.2019 at 11.00 A.M. |
| 07. | Name and address of the officer inviting bid | :- | E.E.R.W. Division-II, Dhenkanal, Kamakhyanagar |

(1) Other details can be seen from detailed notice inviting tenders, available in the website.www.tendersorissa.gov.in.
(2) Corrigendum if any shall only be published in the above website.

**Sd./- Executive Engineer,**
**Rural Works Division - II,**
**DKL, Kamakhyanagar.**

25094/11/0014/1819

## Odisha State Medical Corporation Limited (OSMC)

OSMC — Assuring Quality, Saving Lives

**In front of Ram Mandir, Convent Square, Unit – III,**
**Bhubaneswar -751 001**
Tel. : (0674) 2380660/2380608 *Website : www.osmcl.nic.in,* Email : logistics.osmcl.od@nic.in

## NOTICE INVITING E-TENDER FOR SUPPLY OF DRUGS & MEDICAL CONSUMABLES (GROUP-I)

Bid Ref. No. : **OSMCL/2018-19/DRUGS-DHS-RE-TENDER/07** Date: **01.02.2019**

Online Bids through e-Tender portal (**https://tendersodisha.gov.in**) are invited from eligible bidders for supply of **Drugs & Medical Consumables**, **Anti-cancer Drugs** and **Glucose (Re-Tender)** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | *Date & time of release of bid* | ***02.02.2019, 3 PM*** | |
| 2. | *Date & time of Pre-bid meeting* | ***07.02.2019, 11:30 AM*** *Venue : Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar* | |
| 3. | *Date & time of Online bid submission* | *Start Date & Time* | *End Date & Time* |
| | | ***14.02.2019, 3 PM*** | ***26.02.2019, 6.00 PM*** |
| 4. | *Date & time for submission of Tender Documents and EMD amount as per section-IV of tender documents* | ***27.02.2019, 10 AM*** | ***08.03.2019, 11 AM*** |
| 5. | *Date & time of online Technical bid opening* | ***08.03.2019, 11:30 AM*** | |
| 6. | *Last Date & time of sample submission, for the items for which submission of sample is mentioned as per section-IV of tender document* | ***08.03.2019, up to 5.00 P.M.*** | |
| 7. | *Date of opening of Price Bid* | *To be informed to the qualified bidders* | |

CAD-1348

The bid document with all information relating to the bidding process including cost of bid document, EMDs, pre-qualification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-
**Managing Director**
**OSMC Ltd.,Odisha**

10112/11/0053/1819

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର

## Kalinga Model Residential School (KMRS)

## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

No.: 94-V: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୪ ଗୋଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (KMRS) ୨୦୧୮-୧୯ ଶିକ୍ଷାବର୍ଷ ଠାରୁ କାର୍ଯ୍ୟକ୍ଷମ ହୋଇଅଛି। ଏଥି ନିମନ୍ତେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଟି.ଆର୍.ଟି.ଏସ୍. (TRTS) ପ୍ରବେଶିକା ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୦୨।୦୩।୨୦୧୯। ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ ପ୍ରବେଶିକା ପରୀକ୍ଷା ୧୭।୦୩।୨୦୧୯ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ନିମ୍ନୋକ୍ତ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍: **www.stscodisha.gov.in/** କିମ୍ବା ଓଡ଼ିଶା ମଡ଼େଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍: **www.omtes.org**ରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟ ଗୁଡ଼ିକର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା | | ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|---|
| | | ବାଳକ | ବାଳିକା | | |
| ୧ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଳା, କୋରକୁଣ୍ଡା, ମାଲକାନଗିରି | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଲକାନଗିରି (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି |
| ୨ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଇକିଆ, କନ୍ଧମାଳ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ରାଇକିଆ ଉଚ୍ଚ ବିଦ୍ୟାଳୟ, କନ୍ଧମାଳ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ |
| ୩ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଖଜୁରିପଡ଼ା, କନ୍ଧମାଳ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଦୁତିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ଖଜୁରିପଡ଼ା (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | |
| ୪ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଉମରକୋଟ, ନବରଙ୍ଗପୁର | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଅନୁସୂଚିତ ଜନଜାତି - ୨୫ ଆଦିମ ଜନଜାତି - ୦୨ ଅନୁସୂଚିତ ଜାତି - ୦୩ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ, ଉମରକୋଟ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

**ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ତଥା ସ୍ୱତନ୍ତ୍ର ଶାସନ ସଚିବ**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

## ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

ପାସ୍‌ପୋର୍ଟ ଫଟୋ

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା : ଗ୍ରାମ: ପୋଷ୍ଟ: ଭାୟା: ଥାନା:
ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. କେଉଁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବର୍ଗର ଅନ୍ତର୍ଭୁକ୍ତ : (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)
୭. ଭିନ୍ନକ୍ଷମ ପ୍ରାର୍ଥୀ କି ? : (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)
୮. ପଞ୍ଚମ ଶ୍ରେଣୀରେ ପଢୁଥିବା ସ୍କୁଲର ନାମ :
୯. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୦. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୧. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୨. ବିବାଧାୟୀ ଆବେଦନକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର :

## ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।

**ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର**

**ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର**

26009/11/0005/1819



“ ମହେନ୍ଦ୍ର ସିଂ ଧୋନୀ ଜଣେ ମ୍ୟାଚ ବିଜୟୀ ଖେଳାଳି। ତାଙ୍କୁ ଆଉଟ ନ କରିବା ପର୍ଯ୍ୟନ୍ତ ଭାରତ ବିପକ୍ଷ ମ୍ୟାଚ ଜିତିବା ସହଜ ହେବ ନାହିଁ।
–ଜିମ୍ମି ନିଶାମ, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର



“ ସାତ ବର୍ଷ ମଧ୍ୟରେ ସୌରାଷ୍ଟ୍ର ତୃତୀୟ ଥର ରଣଜୀ ଟ୍ରଫି ଫାଇନାଲ ଖେଳିବାକୁ ଯାଉଛି। ଦୃଢ ଆତ୍ମବିଶ୍ୱାସ ଯୋଗୁ ଆମ ଦଳ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିପାରୁଛି।
–ଜୟଦେବ ଉନାଡ୍‌କଟ୍, ସୌରାଷ୍ଟ୍ର ଅଧିନାୟକ

## ସଂକ୍ଷେପରେ

### ସୁରିନଙ୍କ ୪ ଗୋଲ: ଓଡ଼ିଶାର ବୃହତ୍ ବିଜୟ

**କଟକ ଅଫିସ,୨।୨:** କେରଳର କୋଲାମଠାରେ ଚାଲିଥିବା ୯ମ ଜାତୀୟ ଜୁନିୟର ବାଳିକା ହକି ଚାମ୍ପିୟନଶିପ(ଡିଭିଜନ-ଏ)ର ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୯-୦ ଗୋଲର ବୃହତ୍ ବ୍ୟବଧାନରେ ବିହାରକୁ ପରାସ୍ତ କରିଛି। ଅବିନାଶା ସୁରିନ ଓଡ଼ିଶା ପକ୍ଷରୁ ୪ଟି ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ୩ଟି ଗୋଲ ହୋଇଥିଲା। ନେହା ଲାକ୍ରା, ମନୀଷା ମିଞ୍ଜ୍ ଓ ସରିତା କେର୍‌କେଟା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ ଓଡ଼ିଶା ୩ଟି ଗୋଲ ଦେଇ ମ୍ୟାଚ୍‌କୁ ୬-୦ରେ ଅଗ୍ରଣୀ କରିଥିଲା। ନେହା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ରଶ୍ମି କିଶନ, ଅବିନାଶା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩ୟ କ୍ୱାର୍ଟରରେ ଅବିନାଶା ୩ଟି ଗୋଲ ଦେବା ସହ ଦଳକୁ ବୃହତ ବିଜୟ ପ୍ରଦାନ କରିଥିଲେ। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ୯ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍‌ରେ ଶନିବାର ଓଡ଼ିଶା-କାନାରା ବ୍ୟାଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ରହିଛି।

### ଜାତୀୟ କାୟାକିଂ, କାନୋଇଂରେ ଓଡ଼ିଶା ଚାମ୍ପିୟନ

**କଟକ ଅଫିସ,୨।୨:** ଭୋପାଳରେ ଚାଲିଥିବା ଜାତୀୟ ଜୁନିୟର ଓ ସବ୍‌ଜୁନିୟର କାୟାକିଂ, କାନୋଇଂ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସବ୍‌ଜୁନିୟର ବାଳକ ଦଳ ଚାମ୍ପିୟନ ହୋଇଥିବା ବେଳେ ଜୁନିୟର ବାଳିକା ଦଳ ରନର୍ସଅପ୍ ହୋଇଛି। ସବ୍‌ଜୁନିୟର ବାଳକ ଦଳ ମୋଟ ୧୧ଟି ପଦକ ଜିତିଛି। ଏଥିରେ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି।

### ମିଲରଙ୍କ ପ୍ରଥମ ଫିଲ୍ଡର

**କେପ୍ ଟାଉନ,୨।୨:** ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ ମିଲର ଟି୨୦ ଫର୍ମାଟରେ ଏକ ବିରଳ ରେକର୍ଡ ଅଧିକାରୀ ହୋଇଛନ୍ତି। କ୍ରିକେଟ ଛୋଟିଆ ଫର୍ମାଟରେ ମିଲର ପ୍ରଥମ ଫିଲ୍ଡର ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି। ଏଠାରେ ଶୁକ୍ରବାର ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ୪ କ୍ୟାଚ୍ ନେବା ସହ ଦୁଇ ବ୍ୟାଟ୍ସମ୍ୟାନଙ୍କୁ ରନ୍‌ଆଉଟ୍ କରିଥିଲେ। ୧୯୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ପାକିସ୍ତାନ ଦଳର ବାବର ଆଜାମ (୩୮) ଓ ମହମ୍ମଦ ରିଜୱାନ (୨)ଙ୍କୁ ମିଲର ରନ୍ ଆଉଟ୍ କରିବା ପରେ ଆସିଫ ଅଲି (୧୩), ଇମାଦ ୱାସିମ (୪), ହାସନ ଅଲି (୧୧) ଓ ଅଧିନାୟକ ସୋଏବ ମଲିକ (୪୯)ଙ୍କ କ୍ୟାଚ୍ ଧରିଥିଲେ। ଦକ୍ଷିଣ ଆଫ୍ରିକୀୟ ଫିଲ୍ଡରଙ୍କ ଲାଗି ଏହା ଏକ ରେକର୍ଡ ମଧ୍ୟ। ଏଥିପୂର୍ବରୁ କୌଣସି ଫିଲ୍ଡର ୬ ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରି ନ ଥିଲେ। ତେବେ ଦକ୍ଷିଣ ଆଫ୍ରିକୀୟ ଫିଲ୍ଡର ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ଏହା ପ୍ରଥମ ଘଟଣା ନୁହେଁ। ୧୯୯୩ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ମ୍ୟାଚ୍‌ରେ ଜଣ୍ଟି ରୋଡ୍ସ ୫ କ୍ୟାଚ୍ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ହୋଇଥିଲେ।

# ବ୍ୟାଟିଂ ସୁଧାର ଲକ୍ଷ୍ୟରେ ଭାରତ

ୱେଲିଂଟନ,୨।୨(ପି.ଟି.)

ସ୍ଥାନୀୟ ୱେଷ୍ଟପ୍ୟାକ ଷ୍ଟାଡିୟମରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ପଞ୍ଚମ ତଥା ଅନ୍ତିମ ଦିନିକିଆ ଖେଳାଯିବ। ପ୍ରଥମ ୩ଟି ମ୍ୟାଚ୍ ଜିତି ଆଗୁଆ ସିରିଜ ହାତେଇ ନେଇଥିଲେ ମଧ ଭାରତ ଚତୁର୍ଥ ମ୍ୟାଚ୍ ନିହାତି ମାମୁଲି ବ୍ୟାଟିଂ ପ୍ରଦର୍ଶନ କରି ୯୨ ରନରେ ଅଲଆଉଟ ହେବା ସହ ପରାଜୟ ବରଣ କରିଥିଲା। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ଓ ମହେନ୍ଦ୍ର ସିଂ ଧୋନୀ ଆହତ ଥିବାରୁ ଏହି ମ୍ୟାଚ୍ ଖେଳିପାରି ନ ଥିଲେ। ଫଳରେ ଭାରତର ପ୍ରଦର୍ଶନ ପ୍ରଭାବିତ ହୋଇଥିଲା।

**ଆଜି ଅନ୍ତିମ ଦିନିକିଆ**

ତେବେ ଧୋନୀ ଇତିମଧ୍ୟରେ ଫିଟ୍ ହୋଇ ଦଳକୁ ଫେରିଛନ୍ତି। ଧୋନୀଙ୍କ ଅଭିଜ୍ଞତାକୁ ପାଥେୟ କରି ଭାରତ ବ୍ୟାଟିଂରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି। ୪-୧ରେ ସିରିଜ ଜିତିପାରିଲେ ଭାରତ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ।

ଗ୍ରାଉଣ୍ଡରେ ହାଲକା ପବନ ବହୁଥିବାରୁ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ପୁଣି ଥରେ ଘାତକ ସାବ୍ୟସ୍ତ ହୋଇପାରିନ୍ତି। ତେବେ ଧୋନୀଙ୍କ ଉପସ୍ଥିତିରେ ଭାରତୀୟ ମିଡଲ ଅର୍ଡରରେ ସୁଧାର ଆସିବା ମନେ ହୁଏ। କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ମିଡଲ ଅର୍ଡର ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଧୋନୀ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଓ ମ୍ୟାଚ୍ ପାଇଁ ଦଳରେ ସାମିଲ ହେବେ ବୋଲି ସହକାରୀ କୋଚ୍ ସଞ୍ଜୟ ବାଙ୍ଗର କହିଛନ୍ତି। ଚତୁର୍ଥ ମ୍ୟାଚ୍‌ର ବିଫଳତା ଭାରତ ଟିମ୍ ମ୍ୟାନେଜମେଣ୍ଟର ଆଖି ଖୋଲି ଦେଇଛି। ତେବେ ଗୋଟିଏ ମ୍ୟାଚ୍‌ର ବିଫଳତା ପାଇଁ କାହାକୁ ଦାୟୀ କରାଯାଇପାରିବ ନାହିଁ ବୋଲି ବାଙ୍ଗର ସ୍ପଷ୍ଟ କରିଛନ୍ତି। ଅବଶ୍ୟ କେତେକ ସ୍ଥଳେ ଭାରତୀୟ ମିଡିଲ ଅର୍ଡର ଭଲ ପ୍ରଦର୍ଶନ କରିଛି। ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ମିଡିଲ ଅର୍ଡର ତା'ର ଦାୟିତ୍ୱ ଠିକ୍ ରୂପେ ତୁଲାଇବ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍‌ରେ ମହମ୍ମଦ ସାମି ସାମିଲ ହେବା ଆଶା କରାଯାଉଛି। ଏପରି ହେଲେ ଭୁବନେଶ୍ୱର କୁମାରଙ୍କୁ ବିଶ୍ରାମ ଦିଆଯାଇପାରେ। ଏଥି ସହିତ ମହମ୍ମଦ ସାମି ଓ ଖଲିଲ ଅହମ୍ମଦ ପ୍ରଦର୍ଶନରେ ଉନ୍ନତି ଆଣିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି।

ଅପରପକ୍ଷରେ କ୍ରମାଗତ ୩ଟି ପରାଜୟ ପରେ ଚତୁର୍ଥ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଘରୋଇ ଦଳ ବେଶ୍ ଉତ୍ସାହିତ ହୋଇପଡିଛି। ପୁଣିଥରେ ଦମ୍ ଦେଖାଇ ନ୍ୟୁଜିଲାଣ୍ଡ ବାଜି ମାରିବା ଲକ୍ଷ୍ୟରେ ରହିଛି। ଗତ ମ୍ୟାଚ୍‌ରେ କଲିନ ମୁନରୋଙ୍କ ବଦଳରେ ଖେଳିଥିବା ହେନେରୀ ନିକୋଲ୍ସ ଅପରାଜିତ ୩୦ ରନ କରିଥିଲେ। ସେହିପରି ଅଭିଜ୍ଞ ରସ୍ ଟେଲର ଗତ ଦୁଇଟି ମ୍ୟାଚ୍‌ରେ ୯୩ ଓ ୩୭ ରନ କରି ଫର୍ମକୁ ଫେରିଛନ୍ତି। ତେବେ ଅଭ୍ୟାସ ଅବସରରେ ବ୍ୟାକ୍ ଇଞ୍ଜୁରୀର ଶିକାର ହୋଇଥିବା ଓପନର ମାର୍ଟିନ ଗୁପ୍ଟିଲ ନ ଖେଳିବା ସମ୍ଭାବନା ରହିଛି। ବୋଲିଂ ବିଭାଗରେ ବୋଲ୍ଟ ଓ କଲିନ୍ ଡି ଗ୍ରାଣ୍ଡହୋମ ପୁଣି କମାଲ କରିବା ଆଶା କରାଯାଉଛି।




**ଭାରତୀୟ ଦଳ**
ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଦୀନେଶ କାର୍ତ୍ତିକ, ବିଜୟ ଶଙ୍କର, ଶୁବମନ ଗିଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ଖଲିଲ ଅହମ୍ମଦ, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା।

**ନ୍ୟୁଜିଲାଣ୍ଡ ଦଳ**
କେନ୍ ୱିଲିୟମସନ (ଅଧିନାୟକ), ଟଡ ଆଷ୍ଟଲେ, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁଶନ, ମାର୍ଟିନ ଗୁପ୍ଟିଲ, ମ୍ୟାଟ ହେନେରୀ, ଟମ ଲଥାମ, କଲିନ୍ ମୁନରୋ, ଜିମ୍ମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଟିମ ସୌଦି ଓ ରସ୍ ଟେଲର।

**ସମୟ: ସକାଳ ୭.୩୦**
**ସ୍ଥାନ: ୱେଲିଂଟନ, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

# ମନ୍ଧାନା ନମ୍ବର ୱାନ୍



**ଦୁବାଇ,୨।୨:** ଭାରତୀୟ ମହିଳା କ୍ରିକେଟ୍ ଦଳର ଓପନର ସ୍ମୃତି ମନ୍ଧାନା ଶନିବାର କ୍ୟାରିୟରରେ ବଡ଼ ସଫଳତା ପାଇଛନ୍ତି। ସେ ଆଇସିସି ଦିନିକିଆ ବ୍ୟାଟ୍ସଓମ୍ୟାନ ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି। ନିକଟରେ ଶେଷ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ବଳରେ ସେ ଏହି ସଫଳତା ପାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶତକ ଓ ୨ୟ ମ୍ୟାଚ୍‌ରେ ୯୦ ରନ୍‌ର ଇନିଂସ୍ ଖେଳି ମନ୍ଧାନା ଅଷ୍ଟ୍ରେଲିଆର ଇଲିସେ ପେରି ଓ ମେଗ ଲାନିଙ୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ତାଙ୍କ ବ୍ୟତୀତ ଭାରତୀୟ ବ୍ୟାଟ୍ସଓମ୍ୟାନଙ୍କ ମଧ୍ୟରେ ଯୁବା ଜେମିମା ରୋଡ୍ରିଗୁଏଜଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ଘଟିଛି। ୩ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକ ମାରିଥିବା ରୋଡ୍ରିଗୁଏଜ ୬୪ ସ୍ଥାନ ଉପରକୁ ଉଠି ୬୧ତମ ସ୍ଥାନ ଅଧିକାର କରିଛନ୍ତି। ଗତବର୍ଷ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ୧୮ ବର୍ଷୀୟା ରୋଡ୍ରିଗୁଏଜ ଏପର୍ଯ୍ୟନ୍ତ ମାତ୍ର ୭ ମ୍ୟାଚ୍ ଖେଳିଛନ୍ତି। ବୋଲିଂ ବିଭାଗରେ ମଧ ଭାରତୀୟଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ପୁନମ ଯାଦବ ଓ ଦୀପ୍ତି ଶର୍ମା ୫ ଲେଖାଏ ସୋପାନ ଉପରକୁ ଉଠି ଏବେ ଯଥାକ୍ରମେ ୮ ଓ ୯ମ ସ୍ଥାନରେ ରହିଛନ୍ତି। ଏହାସତ୍ତ୍ୱେ ଦିନିକିଆ ମହିଳା କ୍ରିକେଟରେ ସର୍ବାଧିକ ଉଇକେଟ ନେଇଥିବା ଝୁଲଣ ଗୋସ୍ୱାମୀ ଭାରତୀୟଙ୍କ ମଧ୍ୟରେ ଶୀର୍ଷ ର୍‍ୟାଙ୍କ୍‌ଙ୍ଗ ବୋଲର ହୋଇ ରହିଛନ୍ତି। ସେ ପୂର୍ବ ଅପେକ୍ଷା ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥ ର୍‍ୟାଙ୍କ୍ ହାସଲ କରିଛନ୍ତି। ଅନ୍ୟତମ ଭାରତୀୟ ବୋଲର ଏକତା ବିଷ୍ଟ ୧୩ ତମ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ପାକିସ୍ତାନର ସାନା ମିର୍, ମେଗାନ ସ୍କଟ୍ (ଅଷ୍ଟ୍ରେଲିଆ) ଓ ମାରିଜାନେ କାପ୍(ଦକ୍ଷିଣ ଆଫ୍ରିକା) ଟପ୍ ୩ରେ ରହିଛନ୍ତି। ତେବେ କ୍ରିକେଟ ଇତିହାସରେ ପ୍ରଥମ ଥର ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ଦିନିକିଆ ଫର୍ମାଟ୍‌ର ବ୍ୟାଟିଂ ମାନ୍ୟତାରେ ଦୁଇ ଭାରତୀୟ ଶୀର୍ଷରେ ରହିଛନ୍ତି। ପୁରୁଷ ବିଭାଗରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନରେ ରହିଛନ୍ତି।

# ବଲ୍ ବାଜି କରୁଣାରତ୍ନେ ଆହତ



ବଲ୍ ବାଜି ଆହତ ହୋଇଥିବା ଶ୍ରୀଲଙ୍କା କ୍ରିକେଟର ଦିମୁଥ କରୁଣାରତ୍ନେ।

କାନାବେରା,୨।୨

ସ୍ଥାନୀୟ ମାନୁକା ଓଭାଲଠାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ଅଘଟଣ ଘଟିଛି। ଭ୍ରମଣକାରୀ ଦଳର ଓପନର ଦିମୁଥ କରୁଣାରତ୍ନେଙ୍କ ବେକରେ ବଲ ବାଜିଛି। ବାମହାତୀ ବ୍ୟାଟ୍ସମ୍ୟାନ ୪୬ରନ କରି ଖେଳୁଥିବାବେଳେ ପାଟ କୁମିନ୍ସଙ୍କ ବାଉନ୍ସର ତାଙ୍କୁ ଆଘାତ ଦେଇଥିଲା। ଏହାପରେ ସେ ପିଚ୍‌ରେ ସଞ୍ଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଉଭୟ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଦଳର ଫିଜିଓ ତୁରନ୍ତ ପଡ଼ିଆକୁ ଆସିଥିଲେ। କରୁଣାରତ୍ନେଙ୍କ ଗ୍ଲୋଭ୍ସ, ହେଲ୍‌ମେଟ ଓ ପ୍ୟାଡ୍ ଶ୍ରୀଲଙ୍କା ଦଳର ଅତିରିକ୍ତ ଖେଳାଳି ରୋଶେନ ସିଲଭା ଖୋଲିଥିଲେ। ପଡ଼ିଆରେ ୧୫ ମିନିଟ୍ ପର୍ଯ୍ୟନ୍ତ ଉପଚାର କରାଯିବା ପରେ କରୁଣାରତ୍ନେଙ୍କୁ ଷ୍ଟ୍ରେଚର ଓ ମେଡିକ୍ୟାବ ଯୋଗେ ମେଡିକଲ ନିଆଯାଇଥିଲା। ସେଠାରେ ତାଙ୍କର ଚେତା ଫେରି ଆସିଥିବା ଜଣେ ଗ୍ରାଉଣ୍ଡ ଷ୍ଟାଫ୍ କହିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଅଧିକ ସୂଚନା ଦିଆଯିବ।

# ବିଦର୍ଭ-ସୌରାଷ୍ଟ୍ର ଫାଇନାଲ ଆଜିଠାରୁ

**ନାଗପୁର, ୨।୨ (ପି.ଟି.):** ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମଠାରେ ରବିବାରଠାରୁ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ଓ ସୌରାଷ୍ଟ୍ର ମଧ୍ୟରେ ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଆରମ୍ଭ ହେବ। ଫୈଜ ଫଜଲଙ୍କ ନେତୃତ୍ୱାଧୀନ ବିଦର୍ଭ ଦଳ ଏହି ମ୍ୟାଚ୍ ଜିତି ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ଟାଇଟଲକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଚେତେଶ୍ୱର ପୂଜାରାଙ୍କ ପରି ଷ୍ଟାର୍ ଖେଳାଳିଙ୍କୁ ନେଇ ଗଠିତ ସୌରାଷ୍ଟ୍ର ମଧ୍ୟ ଏହି ମ୍ୟାଚ୍ ଜିତି ପ୍ରଥମଥର ଲାଗି ଚାମ୍ପିୟନ ମୁକୁଟ ପିନ୍ଧିବାକୁ ଲକ୍ଷ୍ୟ ରଖିଛି। ସିଜନରେ ଅପରାଜେୟ ରହିଥିବା ସୌରାଷ୍ଟ୍ର ୭ ବର୍ଷ ମଧ୍ୟରେ ୩ୟଥର ପାଇଁ ରଣଜୀ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟତଃ ଘରୋଇ ବିଦର୍ଭର ଦ୍ରୁତ ବୋଲର ଉମେଶ ଯାଦବ ଓ ପୂଜାରାଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ସେହିଭଳି ପୂରା ସିଜନରେ ଚମତ୍କାର ଫର୍ମରେ ଥିବା ଭେଟେରାନ ୱାସିମ ଜାଫରଙ୍କ ଉପରେ ମଧ ସମସ୍ତଙ୍କ ନଜର ରହିବ। ୪୦ ବର୍ଷୀୟ ଜାଫର ବର୍ତ୍ତମାନ ସୁଦ୍ଧା ୨୦୧୮-୧୯ ରଣଜୀ ଟ୍ରଫି ସିଜନରେ ୧୦୦୩ ରନ୍ (୪ଟି ଶତକ ଓ ଗୋଟିଏ ଦ୍ୱିଶତକ ସାମିଲ)ସଂଗ୍ରହ କରି ସର୍ବାଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୨ୟ ସ୍ଥାନରେ ରହିଛନ୍ତି।

# ଭାରତକୁ ହରାଇ ୱାର୍ଲ୍ଡ ଫାଇନାଲ୍ସରେ ଇଟାଲୀ

କୋଲକାତା,୨।୨(ପି.ଟି.)

**ଡେଭିସ୍ କପ୍**

ସ୍ଥାନୀୟ କୋଲକାତା ସାଉଥ୍ କ୍ଲବ୍ ଗ୍ରାସ୍ କୋର୍ଟର ଅନୁଷ୍ଠିତ ଡେଭିସ୍ କପ୍ କ୍ୱାଲିଫାୟର୍ସରେ ଘରୋଇ ଭାରତକୁ ୩-୧ରେ ପରାସ୍ତ କରି ଇଟାଲୀ ୱାର୍ଲ୍ଡ ଫାଇନାଲ୍ସରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ଦିନରେ ଭାରତ ଦୁଇଟି ଯାକ ସିଙ୍ଗଲ୍ସ ରବରରେ ପରାସ୍ତ ହୋଇ ୨-୦ରେ ପଛୁଆ ଥିଲା। ତେବେ ଶନିବାର ଭାରତୀୟ ଡବଲ୍ସ ଯୋଡି ରୋହନ ବୋପାନ୍ନା ଓ ଡିଭିଜ ଶରଣ ୪-୬, ୬-୩, ୬-୪ ସେଟରେ ଇଟାଲୀ ଯୋଡି ସାଇମନ ବୋଲେଲି ଓ ମଟେଓ ବେରେଟିନଙ୍କୁ ହରାଇ ଭାରତର ଆଶା ଉଜ୍ଜୀବିତ ରଖିଥିଲେ। ବିଜୟୀ ହେବା ପାଇଁ ଭାରତୀୟ ଯୋଡିଙ୍କୁ ୧ ଘଣ୍ଟା ୪୩ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏହାପରେ ବିଶ୍ୱର ୩୭ ନମ୍ବର ଖେଳାଳି ଆଣ୍ଡ୍ରଆସ ସିପ୍ପି ରିଭର୍ସ ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତର ପ୍ରଜନେଶ ଗୁଣେଶ୍ୱରନଙ୍କୁ ୬-୧, ୬-୪ ସେଟ୍‌ରେ ପରାସ୍ତ କରି ଇଟାଲୀକୁ ବିଜୟୀ କରାଇବା ସହ ୱାର୍ଲ୍ଡ ଗ୍ରୁପ୍‌ରେ ପହଞ୍ଚାଇଥିଲେ। ଫଳରେ ଭାରତର ବିଶ୍ୱଗ୍ରୁପ୍‌ରେ ସ୍ଥାନ ହାସଲ ଆଶା ଧୂଳିସାତ୍ ହୋଇଥିଲା।

ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୯ତମ ସ୍ଥାନରେ ଥିବା ଭାରତ ଏବେ ଚଳିତ ବର୍ଷ ଶେଷ ଆଡକୁ ଜୋନ୍ ଗ୍ରୁପ୍‌ରେ ଖେଳିବ। ଭାରତର ପରାଜୟର ନନ୍-ପ୍ଲେଇଂ କ୍ୟାପ୍‌ଟେନ ମହେଶ ଭୂପତି ନୈରାଶ୍ୟ ଜାହିର କରିଛନ୍ତି। ପ୍ରଥମ ଦିନରେ ଦୁଇଟି ସିଙ୍ଗଲ୍ସ ମ୍ୟାଚ୍‌ରେ ଖେଳାଳିମାନେ ପରାସ୍ତ ହେବା ଦ୍ୱାରା ଆମେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲୁ ବୋଲି ସେ କହିଛନ୍ତି। ଇଟାଲୀର ୩ ଖେଳାଳି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୬୦ରେ ରହିଥିବା ବେଳେ ଭାରତର କୌଣସି ଖେଳାଳି ଶ୍ରେଷ୍ଠ ୧୦୦ରେ ରହି ପାରିନାହାନ୍ତି ବୋଲି ସେ ପରାଜୟ ପରେ କହିଛନ୍ତି। ଏଥି ସହିତ ଇଟାଲୀ ଭାରତ ବିପକ୍ଷରେ ତା'ର ରେକର୍ଡକୁ ୫-୧କୁ ଉନ୍ନତି କରିଛି। ଉଲ୍ଲେଖଥାଉ କି, ଶୁକ୍ରବାର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍‌ରେ ଅଭିଜ୍ଞ ଆଣ୍ଡ୍ରଆସ୍ ସିପ୍ପି ୬-୪, ୬-୨ ସେଟରେ ରାମକୁମାର ରାମନାଥନଙ୍କୁ ଓ ଦ୍ୱିତୀୟ ସିଙ୍ଗଲ୍ସ ମୁକାବିଲାରେ ଡେବ୍ୟୁ କରିଥିବା ୨୨ ବର୍ଷୀୟ ମାଟେଓ ବେରେଟିନି ଭାରତର ୧ ନମ୍ବର ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ।

# ଭାରତ-ଅଷ୍ଟ୍ରେଲିଆ ଟି୨୦ ସିରିଜ୍ ଭେନ୍ୟୁରେ ପରିବର୍ତ୍ତନ

**ମୁମ୍ବାଇ,୨।୨:** ଚଳିତ ମାସର ଶେଷଭାଗରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ଭେନ୍ୟୁରେ ପରିବର୍ତ୍ତନ ହୋଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୪ ତାରିଖରେ ବାଙ୍ଗାଲୋରସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାର ଥିଲା। ମାତ୍ର ଏହି ମ୍ୟାଚ୍ ଏବେ ବିଶାଖାପାଟଣାରେ ଖେଳାଯିବ। ତେବେ ସୁରକ୍ଷା ବ୍ୟବସ୍ଥା କାରଣରୁ ଉକ୍ତ ମ୍ୟାଚ୍ ସ୍ଥାନାନ୍ତର ହେଉଥିବା ଜଣାପଡ଼ିଛି। କାରଣ ଧାର୍ଯ୍ୟ ତାରିଖରେ ଏରୋ ଇଣ୍ଡିଆ ଶୋ' ଆୟୋଜନ ହେବାର ଅଛି। ଏରୋ ଇଣ୍ଡିଆ ଏକ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଣୁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ଓ ଆନ୍ଧ୍ର କ୍ରିକେଟ ଆସୋସିଏଶନ ମିଳିତ ଭାବେ ଦୁଇ ମ୍ୟାଚ୍‌ର ଭେନ୍ୟୁରେ ଅଦଳ ବଦଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଟି୨୦ ବାଙ୍ଗାଲୋର ପରିବର୍ତ୍ତେ ବିଶାଖାପାଟଣାଠାରେ ହେବ। ସେହିଭଳି ୨ୟ ମ୍ୟାଚ୍ ବିଶାଖାପାଟଣା ପରିବର୍ତ୍ତେ ବାଙ୍ଗାଲୋରରେ ଅନୁଷ୍ଠିତ ହେବ।

# ସେମିରେ ଓଡ଼ିଶା ମହିଳା, ପୁରୁଷ ଟିମ୍

ଛତ୍ରପୁର,୨।୨ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଷ୍ଟାଡିୟମରେ ଚାଲିଥିବା ୨୨ତମ ସିନିୟର ପୂର୍ବାଞ୍ଚଳ ଜୋନ୍ ଖୋଖୋ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ମହିଳା ବର୍ଗରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଓଡିଶା ଓ ଝାଡ଼ଖଣ୍ଡ ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆସାମ ଓ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ବର୍ଗରେ ପ୍ରଥମ ସେମିଫାଇନାଲ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଏବଂ ଦ୍ୱିତୀୟ ସେମିଫାଇନାଲ ମଣିପୁର ଓ ଓଡିଶା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

ଶନିବାର ପୁରୁଷ ବର୍ଗରେ ଓଡିଶା ୧୫-୧୩ ପଏଣ୍ଟରେ ଝାଡ଼ଖଣ୍ଡକୁ ହରାଇଥିବାବେଳେ ନାଗାଲାଣ୍ଡକୁ ୧୭-୨ରେ, ବିହାର ୨୦-୨ରେ ଓ ମଧ୍ୟପ୍ରଦେଶକୁ ୨୦-୫ ପଏଣ୍ଟରେ ହରାଇ ଦେଇଛି। ସେହିପରି ମହିଳା ବର୍ଗରେ ଓଡିଶା ଟିମ୍ ୧୮-୬ ପଏଣ୍ଟରେ ଆସାମକୁ ପରାସ୍ତ କରିଥିବାବେଳେ ୨୦-୨ ରେ ବିହାର ଏବଂ ୧୦-୪ ପଏଣ୍ଟରେ ମଣିପୁରକୁ ହରାଇ ଦେଇଛି। ଅନ୍ୟପକ୍ଷରେ ପୁରୁଷ ବର୍ଗରେ ମଣିପୁର ଟିମ୍ ୧୪-୧୧ ପଏଣ୍ଟରେ ଆସାମ୍, ମଧ୍ୟପ୍ରଦେଶ ୧୪-୧୨ ପଏଣ୍ଟରେ ବିହାରକୁ ଓ ୧୯-୬ ରେ ନାଗାଲାଣ୍ଡକୁ, ପଶ୍ଚିମବଙ୍ଗ ୨୬-୪ ପଏଣ୍ଟରେ ତ୍ରିପୁରା, ୧୯-୩ ପଏଣ୍ଟରେ ଆସାମ ଓ ୨୦-୬ ପଏଣ୍ଟରେ ମଣିପୁରକୁ, ଝାଡ଼ଖଣ୍ଡ ୧୯-୬ ପଏଣ୍ଟରେ ବିହାର, ଆସାମ ୨୦-୧୭ ପଏଣ୍ଟରେ ତ୍ରିପୁରା, ଝାଡ଼ଖଣ୍ଡ ୧୮-୯ ପଏଣ୍ଟରେ ନାଗାଲାଣ୍ଡ ଓ ୨୪-୨୩ ପଏଣ୍ଟରେ ମଧ୍ୟପ୍ରଦେଶ, ବିହାର ୧୭-୪ ପଏଣ୍ଟରେ ନାଗାଲାଣ୍ଡକୁ ହରାଇ ଦେଇଥିଲା।

ସେହିପରି ମହିଳା ବର୍ଗରେ ମଧ୍ୟପ୍ରଦେଶ ଟିମ୍ ୨୦-୧ ପଏଣ୍ଟରେ ସିକିମକୁ, ମଣିପୁର ୫-୪ ପଏଣ୍ଟରେ ବିହାରକୁ, ପଶ୍ଚିମବଙ୍ଗ ୧୫-୪ ପଏଣ୍ଟରେ ଝାଡ଼ଖଣ୍ଡ ଓ ୧୩-୪ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଝାଡ଼ଖଣ୍ଡ ୧୩-୦ପଏଣ୍ଟରେ ସିକିମକୁ, ଆସାମ ୯-୭ ପଏଣ୍ଟରେ ମଣିପୁର ଓ ୧୪-୬ ପଏଣ୍ଟରେ ବିହାରକୁ ହରାଇ ବିଜୟୀ ହୋଇଛନ୍ତି। ରବିବାର ଚାମ୍ପିୟନଶିପର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟିର ଶ୍ରୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି।



ଓଡ଼ିଶା ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେରସା-ଖୋର୍ଦ୍ଧା ରେଲ୍‌ୱେ ଫାଇନାଲ ଆଜି

ସୋନପୁର,୨।୨(ନି.ପ୍ର.)

ସୋନପୁର ଗାନ୍ଧୀ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟରେ ରାଞ୍ଚିର ସେରସା ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଦଳ ନାଗପୁରର କରିମ ସ୍ପୋର୍ଟ୍ସ ଦଳକୁ ହରାଇ ଦେଇଛି। ପ୍ରଥମେ ଅନୁଷ୍ଠିତ ଟି୨୦ ମ୍ୟାଚରେ ନାଗପୁର ଦଳ ଟସ୍

**ଲାଲମନି କ୍ରିକେଟ୍**

ଜିତି ସେରସାକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସେରସା ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନିର୍ବାଣ ଚାଟାର୍ଜୀ ୩୦, ଜିତେନ୍ଦ୍ର କୁମାର ୩୦ ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ସାଗର ଝଡିଆ ସର୍ବାଧିକ ୪, ମହମ୍ମଦ କରିମ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କରିମ ସ୍ପୋର୍ଟ୍ସ ୧୧୭ ରନର ବିଜୟ ଲକ୍ଷ୍ୟକୁ ୧୬.୪ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ମହମ୍ମଦ କରିମ ଅପରାଜିତ ୨୯ ରନ, ରବିନ ସିଂ ୨୪ ରନ କରିଥିଲେ।

ପରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି୧୦ ମ୍ୟାଚ୍‌ରେ ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଅନିର୍ବାଣ ଚାଟାର୍ଜୀଙ୍କ ଅପରାଜିତ ୨୯ ରନ, ଉଜ୍ଜ୍ୱଳ ପାଲ ୨୯, ୱାଲଟର ଟପ୍ପୋ ୨୭, ରନ କରିଥିଲେ। ଜବାବରେ ନାଗପୁର ଦଳ ୧୦୩ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚରେ ବିଜୟ ଲାଭ କରିଥିବାରୁ ଟୁର୍ନାମେଣ୍ଟ ଫର୍ମାଟ ନିୟମ ଅନୁଯାୟୀ ବିଜେତା ନିର୍ଣ୍ଣୟ ପାଇଁ ସୁପର ୨ ଓଭର ଖେଳାଯାଇଥିଲା। ସୁପର ୨ ଓଭର ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୨ରନ କରିଥିଲେ। ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା ସେର୍‌ସା। କରିମ ସ୍ପୋର୍ଟ୍ସ ର ରବିନ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ଯୋଗେଶ୍ୱର ହୋତା ଓ ରୂପେଶ ଅଗ୍ରୱାଲ। ମ୍ୟାଚ୍ ପରିଚାଳନା କରିଥିଲେ ପୃଥ୍ୱୀରାଜ ମିଶ୍ର ଓ ଅମୀୟ ଭୂଷଣ ସାହୁ। ସ୍କୋରର ଥିଲେ ରାଜେଶ ଅଗ୍ରୱାଲ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ସନ୍ତୋଷ ନାୟାର, ବି .ଏସ୍. ରାଓ ଓ ଅଚ୍ୟୁତ ମିଶ୍ର। ରବିବାର ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ରେଲୱେ ଓ ସେରସା ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହେବ।



ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DSPL-382

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀ

# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କେନ୍ଦୁଝର ଜିଲ୍ଲା

ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

## ୩ ଫେବୃଆରୀ ୨୦୧୯ ରବିବାର

## ଉଦ୍‌ଘାଟନ

**୬୬ କୋଟି ଟଙ୍କାର ୧୭ଟି ପ୍ରକଳ୍ପ**

- ପୋଲିସ ବିଭାଗର ନୂତନ ଆବାସିକ ଗୃହ, କେନ୍ଦୁଝର
- ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର, ବୋଦାପଲଶା
- ୫୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର, ବୋଦାପଲଶା
- ନୂତନ ଗୃହ ଧରଣୀଧର ମହାବିଦ୍ୟାଳୟ, ବ୍ରାହ୍ମଣୀ ଗାଁ
- ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ଧରଣୀଧର ମହାବିଦ୍ୟାଳୟ, ବ୍ରାହ୍ମଣୀ ଗାଁ
- ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଧରଣୀଧର ମହାବିଦ୍ୟାଳୟ, ବ୍ରାହ୍ମଣୀ ଗାଁ
- ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବଳଭଦ୍ରପୁର
- ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ରଘୁନାଥପୁର
- ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ପଞ୍ଚରା ଓ ପଣ୍ଡୁଆ
- ୧୯.୪ କି.ମି. ସଡ଼କ ଅଧୁନିକୀକରଣ - ହାଟଡିହି, ମରୈଗାଁ, ବସନ୍ତିଆ, ପଲାଡୋ, ଇଞ୍ଚଲୋ, ଜମ୍ବୀରା, ବାଲିପୁର, ନନ୍ଦିପଦା ମରୈଗାଁ ଠାରୁ ବଳିପୁର ପର୍ଯ୍ୟନ୍ତ
- ବୈତରଣୀ ବନ୍ୟା ନିୟନ୍ତ୍ରଣ ନଦୀ ବନ୍ଧ ପ୍ରକଳ୍ପ - ଫକୀରପୁର, ମୁଗୁପୁର, ସୂର୍ଯ୍ୟ ନାରାୟଣପୁର, ପଞ୍ଚୁଗୋଛିଆ, ବାଞ୍ଚୋ, ତରଭା ଆନନ୍ଦପୁର ଠାରୁ ତରଭା ବାଲେଶ୍ୱର ପର୍ଯ୍ୟନ୍ତ
- ବୈତରଣୀ ନଦୀବନ୍ଧର ସୁରକ୍ଷା କରଣ ପ୍ରକଳ୍ପ - ବରିଲୋ, ପଞ୍ଚୁପଲ୍ଲୀ, ଖପରାଖାଇ, ଜଅଁରା, ଟୁକୁଣା, ନୂଆଗଡ଼ ଓ ଜଳସୁଆଁ ଠାରେ ଅପରାକ୍ଷୀ ଠାରୁ ପଞ୍ଚୁପାଲ୍ଲୀ ପର୍ଯ୍ୟନ୍ତ
- ପାନୀୟ ଜଳଯୋଗାଣ ପ୍ରକଳ୍ପ, ଆନନ୍ଦପୁର ପୌରାଞ୍ଚଳ
- ପାନୀୟ ଜଳଯୋଗାଣ ପ୍ରକଳ୍ପ, ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ
- ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଖେଣ୍ଡରା
- ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଚମ୍ପୁଆ
- ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଓରିଆ

## ଭିତ୍ତିପ୍ରସ୍ତର ସ୍ଥାପନ

**୨୧୦୦ କୋଟି ଟଙ୍କାର ୪୭ଟି ପ୍ରକଳ୍ପ**

- ନୂତନ ପ୍ଲାନେଟୋରିଅମ୍ ଏବଂ ସାଇନ୍ସ ପାର୍କ ନିର୍ମାଣ, ଘଟଗାଁ
- ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ, ପୁରୁଣାଘାଟି
- ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ, ବରିପାଳ
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, ହନୁମନ୍ତିଆ
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, କଣ୍ଡରା
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, ସାନମାଛକାନ୍ଦଣା
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, ଅରଡେର
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, ଯମୁନାପଶି
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଧୁନିକୀକରଣ, ବଳିତା
- ୧କି.ମି ଦୀର୍ଘ ଉଚ୍ଚତମ ସେତୁ, ସାଳନ୍ଦୀ ନଦୀ - ହଦଗଡ ଶିବମନ୍ଦିର ଠାରୁ କୁଶାଟିକିରି
- ୭ କି.ମି. ଦୀର୍ଘ ବିଶିଷ୍ଟ ଗ୍ରାମ୍ୟ ସଡକ ଉନ୍ନତିକରଣ - ବୁଢ଼ାଖମଣ ଠାରୁ ପଣସିଆ
- ଜାତୀୟ ରାଜପଥ ପାର୍ଶ୍ୱ ସୁବିଧା ସେବା କେନ୍ଦ୍ର, ବଡପଦନା
- ଜାତୀୟ ରାଜପଥ ପାର୍ଶ୍ୱ ସୁବିଧା ସେବା କେନ୍ଦ୍ର, ବାଲିଯୋଡ଼ି
- ବହୁତଳ ଆଞ୍ଚଳିକ ପ୍ରଶିକ୍ଷଣ ବିଦ୍ୟାଳୟ, ଫକୀରପୁର
- କେନାଲ ଉପରେ ଉଚ୍ଚ ସେତୁ-ଖିରେଇଟାଙ୍ଗିର-ଭୃଙ୍ଗରାଜପଶି ରୋଡ
- କାଂଝରୀ ନଦୀ ସେତୁ ନିର୍ମାଣ, ସାତକୁଟୁଣିଆ-ପାଟଣାରୋଡ଼୍ ସ୍ଥିତ ବାଂଶୁଳୀ-ପାଟଣା
- ବଧିରା ନାଳ ସେତୁ ନିର୍ମାଣ, ହରିଚନ୍ଦନପୁର-ଦୈତାରୀ ରୋଡ୍
- ଜହ୍ନେଇ ନାଳ ସେତୁ ନିର୍ମାଣ, ସାତକୁଟୁଣିଆ-ପାଟଣାରୋଡ୍
- ରାସ୍ତାର ପ୍ରଶସ୍ତିକରଣ, ହାଟଡିହି-ସମଣା ଭାୟା ଜମ୍ବିରା ହାବଳେଶ୍ୱର
- ରାସ୍ତା ପ୍ରଶସ୍ତିକରଣ, ଓରାଳି-ଶାଳଣିଆ
- ରାସ୍ତା ଉନ୍ନତିକରଣ, ଗୋଳାବନ୍ଧ-ଜଗମୋହନପୁର
- ରାସ୍ତା ଉନ୍ନତିକରଣ, ନୁଜୁରୁପଡ଼ା-କାଳିଆହତା
- ଛେନାପଦି-ହଦଗଡ ବୈତରଣୀ ନଦୀର ବାମପଟ କେନାଲ ରାସ୍ତାରେ ୧୭.୩୭୦ କି.ମି. ଠାରୁ ୧୮.୧୦୦ କି.ମି. ରାସ୍ତା ଓ ସେତୁ ନିର୍ମାଣ
- କାଲିଞ୍ଜର ନଦୀ ସେତୁ ନିର୍ମାଣ, ବକ୍ସିବାରି ଗାଁ – ବାୟାପଣ୍ଡାଦର ରୋଡ
- ବୋଇଙ୍ଗା ନାଳ ସେତୁନିର୍ମାଣ, କୁଶକଳା-ସିଂହପୁର-ବଣାଇ ସୀମା
- ମଡପଡ଼ା ନାଳ ସେତୁ ନିର୍ମାଣ, କୁଶକଳା-ସିଂହପୁର-ବଣାଇ ସୀମା
- ପଞ୍ଚୁକୁଡ଼ି ନାଳ ସେତୁ ନିର୍ମାଣ, କୁଶକଳା-ସିଂହପୁର-ବଣାଇ ସୀମା
- ଧୋବାକାଟିଣି ନାଳ ସେତୁ ନିର୍ମାଣ, କୁଶକଳା-ସିଂହପୁର-ବଣାଇ ସୀମା
- ନଗିତାଇ ନାଳ ସେତୁ ନିର୍ମାଣ, କୁଶକଳା-ସିଂହପୁର-ବଣାଇ ସୀମା
- ନେଉଳିଯୋଡ଼ି ନାଳ ସେତୁ ନିର୍ମାଣ, ଉଖୁଣ୍ଡା-ସିଳିତିଆ ରାସ୍ତା
- ମେରମେଡ଼ା ନାଳ ସେତୁ ନିର୍ମାଣ, କାଞ୍ଜିଆଶୁଳା-ତୁରୁମୁଙ୍ଗା ରାସ୍ତା
- ନେଉଳଯୋଡି ନାଳ ସେତୁ ନିର୍ମାଣ, କାଞ୍ଜିଆଶୁଳା-ତୁରୁମୁଙ୍ଗା ରାସ୍ତା
- ନାଞ୍ଜିପଡ଼ା ନାଳ ସେତୁ ନିର୍ମାଣ, କୁଅଁର-ବାଂଶପାଳ ରାସ୍ତା
- ମଣଦା ଠାରେ ଅରଡେଇ ନଦୀ ଉପରେ ଅର୍ଶଳା ଚଉଠିଆ ରାସ୍ତା ସହିତ ୨୦ ନଂ ଜାତୀୟ ରାଜପଥ ସଂଯୋଗୀକରଣ ସେତୁ ନିର୍ମାଣ
- ୫୦ ଶଯ୍ୟା ବିଶିଷ୍ଟ ରୋଗୀ ପ୍ରତୀକ୍ଷା ସ୍ଥଳ, ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
- ୩୦ ଶଯ୍ୟା ବିଶିଷ୍ଟ ମାତୃ-ଶିଶୁ ଚିକିତ୍ସାଳୟ, ଚମ୍ପୁଆ
- ଦୁବୁନା ଛକ ଠାରୁ ପିଢ଼ ପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ
- ବୈତରଣୀ ନଦୀ ଉପରେ ଉଚ୍ଚବାଲି-ଗୁରୁଣାପାଣି ରାସ୍ତାରେ ସେତୁ ନିର୍ମାଣ
- ସଙ୍କେଇ-ଶଙ୍କରପୁର ରାସ୍ତା ନିର୍ମାଣ
- ବିଜୁ ସେତୁ ଯୋଜନା ଅନ୍ତର୍ଗତ ପଣ୍ଡାପଡ଼ା - ଆଙ୍କଲପଡ଼ା ରାସ୍ତା ବୁଢୀନାଳ ସେତୁ ନିର୍ମାଣ

39001/13/0015/1819

॥ ଆରମ୍ଭ ହେଲା ୧୦୫୦ କୋଟି ଟଙ୍କାର ନୂଆ ପାନୀୟ ଜଳ ପ୍ରକଳ୍ପ ॥
ଏଣିକି କେନ୍ଦୁଝର ଜିଲ୍ଲାର ଘରେ ଘରେ
ମିଳିବ ଭଲ ପିଇବା ପାଣି ॥

## ସଂକ୍ଷେପରେ



### ବାଇକ ଚୋରକୁ ଧରି ପୋଲିସ ଜିମାଦେଲେ

**ରାଇସୁଆଁ,୨।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ଲକ୍ଷ୍ମୀପୂଜା ସମୟରେ ଚାଲିଥିବା ମୀନାବଜାରରୁ ୨୦୧୮ ମସିହା ଅକ୍ଟୋବର ୨୬ ତାରିଖରେ ମାନସ ଚାନ୍ଦ ସଞ୍ଜୟ ଚାନ୍ଦଙ୍କ ବାଇକ ନେଇ ମିନାବଜାର ବୁଲିବାକୁ ଯାଇଥିଲେ। ବୁଲାବୁଲି ସାରି ଆସିବା ସମୟରେ ଦେଖିଲେ ତାଙ୍କ ବାଇକଟି ଚୋରି ହୋଇଯାଇଛି। ବହୁ ଖୋଜାଖୋଜି କରିବା ପରେ ବାଇକଟିକୁ ନପାଇବାରୁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର କେନ୍ଦୁଝରର ଘୁଟୁରକୁ କୌଣସି କାମରେ ମାନସ ଯାଇଥିବା ସମୟରେ ତାଙ୍କ ବାଇକ ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକେ ଏକାଠି ହୋଇ ଚୋରି ବାଇକ ସହ ଅଭିଯୁକ୍ତ ଚିନୁ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ଧରି ପୋଲିସକୁ ଜିମା ଦେଇଥିବା ଜଣାପଡିଛି।

### ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ

**ପାଟଣା, ୨।୨(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ୪୯ ନମ୍ବର ମୁମ୍ବାଇ କୋଲକତା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖିରେଇଟାଙ୍ଗିରି ସ୍ଥିତ ବ୍ୟାଙ୍କଅଫ ଇଣ୍ଡିଆ ଏଟିଏମରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ ଲୁଟ ଉଦ୍ୟମ କରିଛନ୍ତି। ଶନିବାର ସକାଳୁ କିଛି ଲୋକ ଏଟିଏମକୁ ଟଙ୍କା ଉଠାଇବାକୁ ଆସିଥିବା ବେଳେ ମେଶିନ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଓ ଏଏସଆଇ ଗୁରୁପ୍ରସାଦ ଦେଓ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୁର୍ବୃତ୍ତ ମାନେ ଏଟିଏମ ଭଙ୍ଗିବାକୁ ଉଦ୍ୟମ କରିଥିବା ବେଳେ ଟଙ୍କା ନେବାରେ ବିଫଳ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ତେବେ ଦୁର୍ବୃତ୍ତ ମାନେ ଚତୁରତାର ସହ ସିସିଟିଭି କ୍ୟାମେରା ଭାଙ୍ଗିଦେଇଥିବାରୁ ସେମାନଙ୍କର ପରିଚୟ ଜଣାପଡ଼ିନାହିଁ। ଏଟିଏମ ତତ୍ତ୍ୱାବଧାରକ ଜଗନ୍ନଥ କମାରଙ୍କ ଅଭିଯୋଗକୁ ଭିତ୍ତି କରି ତୁରୁମୁଙ୍ଗା ଥାନାରେ ଏଏସଆଇ ବିପିନ ବାରିକ ଏକ ମାମଲା (ନଂ.୬/୧୯) ରୁଜୁକରି ତଦନ୍ତ ଜାରି ରଖିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)-** ସଦର ବ୍ଲକ ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଦାସ ଅବସର ନେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଦ୍ୟାଳୟର ଉପଦେଷ୍ଟା କମିଟିର ବରିଷ୍ଠ ସଦସ୍ୟ କ୍ଷିରୋଦ ଚନ୍ଦ୍ର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷକ ସଂଘ ନେତା ମୁକୁନ୍ଦ ଚରଣ ସାହୁ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଏସଏମଆର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧାପକ ଅମୀୟ କୁମାର ସାମନ୍ତରାୟ ଯୋଗଦେଇ ଅକ୍ଷୟ ଦାସଙ୍କ ଛାତ୍ରବତ୍ସଳ ମନୋଭାବ ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ କମିଟି ସଦସ୍ୟ ସଞ୍ଜୟ କୁମାର ପଣ୍ଡା, ମାନସ ରଞ୍ଜନ ମିଶ୍ର, ରାଜଶ୍ରୀ ଦାସ, ଭୋଳାନାଥ ମହାନ୍ତ, ଦେବବ୍ରତ ରଣା ପ୍ରମୁଖ ଯୋଗଦେଇଥିଲେ।

# ୬ ଲକ୍ଷ ଲୁଟ୍‌ର ପର୍ଦ୍ଦାଫାଶ, ୪ ଗିରଫ

**ବଡବିଲ, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପଞ୍ଚବଟୀ ରେସିଡେନ୍ସି ବ୍ଲକ-ଏ ରେ ରହୁଥିବା ବିନୀତ ବଂଶଲଙ୍କ ଘରୁ ଗତ ଗୁରୁବାର ରାତିରେ ବନ୍ଧୁକ ମୁନରେ ମରଣାନ୍ତକ ଆକ୍ରମଣ କରି ନଗଦ ୬ ଲକ୍ଷ ଟଙ୍କା, ସୁନାଚେନ ଲୁଟ୍‌ର ୪୮ ଘଣ୍ଟା ମଧ୍ୟରେ ପୋଲିସ ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳତା ଲାଭ କରିଛି। ପୋଲିସ ଏହି ଘଟଣାରେ ବିନୀତଙ୍କ ଗାଡି ଡ୍ରାଇଭର ଶ୍ରୀପତି ମହାନ୍ତ, ଆପାର୍ଟମେଣ୍ଟର ଅନ୍ୟ ଏକ ଗାଡିର ଡ୍ରାଇଭର ସିକନ୍ଦର ବେହେରା, ସୁରକ୍ଷାକର୍ମୀ ଉମାକାନ୍ତ ମହାନ୍ତ ଓ ମୂରଲି ମହାନ୍ତଙ୍କୁ ଗିରଫ କରିଛି। ଏହି ଲୁଟ ଘଟଣାରେ ବ୍ୟବହୃତ ହୋଇଥିବା ଓଆର୧୪କେ୭୬୭୪ ନମ୍ବର ବିଶିଷ୍ଟ ବାଇକ, ସିଙ୍ଗଲ ସଟ୍ ଦେଶୀ ବନ୍ଧୁକ, ଏକ ଭୁଜାଲି ସହ ଲୁଟ କରିଥିବା ନଗଦ ୨ ଲକ୍ଷ ୨୪ ହଜାର ଟଙ୍କା ଓ ସୁନାଚେନକୁ ଜବତ କରିଥିବା ଶନିବାର ସନ୍ଧ୍ୟାରେ ଏକ ପ୍ରେସ ମିଟରେ ଏସଡିପିଓ ରାହୁଲ ଜୈନ ସୂଚନା ଦେଇଛନ୍ତି।



ଗିରଫ ୪ ଅଭିଯୁକ୍ତ ସହ ନଗଦ ୨ଲକ୍ଷ ୨୪ ହଜାର ଟଙ୍କା।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଘଟଣାକ୍ରମଥିଲା ଏହିପରି, ବଡବିଲ ପିଏଚଡି କାଳନ୍ଦି ସାହି ଅଞ୍ଚଳରେ ରହୁଥିବା ଶ୍ରୀପତି ମହାନ୍ତ ଅଭିଯୋଗକାରୀ ବିନୀତଙ୍କ ଗାଡି ଡ୍ରାଇଭରଭାବେ ଝୁମ୍ପୁରା ଥାନା ବାଲିବନ୍ଧ ଗ୍ରାମର ସିକନ୍ଦର ବେହେରା ଥିଲେ। ସେହି ଆପାର୍ଟମେଣ୍ଟର ଅନ୍ୟ ଏକ ଗାଡିର ଡ୍ରାଇଭର ଭାବେ ଏବଂ ବଡବିଲ ଥାନା କାଶିଆ(କ) ଗ୍ରାମର ଉମାକାନ୍ତ ମହାନ୍ତ ଓରଫ୍ ବୁଟୁରୁ ପଞ୍ଚବଟୀ ରେସିଡେନ୍ସି ଆପାର୍ଟମେଣ୍ଟରେ ସୁରକ୍ଷାକର୍ମୀ ଭାବେ ନିୟୋଜିତ ଥିଲେ। ତିନିଜଣ ମିଶି ଗତ ୩ ମାସ ଧରି ଟଙ୍କା ଲୁଟ ପାଇଁ ଯୋଜନା କରିଥିଲେ। ଏହି ଲୁଟ ଯୋଜନାରେ ବଡବିଲ ସାନ୍ତବାହାଲ ଗ୍ରାମର ମୂରଲି ମହାନ୍ତ ମୋଟେ ସାମିଲ ଥିଲେ। ଲୁଟ ପୂର୍ବରି ଆପାର୍ଟମେଣ୍ଟରେ ଲାଗିଥିବା ସିସି କ୍ୟାମେରାକୁ ପ୍ରଥମେ ଅକାମୀ କରିଦେଇଥିଲାବେଳେ ବିନୀତଙ୍କ ଘରକୁ କେବେ ଟଙ୍କା ଆସୁଛି ତା'ର ତଥ୍ୟ ସଂଗ୍ରହ କରିଥିଲେ। ତେବେ ଗୁରୁବାର ରାତିରେ ବିନୀତଙ୍କ ପରିବାରଙ୍କୁ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗାଡିରେ ନେବା ପୂର୍ବରୁ ଯୋଜନା ଅନୁଯାୟୀ, ଡ୍ରାଇଭର ଶ୍ରୀପତି ଏବଂ ଅନ୍ୟ ୩ ଦୁର୍ବୃତ୍ତ ମିଶି ଏହି ଲୁଟ ସଫଳ କରିଥିଲେ। ତେବେ ଲୁଟ ଘଟଣା ପରେ ପୋଲିସ ପକ୍ଷରୁ ଏ ନେଇ ୩୧ ତାରିଖ ରାତିରେ ବଡବିଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବଡବିଲ ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ଓ ଏସଆଇ ଶ୍ରୀକାନ୍ତ ସାହୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସଡିପିଓ ଜୈନ ସୂଚନା ଦେଇଛନ୍ତି।

- ପ୍ରେସ ମିଟରେ ସୂଚନା ଦେଲେ ଏସ୍‌ଡିପିଓ
- ସମ୍ପୃକ୍ତ ଅଛନ୍ତି ଆପାର୍ଟମେଣ୍ଟର ସୁରକ୍ଷା କର୍ମୀ, ଦୁଇ ଡ୍ରାଇଭର

# ବାଇକ୍‌ରେ ବ୍ୟବସାୟ

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)**

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏଭଳି ଦୃଷ୍ଟାନ୍ତ ସାଜିଛନ୍ତି ସଦର ବ୍ଲକ ରଥମରା ଗ୍ରାମର ଚାଷୀ ବାସୁଦେବ ମୁଣ୍ଡା । ଦୈନିକ ନିଜ ବାଇକରେ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଧରି ବାଂଶପାଳ ବ୍ଲକ ଶୁଆକାଠି ଖଣି ଅଞ୍ଚଳକୁ ଯାଇ ଘର ଘର ବୁଲି ବିକିଥାନ୍ତି। ଦୀର୍ଘ ୩/୪ ବର୍ଷ ହେଲା ଏଭଳି ବ୍ୟବସାୟ କରି ପରିବାର ଗୁଜୁରାଣ କରୁଥିବା କହିଛନ୍ତି। ଘର ପାଖରେ ସୁବିଧାରେ ଓ ଠିକ ଦାମରେ ସଜ ପନିପରିବା ଓ ଅନ୍ୟାନ୍ୟ ସମାଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇଲେ ଖୁସିରେ କିଣିଥାନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ୨ ପୁଅ ଅଛନ୍ତି। ୨ ପୁଅ ଗ୍ରାମ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଧାନ ଚାଷ ବ୍ୟତୀତ ସେ ପନିପରିବା ଚାଷ କରନ୍ତି। ଏହି ବ୍ୟବସାୟରୁ ଦୈନିକ ସମସ୍ତ ଖର୍ଚ୍ଚ ଯାଇ ୫ ଶହ ଟଙ୍କା ପର୍ଯ୍ୟନ୍ତ ଲାଭ ପାଉଥିବା କହିଛନ୍ତି। ଲୋକ ମାନେ ପରିବା ପାଇଁ ଅପେକ୍ଷା କରିଥାନ୍ତି। ଏଣୁ ପ୍ରାୟ ସବୁଦିନ ଯିବାକୁ ପଡିଥାଏ । ଅନେକ ସମୟରେ ଲୋକଙ୍କ ଚାହିଦା ମୁତାବକ ପରିବା ଓ ସାମଗ୍ରୀ ନେବାକୁ ପଡିଥାଏ । ଆଜିକାଲି ହାଟ ବଜାରରେ ବହୁ ସଂଖ୍ୟାରେ ଚାଷୀ ଆସୁଥିବାରୁ ପନିପରିବା ବିକିବା ପାଇଁ ଏକ ପ୍ରକାରର ପ୍ରତିଯୋଗିତା ହୋଇଥାଏ । ଅନେକ ସମୟରେ ପରିବା ବିକ୍ରି ହୋଇ ନ ପାରି ନଷ୍ଟ ହୋଇଥାଏ । ଏଣୁ ଘରେ ଘରେ ବସିବା ଅପେକ୍ଷା ଏବଂ ହାଟ ବଜାରରେ ଗ୍ରାହକଙ୍କୁ ଅପେକ୍ଷା ନ କରି ପାଖକୁ ଯାଇ ପରିବା ବିକିବା ସୁବିଧା ବୋଲି ଅନେକ କୁହନ୍ତି। ଆଧୁନିକ ଯୁଗରେ ଅନଲାଇନ ସପିଂ ବ୍ୟବସ୍ଥାରେ ଘରେ ଥାଇ ଲୋକ ମାନେ ସମସ୍ତ ମନ ପସନ୍ଦ ସାମଗ୍ରୀ ପାଇପାରୁଛନ୍ତି। ଏଣୁ ଏଭଳି ବ୍ୟବସ୍ଥାରେ ବାଇକ ଦ୍ୱାରା ଘର ପାଖରେ ପରିବା ପକାଇବା ନୂଆ କୌଶଳ। ଅନେକ ଯୁବ ଚାଷୀ ଓ ବ୍ୟବସାୟୀ ମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ପ୍ରକାଶ ପାଉଛି । ମାଛ, ଶୁଖୁଆ, ଷ୍ଟେଶନାରୀ ସାମଗ୍ରୀ, ବାସନକୁସନ ଆଦି ମଧ ବହୁ ବାଇକ ବା ସାଇକେଲରେ ବୁଲି ଘର ଘର ଗାଁ ଗାଁ ବୁଲି ବିକ୍ରି ହେଉଛି । ଯାହାକୁ ବହୁ ପୁରୁଣା ଫେରିବାଲା ପରମ୍ପରାକୁ ଉଜ୍ଜୀବିତ କରିଛି।



ବାଇକରେ ପନିପରିବା ବିକାଳି ବାସୁଦେବ।

# ସମ୍ପୂର୍ଣ୍ଣ ହୋଇପାରୁନି ପ୍ରକଳ୍ପ

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)**

ପ୍ରଶାସନିକ ଅବହେଳା ଯୋଗୁଁ କେନ୍ଦୁଝର ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଥିବା ପ୍ରକଳ୍ପର ନିର୍ମାଣ ହୋଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଅନେକ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇ ପାରିନାହିଁ, ଫଳରେ ଅଯଥା ସରକାରଙ୍କୁ ଅଡୁଆରେ ପକାଉଛି । ଏଭଳି ସହର ମଣ୍ଡୁଆ ନିକଟ ଅରଡେଇ ନଦୀ କୂଳରେ ନିର୍ମାଣଧୀନ ଜିଲା ସଂସ୍କୃତି ଭବନ, ଶିଶୁ ଉଦ୍ୟାନ ଠାରେ ନିର୍ମାଣଧୀନ ଅଡିଟୋରୟମ, ବ୍ରାହ୍ମଣୀଗାଁ ଠାରେ ନିର୍ମାଣାଧୀନ ୧୦୦ ସିଟ ବିଶିଷ୍ଟ ମେଡିକାଲ କଲେଜ ଓ ଡାକ୍ତରଖାନା ଆଦିର ଅଗ୍ରଗତିକୁ ଦେଖିଲେ ବେଶ ଅନୁମାନ କରିହେବ। ଏହି ସବୁ ପ୍ରକଳ୍ପ ନିର୍ମାଣ ଶେଷ ହୋଇପାରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗୁଛି । ସେହିପରି କେନ୍ଦୁଝର ସହରର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ମଧ ସରିନାହିଁ । ସେହିପରି ଶୁଆକାଠି-ଦୁବୁନା ରାସ୍ତାରେ ଛାମୁଣ୍ଡା ନାଳ ଉପରେ ଦୁଇଟି ପୋଲ ନିର୍ମାଣ କାର୍ଯ୍ୟ ସରିପାରି ନ ଥିବା ଜଣାପଡିଛି । ବୋଦାପଲସା ରାସ୍ତାରେ ଅରଡେଇ ନଦୀର ପୋଲ ଓ ସୁଲେଇଖମାର ଠାରେ ନିର୍ମାଣାଧୀନ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ନିର୍ମାଣର ମନ୍ଥର ଅଗ୍ରଗତିକୁ ଯୋଗୁଁ କାମ ଶେଷ ହେବାରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି । ସମସ୍ତ କାମର ଅଗ୍ରଗତି ସମୀକ୍ଷା କରାଯାଉଛି କିନ୍ତୁ ପୂରଣ କରିବା ନେଇ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ଫଳରେ ସରକାରଙ୍କ ଅର୍ଥ ଖର୍ଚ୍ଚ ହୋଇ ପାରୁନାହିଁ ଏବଂ ଲୋକ ମାନେ ଉପକୃତ ହୋଇ ପାରୁନାହାନ୍ତି ବୋଲି ସଚେତନ ନାଗରିକ ମାନେ ମତବ୍ୟକ୍ତ କରୁଛନ୍ତି।

### ସ୍କାଉଟ୍ସ, ଗାଇଡ୍ସ ରାଜ୍ୟ ପୁରସ୍କାର କ୍ୟାମ୍ପ ଉଦ୍‌ଘାଟିତ

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜିଲା ଭାରତ ସ୍କାଉଟ୍ସ, ଗାଇଡ୍ସ ରାଜ୍ୟ ପୁରସ୍କାର କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଜିଲା ସ୍କାଉଟ ଗାଇଡ ମୁଖ୍ୟ କମିଶନର ତଥା ଜିଲା ଶିକ୍ଷାଅଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ କ୍ୟାମ୍ପର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିବାବେଳେ ଓଡିଶା ସ୍କାଉଟ ଯୁଗ୍ମ ସମ୍ପାଦକ ମିହିର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନିଆ କ୍ୟାମ୍ପ ପରିଚାଳନା ହେବ ବୋଲି ସୂଚନା ଦେଇଥିଲେ । ଜିଲା ସ୍କାଉଟ କମିଶନର ତଥା ମୋତିବନ୍ଧ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶୀଲ କୁମାର ନାୟକ, ଜିଲା ସ୍କାଉଟ କମିଶର ଲୀଳା ପଡିଆରୀ ଏବଂ ଜିଲା ସ୍କାଉଟ ଗାଇଡ ସମ୍ପାଦକ ତଥା ଜିଲା କ୍ରୀଡା ନିରୀକ୍ଷକ ସରଗାର ବାରିକ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ୟାମ୍ପର ଜିଲାର ବିଭିନ୍ନ ବିଦ୍ୟାଳୟର ୬୦ ଜଣ ସ୍କାଉଟ ୪୩ ଜଣ ଗାଇଡ ରାଜ୍ୟ ପୁରସ୍କାର ପାଇଁ ପରୀକ୍ଷା ଦେଉଛନ୍ତି। ଏହି କ୍ୟାମ୍ପରେ ସ୍କାଉଟ ମାଷ୍ଟର ଫକୀର ମହାନ୍ତ, ଗୁରୁଦେବ ମହାନ୍ତ, ଆନନ୍ଦ ଚନ୍ଦ୍ର ଘଡେଇ, କ୍ୟାପ୍ଟେନ ଭାବେ ସଂଯୁକ୍ତା ନାଥ, ନିରୁପମା ମହାନ୍ତ ଓ ଶ୍ରଦ୍ଧାଞ୍ଜଳି ମହାନ୍ତ ଯୋଗ ଦେଇଥିଲେ ।

# ସର୍ବଶିକ୍ଷା ଅଭିଯାନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ସାମିଲ ଥିବା କର୍ମଚାରୀ।

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)**

ସ୍ଥାୟୀ ନିଯୁକ୍ତି ଦାବିରେ ସର୍ବଶିକ୍ଷା ଅଭିଯାନର କେନ୍ଦୁଝର ଜିଲାରେ କାର୍ଯ୍ୟରତ କର୍ମଚାରୀ ମାନେ ଶୁକ୍ରବାର ଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗ ଦେଇ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଏହି ଆନ୍ଦୋଳନ ଚାଲିଥିବା ଜଣାପଡିଛି । ଏନେଇ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଦାବିପତ୍ର ଦେଇ ଏହି ଆନ୍ଦୋଳନରେ ବସିଥିବା ଜଣାପଡିଛି । ଏହି ଆନ୍ଦୋଳନ ରାଜ୍ୟ ସଂଘ ଡାକରାରେ ରାଜ୍ୟବ୍ୟାପୀ ଚାଲିଥିବା ଜଣାପଡିଛି। ଦାବି ପୂରଣ ନ ହେଲେ ଆସନ୍ତା ୪ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟର ସମସ୍ତ କର୍ମଚାରୀ ଗଣଧାରଣାରେ ସାମିଲ ହେବେ ବୋଲି କହିଛନ୍ତି। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ସର୍ବ ଶିକ୍ଷା ଅଭିଯାନ ଅଧିନରେ ବିଭିନ୍ନ ପଦପଦବୀରେ କାମ କରିଆସୁଥିଲେ ହେଁ ଅଦ୍ୟାବଧି ସ୍ଥାୟୀ କରାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ରାଜ୍ୟ ସ୍ତରରେ ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚୀବ ଓ ଓପେପା ନିର୍ଦ୍ଦେଶକ ଙ୍କୁ ଦାବି ପତ୍ର ଦେଇଆସୁଥିଲେ ହେଁ ଦାବି ପୂରଣ ନ ହେବାରୁ ଏଭଳି ଆନ୍ଦୋଳନ ରାଜ୍ୟବ୍ୟାପୀ କରାଯାଇଥିବା କର୍ମଚାରୀ ମାନେ କହିଛନ୍ତି।

■ ନିଃସ୍ୱାର୍ଥପର ସେବାର ଆଉ ଏକ ଉଦାହରଣ

# ଟ୍ରାଫିକ୍ ଡ୍ୟୁଟି କରୁଛନ୍ତି କେଶବ, ଯୋଗେନ୍ଦ୍ର

**ଚମ୍ପୁଆ, ୨।୨(ଡି.ଏନ.ଏ.)**

ଓଡିଶା ମାନଚିତ୍ରରେ ଦୁର୍ଘଟଣାପ୍ରବଣ ଜିଲା ଭାବରେ କେନ୍ଦୁଝର ଜିଲା ପରିଚିତ ହୋଇଥିବା ବେଳେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇ ଜନ ସାଧାରଣଙ୍କୁ ସଚେତନତା କରାଯାଉଛି। ଏହି ଦୁର୍ଘଟଣାକୁ ପ୍ରତିହିତ କରିବା ପାଇଁ ଆଗକୁ ଆସିଛନ୍ତି କାନ୍ତିଆସୁଳା ଗ୍ରାମର ୬୫ ବର୍ଷୀୟ କେଶବ ଓ ୪୫ ବର୍ଷର ଯୋଗେନ୍ଦ୍ର। ତାଙ୍କର ଏହି ନିଃସ୍ୱାର୍ଥପର ସେବା ଜନମାନସକୁ ସ୍ତମ୍ଭୀଭୂତ କରିଛି। ସକାଳ ୬ରୁ ସଞ୍ଜ ନଇଁବା ପର୍ଯ୍ୟନ୍ତ ଏହି ୨ ଜଣ ପର୍ଯ୍ୟାୟକ୍ରମରେ ନାଲି ପତାକା ଲାଗିଥିବା ଏକ ବାଡିଧରି ବାଇକ ଚାଳକଠାରୁ ଆରମ୍ଭ କରି ଗାଡି ଚାଳକ ମାନଙ୍କୁ ସଚେତନ କରିଥାନ୍ତି। ଟ୍ରାଫିକ ନିୟମ ମାନି ଚାଲିବାକୁ ଏକ ପ୍ରକାର ବାଧ କରିଦିଅନ୍ତି ଉଭୟ। ଜାନୁୟାରୀ ୧୩ ତାରିଖରୁ ମକର ଯାତ୍ରାଠାରୁ ବ୍ୟସ୍ତବହୁଳ ହୋଇପଡିଥିବା ଏହି ଛକର ଟ୍ରାଫିକ ଦାୟିତ୍ୱ ତୁଲାଇଆସୁଛନ୍ତି। ଲୋକଙ୍କୁ ସଚେତନ କରିବା ଓ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ପାଇଁ ଏମାନେ ଦୁଇ ଜଣ ନିଜ ସମୟ ଉପଯୋଗ କରି ଚାଲିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଏମାନଙ୍କ ସେବା ଆଜି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି।



ଟ୍ରାଫିକ୍ ପୋଷ୍ଟରେ କେଶବ, ଯୋଗେନ୍ଦ୍ର।

# ଚନ୍ଦ୍ରଶେଖର ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଚମ୍ପୁଆ, ୨।୨(ଡି.ଏନ.ଏ.)**

ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡମ୍ବୁରୁଧର ମହାନ୍ତ ଯୋଗ ଦେଇ ପତାକା ଉତ୍ତୋଳନ ପୂର୍ବକ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ପ୍ରଧାନ ଯୋଗଦେଇ ବାର୍ଷିକ କ୍ରୀଡାର ମହତ୍ୱ ଓ ଏହାର ଆବଶ୍ୟକତା ଉପରେ ମତ ରଖିଥିଲେ। ମୁଖ୍ୟଅତିଥି ମହାନ୍ତ ଶାରିରୀକ ଓ ମାନସିକତା ଉପରେ କ୍ରୀଡ଼ାର ପ୍ରଭାବ ସହିତ ଦୈନନ୍ଦିନ ଜୀବନରେ ଏହା ପ୍ରତ୍ୟେକ ବର୍ଗପାଇଁ ନିହାତି ଜରୁରି ବୋଲି ମତ ରଖିଥିଲେ। ଏହି ମହାବିଦ୍ୟାଳୟକୁ ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ପରିଚୟ ଦେଇଥିବା ପୁରାତନ ଛାତ୍ର ଶିରପାଣି ମହାନ୍ତ, କୃଷ୍ଣ ଚନ୍ଦ୍ର ପଶାୟତ ଓ ରଜନି ଖିଲାରଙ୍କ ଉଦାହରଣ ଦେଇ ଛାତ୍ରୀଛାତ୍ର ମାନେ ତାଙ୍କୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାର୍ଷିକ କ୍ରୀଡ଼ାରେ ଉଭୟ ବାଳିକ ଓ ବାଳକ ଏଥିରେ ଭାଗ ନେଇଥିଲେ। ଏହି କ୍ରୀଡାକୁ କ୍ରିଡା ସଂସଦର ଉପସଭାପତି ପୁର୍ଣ୍ଣଚନ୍ଦ୍ର ଗିରି ପରିଚାଳନା କରିଥିବା ବେଳେ ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଖିଲାପୀ କୋର୍ଟରେ ହାଜର, କିନ୍ତୁ ବିଚାର ନୋହିଲା

**କେନ୍ଦୁଝର, ୨।୨ (ସ୍ୱ.ପ୍ର.)**

ଖଣି ଜରିମାନା ଦେବାରେ ଖିଲାପ କରିଥିବା ଖଣି ଲିଜଧାରୀଙ୍କ ବିରୋଧରେ ସମ୍ପତ୍ତି ବାଜ୍ୟାପ୍ତି ମାମଲା ଜିଲାପାଳଙ୍କ କୋର୍ଟରେ ଚାଲିଛି। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ଶନିବାର ହେବାକୁ ଥିବା କୋର୍ଟରେ ଶୁଣାଣି ହୋଇପାରିନଥିଲା । ୮ ଖଣି ସଂସ୍ଥାକୁ ହାଜର ହେବାକୁ ନୋଟିସ କରାଯାଇଥିଲା । ସେମାନେ ହେଲେ ସାରଦା, ମାଲା ରାୟ, ନାରାୟଣୀ ଆଣ୍ଡ ସନ୍ସ, ଅର୍ଜୁନ ଲୋଧା, ଏସସି ପ୍ରଧାନ, ଫେକର, ଏସଏନ ଦାସ ମହାପାତ୍ର ବୋଲି ଜଣାପଡିଛି । ଶନିବାର ୫ ଖଣି ସଂସ୍ଥାର ପ୍ରତିନିଧି ଯୋଗ ଦେଇଥିବା ବେଳେ ଏକ ସଂସ୍ଥା ୧୦ ଲକ୍ଷ ଟଙ୍କା ଫାଇନ ଜମା କରିଛି। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁଁ କ୍ରମାଗତ ତାରିଖରେ କୋର୍ଟ ଚାଲିପାରୁ ନ ଥିବାରୁ ବିଚାରରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। କେତେକ ସଂସ୍ଥା ଆସି ଫେରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଥିବା ଆଲୋଚନା ହେଉଛି ।

# ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ହାଟଡିହୀ, ୨।୨(ସ୍ୱ.ପ୍ର.)**

ହାଟଡିହୀ ବ୍ଲକ ଶିକ୍ଷାଧିକାରୀ ଗୁଣନିଧି ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଅଳ୍ପ ଦିନ ମଧ୍ୟରେ ହାଟଡିହୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀଙ୍କ ମନ କିଣିନେଇଥିଲେ। ଏକ ଆଡମ୍ବର ପୂର୍ଣ୍ଣ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଇଓ କେନ୍ଦୁଝର କପିଳେନ୍ଦ୍ର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମନାଭ ନାୟକ, ଏବିଇଓ ଧନେଶ୍ୱର ଖଣ୍ଡେଇ, ତପୋଧନ ସ୍ୱାଇଁ, ସୁରେଶ ଯେନା ମଞ୍ଚାସୀନ ଥିଲେ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ପ୍ରଜ୍ଞାଦୀପ୍ତ ଶିକ୍ଷାଦାନ ପ୍ରଣାଳୀ, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତାର ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଗୁଣନିଧିଙ୍କ ଗୁଣ ଗାନରେ ସଭାସ୍ଥଳୀଟି ଉଚ୍ଛୁଳି ଉଠିଥିଲା । ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ର ଓ ଗୋଷ୍ଠୀ ଶିକ୍ଷାଧିକାରୀ କର୍ମଚାରୀ ମାନଙ୍କ ତରଫରୁ ଉତ୍ତରୀୟ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ହାଟଡିହୀ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମଧ ମାନ ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ବିଇଓ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

# ଆଦେଶ ମାନୁନି ଟାୱାର କମ୍ପାନୀ, ବଢୁଛି ଅସନ୍ତୋଷ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ମାଇନିଂ ରୋଡ ସ୍ଥିତ ଗାୟତ୍ରୀ ମନ୍ଦିର ନିକଟରେ ପ୍ଲଟ ନମ୍ବର ୨୧୩ରେ ନିର୍ମାଣ ହୋଇଥିବା ମୋବାଇଲ ଫୋନ ଟାୱାରକୁ ନେଇ ବିବାଦ ଦେଖାଦେଇଛି। ଏହି ଟାୱାର ବିନା ଅନୁମତିରେ ନିର୍ମାଣ କରାଯାଇଥିଲେ ହେଁ ପୌରପାଳିକା ଓ ଟାଉନ ପ୍ଲାନିଂ ପ୍ରାଧୀକରଣ ପକ୍ଷରୁ ଉଚ୍ଛେଦ କରାଯାଉନାହିଁ। ପୌରପାଳିକା ପକ୍ଷରୁ ସାଧାରଣ ଲୋକଙ୍କ ଜବରଦଖଲ ବା ବେଆଇନ ନିର୍ମାଣକୁ ଉଚ୍ଛେଦ କରି ବାଃ ବାଃ ନେଉଥିବା ବେଳେ ଏଭଳି କ୍ଷେତ୍ରରେ ଉଚ୍ଛେଦ ନ କରି ଥାନାରେ ଏତଲା ଦେଇ କମ୍ପାନୀକୁ ନୋଟିସ ଦେଇ ଚୁପ ବସିଥିବାରୁ ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିର୍ମାଣ ସ୍ଥଳୀ ନିକଟରେ ପ୍ଲେ ସ୍କୁଲ, ଗାୟତ୍ରୀ ମନ୍ଦିର, ଚକ୍ଷୁ ଚିକିତ୍ସାଳୟ ତଥା ଜନବସତି ରହିଛି । ସେହିପରି ଏହି ଟାୱାର ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଠାରୁ କୌଣସି ମତାମତ ନିଆଯାଇ ନ ଥିବା ଅଭିଯୋଗ ହୋଇଛି ।

ଏପରିକି ଜନବସତି ଅଞ୍ଚଳରେ ନିର୍ମାଣ ହେଉଥିବା ଟାଓାର ନିର୍ମାଣ ବନ୍ଦ କରିବା ପାଇଁ ସ୍ଥାନୀୟ ସିଭିଲ କୋର୍ଟ ପକ୍ଷରୁ ନିର୍ଦ୍ଦେଶ କରାଯାଇଥିଲେ ହେଁ ଅବମାନନା କରାଯାଇ ନିର୍ମାଣ କରାଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନଥିବା ଆବେଦନକାରୀ ସୁଧାଂଶୁ ଶେଖର ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବେଆଇନ ଭାବେ ନିର୍ମାଣ କୁ ନେଇ ଜିଲାପାଳ, ଏସପି, ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ହୋଇଥିଲା। ବେଆଇନ ନିର୍ମାଣ ହୋଇଥିବାରୁ ପୌରପାଳିକା ପକ୍ଷରୁ ଉକ୍ତ କମ୍ପାନୀକୁ ୭ ଦିନ ମଧ୍ୟରେ ୨୫ ହଜାର ଜରିମାନା ଦାଖଲ କରିବା ସହ ନିର୍ମାଣ ବନ୍ଦ କରିବାକୁ ଆଦେଶ କରିଥିଲେ। କିନ୍ତୁ ଏହାକୁ ବେଖାତିର କରି କମ୍ପାନୀ ଟାୱାର ନିର୍ମାଣ କରିଥିଲେ ହେଁ ପୌରପ୍ରଶାସନ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସ୍ଥାନୀୟ ଲୋକ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦିନତମାମ ଜେନେରେଟର ଚାଲୁଥିବାରୁ ବିଶେଷ କରି ରୋଗୀ ଓ ବୃଦ୍ଧାବୃଦ୍ଧ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ ପ୍ରଶାସନ ଠାରୁ ନ୍ୟାୟ ନ ମିଳିଲେ ବାଧ ହୋଇ ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହେବା ସହ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ଜନବସତିରେ ମୋବାଇଲ ଟାୱାର।